READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524




କଳିଙ୍ଗ ଷ୍ଟାଡିୟମରେ ସମ୍ବର୍ଦ୍ଧିତ ହେବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଟୋକିଓ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ପ୍ରମୋଦ ଭଗତ।

ବର୍ଷ-୫ ସଂଖ୍ୟା-୩୫ ୧୩ - ୧୯ ସେପ୍ଟେମ୍ବର, ୨୦୨୧ ଭୁବନେଶ୍ୱର Monday Weekly VOL-5 ISSUE-35 13th - 19th SEPTEMBER, 2021 BHUBANESWAR ₹ 5/- (8 Pages)

# ଆଉ ଜଣେ ଦାନ ମାଝୀର ପେଡି ଖୋଲିଲା




**ଜଗତ୍‌ସିଂହପୁର,(ଜ୍ୟୋତିରଞ୍ଜନ ପଟ୍ଟନାୟକ) :** ଢେଙ୍କାନାଳ ଜିଲ୍ଲାର ଦାନ ମାଝୀ ନିଜ ସ୍ତ୍ରୀର ଶବକୁ ନେବା ପାଇଁ କଟକ ଏସ୍.ସି.ବି.ରେ ଷ୍ଟ୍ରେଚର ଖଣ୍ଡେ ନମିଳିବାରୁ ନିଜ କାନ୍ଧରେ ବୋହି ନେବା ଘଟଣା ରାଜ୍ୟ ନୁହେଁ ସମଗ୍ର ବିଶ୍ୱରେ ଏକ ଚହଳ ପରିସ୍ଥିତି ସୃଷ୍ଟି କରିଥିଲା। ଠିକ୍‌ସେହିପରି ଜଗତ୍‌ସିଂହପୁର ଜିଲ୍ଲାର ଦୃଷ୍ମନ୍ତ ଦାସ ବଡ଼ ଡାକ୍ତରଖାନାରୁ ଚିକିତ୍ସାରେ ଅବହେଳାକୁ ନେଇ ବିଧାନସଭା ସମ୍ମୁଖରେ ଆତ୍ମହତ୍ୟା ଉଦ୍ୟମ ଘଟଣା ରାଜ୍ୟକୁ ଦୋହଲାଇ ଦେଇଛି। ଶ୍ରୀ ଦାସ ହାତ କାଟି ଓ ବିଷ ପିଇ ପୋଲିସ୍ ଦ୍ୱାରା ଉଦ୍ଧାର ହୋଇ କ୍ୟାପିଟାଲ୍ ହସପିଟାଲକୁ ପଠାଯାଇଥିଲା କିନ୍ତୁ ସେଠାରେ ଅବସ୍ଥା ଗୁରୁତର ହେବାରୁ କଟକକୁ ସ୍ଥାନାନ୍ତର କରାଯାଇଥିଲା ତା'ର ସମସ୍ତ ଉଦ୍ୟମ ଶେଷରେ ପୁରୀ ସ୍ୱର୍ଗଦ୍ୱାରରେ ଭସ୍ମିଭୂତ ହୋଇଯାଇଥିଲା। କୁଜଙ୍ଗ, ପଙ୍କପାଳ ଅଞ୍ଚଳର ଦୃଷ୍ମନ୍ତ ଦାସ ଏକ ଶଡକ ଦୁର୍ଘଟଣାରେ ଆହତ ହୋଇ ନିଜ ବାମ ଗୋଡଟିରେ ଗଭୀର ଆଘାତ ହୋଇଥିଲା ଫଳରେ କଟକ ଏସ୍.ବି. ମେଡିକାଲ କଲେଜରେ ଚିକିତ୍ସିତ ହେଉଥିଲା। ଡାକ୍ତରମାନେ ଗୋଡଟିର ଅସ୍ତ୍ରୋପଚାର କରିଥିଲେ ହେଲେ ସେଥିରେ ଭଲ ନହେବାରୁ ଗୋଡଟି ଅଚଳ ହୋଇଯିବାକୁ ଲାଗିଥିଲା। କଟକ ଡାକ୍ତରଖାନାର ଡାକ୍ତରମାନଙ୍କ ଅବହେଳାରୁ ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରିବେର୍ତ୍ତେ ଅକ୍ଷମ ହୋଇଯାଇଥିଲେ। ଶ୍ରୀ ଦାସଙ୍କ ପରିବାରରେ କେହି ରୋଜଗାର କ୍ଷମ ନଥିବାରୁ ଓ ଆର୍ଥିକ ପରିସ୍ଥିତି ଭଲ ନଥିବାରୁ ଅନ୍ୟ କୌଣସି ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେବା ପାଇଁ ତାଙ୍କ ପକ୍ଷରେ ସମ୍ଭବ ହୋଇନଥିଲା। ସେ ଯେତେଦିନ କଟକ ବଡ଼ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ ସେତେବେଳେ ତାଙ୍କୁ କୌଣସି ଆର୍ଥିକ ସହାୟତା କରାଯାଉନଥିଲା କି ରାଜ୍ୟସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସେଠାରେ କାର୍ଯ୍ୟକାରୀ ହେଉନଥିଲା ଫଳରେ ସେ ଆର୍ଥିକ ଅଭାବରୁ ବାରଣ୍ଡାରେ ପଡି ରହି ଡାକ୍ତରମାନଙ୍କ ଅସ୍ତ୍ରୋପଚାର ଘଟଣାରେ ତ୍ରୁଟିପୂର୍ଣ୍ଣ ଦର୍ଶାଇ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ସୋସିଆଲ ମିଡିଆରେ ତାଙ୍କର ଗୁହାରି ଜଣାଇଥିଲେ ତାଙ୍କୁ ରାଜ୍ୟ ସରକାର, ବିରୋଧୀଦଳ କିମ୍ବା ଡାକ୍ତରଖାନାର କର୍ତ୍ତୃପକ୍ଷ କୌଣସି ଗୁରୁତ୍ୱ ଦେଇନଥିଲେ। ➤ ପୃ-୬

**ନିଷ୍ପତ୍ତି ବଦଳାଇବାକୁ ରାଜି ହେଲେନି ସରକାର**

# ବଢ଼ିବନି ମୂର୍ତ୍ତି ଉଚ୍ଚତା




**ଭୁବନେଶ୍ୱର :** ବଢ଼ିବନି ମୂର୍ତ୍ତିର ଉଚ୍ଚତା। ଅର୍ଥାତ୍ ସେହି ମୂର୍ତ୍ତିର ଉଚ୍ଚତା ୪ ଫୁଟୋରେ ସୀମିତ ରହିବ। ଏ ନେଇ ଏକ ପ୍ରେସ ବାର୍ତ୍ତାରେ ସୂଚନା ଦେଇଛନ୍ତି ଏସ୍‌ଆରସି ପ୍ରଦୀପ ଜେନା। ମୂର୍ତ୍ତି ଉଚ୍ଚତା ବିବାଦକୁ ନେଇ କିଛି ଦିନ ତଳେ କଟକର ଲୋକ ପ୍ରତିନିଧି ଓ ପୂଜା କମିଟି ସରକାରଙ୍କ ସହ ଆଲୋଚନା କରିଥିଲେ। ସରକାର ମଧ ଦୁଇ ଦିନ ଭିତରେ ଏ ନେଇ ନିଷ୍ପତ୍ତି ନେବେ ବୋଲି କହିଥିଲେ। ଆଜି ରାଜ୍ୟ ସରକାର ପୂଜା ପାଇଁ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ମୂର୍ତ୍ତି ଉଚ୍ଚତାକୁ ୪ ଫୁଟରେ ସୀମିତ ରଖିବା ନିଷ୍ପତ୍ତିରେ ରାଜ୍ୟ ସରକାର ବଳବତ୍ତର ରହିଛନ୍ତି। ଅର୍ଥାତ୍ ପୂଜାରେ ମୂର୍ତ୍ତିର ଉଚ୍ଚତା ବଢ଼ିବ ନାହିଁ। ଏସଆରସି କହିଛନ୍ତି, ସବୁଠି ପାର୍ବଣ ଋତୁ ଆରମ୍ଭ ହୋଇଯାଇଛି। ପ୍ରଥମ ଲହର ପରେ ଦ୍ୱିତୀୟ ଲହର ଏବେ ଚାଲିଛି। ➤ ପୃ-୬

# ଶାସକ ଦଳର ଏକତରଫା ନିଷ୍ପତ୍ତି; ବିଧାନସଭା ଶେଷ



**ଭୁବନେଶ୍ୱର :** ବିଧାନସଭାର ୮ଦିନିଆ ମୌସୁମୀ ଅଧିବେଶନ ଶେଷ ହୋଇଛି। ଏହି ସ୍ୱଳ୍ପ ଅଧିବେଶନରେ ଗୃହରେ ଗୁରୁତ୍ୱପୂର୍ଣ୍ଣ ପୌର ଓ ପଞ୍ଚାୟତ ସଂଶୋଧନ ବିଲ୍ ସମେତ ମୋଟ ୧୩ଟି ବିଲ୍ ଗୃହୀତ ହୋଇଥିବାବେଳେ ଓବିସି ଗଣନା ଓ ୫୦ ପ୍ରତିଶତ ସଂରକ୍ଷଣ ସୀମାକୁ ଉଠାଇ ଦେବା ନିମନ୍ତେ ସଂକଳ୍ପ ମଧ ଗୃହୀତ ହୋଇଛି। ତେବେ ସମସ୍ତ ଏସବୁ ପ୍ରକ୍ରିୟାରେ ବିରୋଧୀ ଦଳଗୁଡ଼ିକୁ ଭରସାକୁ ନନେଇ ଶାସକ ଦଳ ଏକତରଫା ଭାବେ ଗୃହରେ ବିଲ୍ ଓ ସଂକଳ୍ପ ଗୃହୀତ କରାଇ ନେଇଥିବା ଜଣାପଡ଼ିଛି । ଖଣି ଦୁର୍ନୀତି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିରୋଧୀ ଦଳ ଆଲୋଚନା ଚାହିଁଥିବାବେଳେ ଶାସକ ବିଜେଡି ଶେଷଦିନରେ ପୁରୁଣା ପ୍ରସଙ୍ଗ ସାର ଅଭାବ ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ପ୍ରସଙ୍ଗ ଉଠାଇ ଗୃହରେ ➤ ପୃ-୬

# ମୃତ୍ୟୁରୁ ୯୬.୬% ସୁରକ୍ଷା ଦିଏ ଗୋଟିଏ ଡୋଜ



**ନୂଆଦିଲ୍ଲୀ :** ମହାମାରୀ କରୋନା ବିରୋଧରେ ଚାଲିଥିବା ଟିକାକରଣକୁ ନେଇ ନୂଆ ତଥ୍ୟ ଦେଇଛନ୍ତି କେନ୍ଦ୍ର ସରକାର। ଟିକାର ପ୍ରଥମ ଡୋଜ୍ କରୋନା ମୃତ୍ୟୁରୁ ୯୬.୬% ସୁରକ୍ଷା ଦେଉଥିବା ବେଳେ ଦ୍ୱିତୀୟ ଡୋଜ୍ ନେବା ପରେ ଏହା ୯୭.୫%କୁ ବୃଦ୍ଧି ପାଉଛି। ଏହାର ଅର୍ଥ ଟିକା କରୋନା ଜନିତ ମୃତ୍ୟୁକୁ ରୋକିବାରେ ସକ୍ଷମ ବୋଲି ସରକାର କହିଛନ୍ତି। ଏପ୍ରିଲ-ମେ'ରେ କରୋନାର ଦ୍ୱିତୀୟ ୱେଭ ପିକ୍ରେ ଥିବା ବେଳେ ଲକ୍ଷାଧିକ ଲୋକ ପ୍ରାଣ ହରାଇଥିଲେ। ମୃତକଙ୍କ ମଧରେ ଅଧିକାଂଶ ଲୋକ ଟିକାର କୌଣସି ଡୋଜ୍ ନେଇ ନଥିଲେ। ଭାଇରସ ବିରୋଧରେ ଟିକାକରଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରକ୍ଷା କବଚ। ତେଣୁ ସମସ୍ତେ ➤ ପୃ-୬

**ଏଥର ଜନମତ**

**ଉପଭୋକ୍ତାଙ୍କୁ ଲୁଟୁଛି କି ଟାଟା ପାୱାର ?**

ଶେଷପୃଷ୍ଠା ପଢ଼ନ୍ତୁ ...

**ସିଏଜିଙ୍କ ରିପୋର୍ଟରେ ଉଚ୍ଚଶିକ୍ଷା ବିଭାଗର ବିକଳ ଚିତ୍ର**

# ଶିକ୍ଷକ, ଭିତ୍ତିଭୂମି, ନିଯୁକ୍ତିରେ ଫେଲ୍



**ଭୁବନେଶ୍ୱର :** କ୍ରମାଗତ ୨୧ବର୍ଷ ଧରି ଶାସନରେ ଥାଇ ମଧ ନବୀନ ପଟ୍ଟନାୟକ ସରକାର ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଆବଶ୍ୟକ ସୁଧାର ଆଣିବାରେ ସକ୍ଷମ ହୋଇପାରିନାହାନ୍ତି। ରାଜ୍ୟରେ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ୩୪ରୁ ୩୮ ପ୍ରତିଶତ ଅଧ୍ୟାପକ ପଦବୀ ଖାଲି ପଡ଼ିଥିବାବେଳେ ଗ୍ରାମାଞ୍ଚଳରେ ମାତ୍ର ୧୨ ପ୍ରତିଶତ ସରକାରୀ କଲେଜ ରହିଛି। ୧୯ଟି ବ୍ଲକରେ ଉଚ୍ଚଶିକ୍ଷା ପାଇଁ କୌଣସି ଅନୁଷ୍ଠାନ ନାହିଁ। ୩୧୪ ବ୍ଲକରୁ ୨୬୩ଟି ବ୍ଲକ ଓ ୩ଟି ଜିଲ୍ଲାରେ ସରକାରୀ କଲେଜଟିଏ ବି ନାହିଁ। ଉତ୍କଳ ବିଶ୍ୱବିଦ୍ୟାଳୟର ୮୦ ପ୍ରତିଶତ କୋଠା ଏବେ ଅନୁପଯୁକ୍ତ ଥିବାବେଳେ ୨୦ଟି କଲେଜକୁ ସ୍ୱୟଂଶାସିତ ମାନ୍ୟତା ଦେଇ ଏହାକୁ ନବୀକରଣ କରିବାକୁ ଭୁଲି ଯାଇଛନ୍ତି । କେବଳ ସେତିକି ନୁହେଁ ୨୦୧୧-୧୯ ମସିହା ମଧରେ ରାଜ୍ୟରେ କଲେଜ ସାନ୍ଦ୍ରତା ୨୩ରେ ହିଁ ସ୍ଥିର ରହିଛି। ପାଠପଢ଼ା ପରେ ପ୍ଲେସମେଣ୍ଟ ଅବା ନିଯୁକ୍ତି ଦେବା ପାଇଁ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଧର୍ମକୁ ଆଖିଠାର ମାରିବା ଭଳି ବ୍ୟବସ୍ଥା ରହିଛି । ଉଚ୍ଚଶିକ୍ଷା କ୍ଷେତ୍ରରେ ଏସବୁ ଅଭାବ ସତ୍ତ୍ୱେ ରାଜ୍ୟ ସରକାର ଏପର୍ଯ୍ୟନ୍ତ କୌଣସି ମାଷ୍ଟର ପ୍ଲାନ କରିନଥିବା ସିଏଜି କହିଛନ୍ତି। ବିଧାନସଭାରେ ଆଗତ ହୋଇଥିବା 'ଉଚ୍ଚଶିକ୍ଷାର ଫଳାଫଳ'କୁ ନେଇ ସିଏଜିଙ୍କ ରିପୋର୍ଟ ଅନୁସାରେ, ୨୦୧୪-୧୫ ରୁ ୨୦୧୮-୧୯ ମସିହା ପର୍ଯ୍ୟନ୍ତ ଅବଧିର ରାଜ୍ୟରେ ➤ ପୃ-୬

**ସତର୍କ କରାଇଲା ଜାତିସଂଘ**

# ଭୁଶୁଡ଼ି ପଡ଼ିବ ଆଫଗାନିସ୍ତାନ ଅର୍ଥନୀତି

**ନୂଆଦିଲ୍ଲୀ :** ଆଫଗାନିସ୍ତାନରେ ଆମେରିକା ସମର୍ଥିତ ସରକାରର ପତନ ଘଟିଛି। ତାଲିବାନମାନେ ଶାସନର ମଙ୍ଗ ଧରିବାକୁ ଯାଉଛନ୍ତି। ଏ ନେଇ ପ୍ରସ୍ତୁତି ଚାଲିଛି। ତେବେ ଆମେରିକା ସମର୍ଥିତ ସରକାରର ପତନ ପରେ ଆଫଗାନିସ୍ତାନର ଅର୍ଥନୀତି ଭୁଶୁଡ଼ି ପଡ଼ିବା ପରିସ୍ଥିତିକୁ ଚାଲିଆସିଛି। କେବଳ ଅର୍ଥନୀତି ନୁହେଁ ସାମାଜିକ ଶୃଙ୍ଖଳ ମଧ ପୂରାପୂରି ଖରାପ ହୋଇଯାଇଛି। ଆଫଗାନିସ୍ତାନ ଅର୍ଥନୀତିକୁ ତୁରନ୍ତ ସହାୟତା ଯୋଗାଇ ଦିଆ ନ' ଗଲେ ଏଠାକାର କୋଟି କୋଟି ଲୋକ ଦାରିଦ୍ର୍ୟ ଏବଂ କ୍ଷୁଧା ମଧକୁ ଠେଲି ହୋଇଯିବେ। ଜାତିସଂଘର ସ୍ୱତନ୍ତ୍ର ପ୍ରତିନିଧି ଦେବୋରା ଲିୟନ୍ସ ଏଭଳି ସତର୍କ ବାଣୀ ଶୁଣାଇଛନ୍ତି। ଆଫଗାନିସ୍ତାନ ଅର୍ଥନୀତିକୁ ଭୁଶୁଡ଼ି ପଡ଼ିବାରୁ ରକ୍ଷା କରିବାକୁ ହେଲେ ସମଗ୍ର ବିଶ୍ୱ ଆଗେଇ ଆସିବା ଉଚିତ। ଏଥିସହିତ ପଡ଼ୋଶୀ ଦେଶଗୁଡ଼ିକ ପ୍ରତି ତାଲିବାନ ସରକାର ଠାରୁ ଯେଉଁ ଭୟ ରହିଛି ତାହାକୁ ମଧ ବିଶ୍ୱ ସମୁଦାୟ ଦୂର କରିବା ଆବଶ୍ୟକ। ଆଫଗାନିସ୍ତାନରେ ଦେଖାଦେଇଥିବା ମାନବିକ ସଂକଟର ସମାଧାନ ତୁରନ୍ତ କରାଯିବା ଆବଶ୍ୟକ। ଆଫଗାନିସ୍ତାନର ଅନେକ ସଂପତ୍ତିକୁ ଅଚଳ କରି ଦିଆଯାଇଥିବାରୁ ଅର୍ଥନୀତି ରସାତଳକୁ ଏବଂ ଦେଶ ➤ ପୃ-୬

## ବକ୍ରବାଣୀ



ଏଇତ ଆମରି ସ୍ୱଚ୍ଛ ଶାସନ
ଖୁନୀ ପାଏ ଏଠି ବଡ ସମ୍ମାନ
ପଦବୀ ଯାଏନା ରହେ ଅକ୍ଷୁର୍ଣ୍ଣ
ମାନ ରଖିବାକୁ ଦଳ ଉଚ୍ଛନ୍ନ
କେସ୍ ପରେ କେସ୍ ପଚାରେ କିଏ
ଧକାଏ ମାରିକି କେ ତଡା ଖାଏ
କିଏ କେତେ ମାରେ ହିସାବ ନାଇଁ
ଆଜିର ଆକ୍ସନ ଭୋଅଟ ପାଇଁ
ଭୋଅଟ୍ ପାଇଁକି ଡରିଗଲେକି
ମଲା ଖବରକୁ ଚାପି ଦେଲକି।

—— ଟୁଟୁ



ନୂଆଁଖାଇ ଅବସରରେ କଳାହାଣ୍ଡିବାସୀଙ୍କୁ
ନୂଆଁଖାଇ ଜୁହାର




ଅନିଲ ପଟ୍ଟନାୟକ
ଆଇନଜୀବୀ
ଜିଲ୍ଲା ପ୍ରତିନିଧି - ଏକମାତ୍ର
କଳାହାଣ୍ଡି



ନୂଆଁଖାଇ ଅବସରରେ କଳାହାଣ୍ଡିବାସୀଙ୍କୁ
ନୂଆଁଖାଇ ଜୁହାର



ସୁବାଷ ଚନ୍ଦ୍ର ଶତପଥୀ
ଶାଖା ପରିଚାଳକ
ସମବାୟ ବ୍ୟାଙ୍କ
ଜୟପାଟଣା, କଳାହାଣ୍ଡି



ନୂଆଁଖାଇ ଅବସରରେ କଳାହାଣ୍ଡିବାସୀଙ୍କୁ
ନୂଆଁଖାଇ ଜୁହାର



ଶ୍ରୀଯୁକ୍ତ ପ୍ରଫୁଲ୍ଲ ନାଏକ
ପଞ୍ଚାୟତ ନିର୍ବାହୀ ଅଧିକାରୀ
ଉଚ୍ଛଳା ବ୍ଲକ, ଜୟପାଟଣା
କଳାହାଣ୍ଡି




CITY HOMES
Near AMRI Hospital, Ghatikia, Khandagiri
Bhubaneswar

Developed By-
Evos Buildcon Pvt .Ltd
Plot No-284/2485,
Patrapada Bhubaneswar

Luxurious 2BHK / 3BHK Apartment At An Affordable Price

Approved By-
Odisha Real Estate Regulatory Authority
State Bank of India THE BANKER TO EVERY INDIAN
Bhubaneswar Municipal Corporation
Progress Through Partnership for Better Bhubaneswar

EVOS PARADISE,
Near AIIMS Hospital,BBSR




For More Information Contact:-
7440005812 / 7440005813
www.evosbuildcon.com
Email- support@evos.co.in

ନୂଆଁଖାଇ ଅବସରରେ ନର୍ଲାର ଜନସାଧାରଣଙ୍କୁ ନୂଆଁଖାଇ ଜୁହାର



ଶ୍ରୀଯୁକ୍ତ ଦୁର୍ଗା ପ୍ରସାଦ ମହାନ୍ତି
(ମୁନାଭାଇ)
ଉପାଧକ୍ଷ, ପଞ୍ଚାୟତ ସମିତି
ନର୍ଲା, କଳାହାଣ୍ଡି



ଶ୍ରୀମତୀ ମନୋରମା ମହାନ୍ତି
ଅଧକ୍ଷା, ପଞ୍ଚାୟତ ସମିତି
ନର୍ଲା, କଳାହାଣ୍ଡି



ନୂଆଁଖାଇ ଅବସରରେ ନର୍ଲା ବ୍ଲକର କୃଷକ ଓ ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।



ଆଲୋକ କୁମାର ଚାନ୍ଦ
ଅଧକ୍ଷ, ଆତ୍ମା
ନର୍ଲା ବ୍ଲକ, ଜିଲ୍ଲା - କଳାହାଣ୍ଡି

ନୂଆଁଖାଇ ଅବସରରେ ମୋହନଗିରି ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।





ଶ୍ରୀଯୁକ୍ତ ବଳଭଦ୍ର ପାତ୍ର
ସରପଞ୍ଚ, ମୋହନଗିରି ଗ୍ରାମ ପଞ୍ଚାୟତ
ବ୍ଲକ- ମଦନ ରାମପୁର, କଳାହାଣ୍ଡି

## କେମିତି କଟିବ ଏ ସପ୍ତାହ

**ମେଷ** ଖାଦ୍ୟପେୟରେ ନିୟନ୍ତ୍ରଣ ରଖନ୍ତୁ ନଚେତ୍ ଗମ୍ଭୀର ବେମାରୀରେ ପଡିପାରନ୍ତି। ଆଶା ହରାଇଥିବା ଦିଗରୁ ଧନପ୍ରାପ୍ତି ଯୋଗଅଛି। ଯାନବାହନ କିଣିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ବ୍ୟସ୍ତତା ଯୋଗୁ ପରିବାରକୁ ଅବହେଳା କରପାରନ୍ତି।

**ବୃଷ** ଉତ୍ତମ ସ୍ୱାସ୍ଥ୍ୟ ରହିବ। ଧନ ସମ୍ବନ୍ଧୀୟ ଅସୁବିଧାରେ ପଡିପାରନ୍ତି। ବନ୍ଧୁଙ୍କଠାରୁ ଉଧାର ନେଇପାରନ୍ତି। ବ୍ୟବସାୟରେ ଭଲ ଫଳ ଯୋଗ ଅଛି। ଛାତ୍ରମାନେ ସଂଯମତା ରଖନ୍ତୁ। ଦମ୍ପତି ମାନେ ପୁରୁଣା କଥାକୁ ନେଇ ମତାନ୍ତର ହୋଇପାରେ।

**ମିଥୁନ** ବାହାର ଖାଦ୍ୟ ଖାଆନ୍ତୁ ନାହିଁ। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ। ପରିବାର ସହ ଭ୍ରମଣରେ ଯାଇପାରନ୍ତି। ବ୍ୟବସାୟରେ ନୂଆ ନିର୍ଣ୍ଣୟ ନିଅନ୍ତୁ। ଛାତ୍ରମାନଙ୍କୁ ମିଶ୍ରଣ ଫଳ ମିଳିବ। ଦମ୍ପତିମାନଙ୍କ ପାଇଁ ସମୟ ଅନୁକୂଳ ଅଟେ।

**କର୍କଟ** ମାଦକ ପଦାର୍ଥରୁ ଦୂରେଇ ରହନ୍ତୁ। କୌଣସି ପାର୍ଟିରେ ଦୁର୍ବ୍ୟବହାର ଶିକାର ହୋଇପାରନ୍ତି। ଅର୍ଥପ୍ରାପ୍ତିର ଯୋଗ ଅଛି। ଖରାପ ବ୍ୟବହାର ପାଇଁ କୌଣସି ନିଜ ଲୋକ ଆପଣଙ୍କଠାରୁ ସମ୍ପର୍କ ଛିନ୍ନ କରିପାରନ୍ତି।

**ସିଂହ** ମୁହଁ ଓ ଗଳା ସମ୍ବନ୍ଧୀୟ ରୋଗରୁ ମୁକ୍ତି ମିଳିବ। ଅର୍ଥ ଆସିପାରେ କିନ୍ତୁ ପୂର୍ବରୁ ଥିବା ଧନ ସମସ୍ୟା ଯୋଗୁ ଆପଣ ଚିନ୍ତିତ ରହିବେ। ପରିବାରର ବ୍ୟକ୍ତିଙ୍କର ଥିବା ରୋଗରୁ ମୁକ୍ତି ମିଳିବ। କାର୍ଯ୍ୟକ୍ଷେତ୍ରରେ ନୂଆ ସୁଯୋଗ ପାଇବେ।

**କନ୍ୟା** ମାଦକ ଦ୍ରବ୍ୟରୁ ଦୂରରେ ରହନ୍ତୁ। ଋଣ ସୁଝିବାରେ ଅସମର୍ଥ ହେବେ। ପରିବାରରେ ସାମୟିକ ବିବାଦ ଦେଖାଦେବ। କାର୍ଯ୍ୟକ୍ଷେତ୍ରରେ କୌଣସି ଭୁଲ ହେଲେ ସ୍ୱୀକାର କରିନିଅନ୍ତୁ।

**ତୁଳା** ଅଶେଷ ଧନପ୍ରାପ୍ତି ଯୋଗ ଅଛି। ପରିବାରର ଅସୁବିଧା ଦୂର ହେବ। କାର୍ଯ୍ୟକ୍ଷେତ୍ରରେ ସହକର୍ମୀଙ୍କର ଅହେତୁକ ସହଯୋଗ ପ୍ରାପ୍ତି ହେବ। ଉଚ୍ଚଶିକ୍ଷା ପାଇଁ ସମୟ ଅନୁକୂଳ। ଦାମ୍ପତ୍ୟ ପ୍ରତି ନିଷ୍ଠାବାନ ରହନ୍ତୁ।

**ବିଛା** ସ୍ୱାସ୍ଥ୍ୟ ଭଲ ରହିବ। ଆପଣ ଠାରୁ ଅନୁଭବି ଲୋକଙ୍କ ଉପଦେଶ ନେଇ ବ୍ୟବସାୟରେ ବିନିଯୋଗ କରନ୍ତୁ। ଲାଭବାନ ହେବେ। ବାପାମାଆ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ଛଶତ୍ରମାନେ ନିଷ୍ଠାର ସହ ପାଠରେ ମନ ଦିଅନ୍ତୁ।

**ଧନୁ** ସ୍ୱାସ୍ଥ୍ୟକୁ ନେଇ ବେପରୁଆ ହୁଅନ୍ତୁ ନାହିଁ। ଆୟରେ ବୃଦ୍ଧି ହେବ। ପରିବାରରେ ସୁଖ ପାଇଁ ଆପଣଙ୍କ ଜୀବନସାଥୀ ସହଯୋଗ କରିବେ। ନୂଆ ବ୍ୟବସାୟ ଆରମ୍ଭ କରିପାରନ୍ତି। ପ୍ରତିଯୋଗୀ ପରୀକ୍ଷାରେ ସଫଳତା ମିଳିବ।

**ମକର** ଦୀର୍ଘମିଆଦି ବ୍ୟବସାୟରୁ ଦୂରେଇ ରହନ୍ତୁ। ବାପାମାଆଙ୍କ ଠାରୁ ଆଶୀର୍ବାଦ ପାଇବେ। ଶୁଭ ପରିଣାମର ଯୋଗ ଅଛି। କାମକୁ ଅଧାରୁ ଛାଡନ୍ତୁ ନାହିଁ। ପ୍ରେମ ସମ୍ବନ୍ଧ ଉପରେ ଗମ୍ଭୀର ରଣର ସହ ଚିନ୍ତା କରନ୍ତୁ।

**କୁମ୍ଭ** ପରିବାର ଓ ବନ୍ଧୁମାନଙ୍କ ସହ ସମୟ କଟାନ୍ତୁ। ଉତ୍ତମ ଫଳପ୍ରାପ୍ତି ହେବ। ଯେଉଁ ଜିନିଷ ଆଗକୁ ବଢ଼ିବ ତାକୁ କ୍ରୟ କରନ୍ତୁ। କାର୍ଯ୍ୟ କ୍ଷେତ୍ରରେ ଷଡଯନ୍ତ୍ରର ଶିକାର ହେବେ। ଛାତ୍ରମାନେ ସମ୍ମାନିତ ହେବେ। ଦମ୍ପତିମାନଙ୍କ ମଧ୍ୟରେ ବିବାଦ ହୋଇପାରେ।

**ମୀନ** ଶ୍ୱାସ ସମ୍ବନ୍ଧୀୟ ରୋଗ ହୋଇପାରେ। ଉଧାର ଦିଅନ୍ତୁ ନାହିଁ। ଘରର ଲୋକଙ୍କ ସହ ଭ୍ରମଣରେ ଯାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ତରବର ହୁଅନ୍ତୁ ନାହିଁ। ଛାତ୍ରମାନେ ବିଶେଷ ସଫଳତା ପାଇପାରନ୍ତି। ବୈବାହିକ ଜୀବନରେ ଶୁଭଫଳ ମିଳିବ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ଜଳବାୟୁ ପରିବର୍ତ୍ତନ ନେଇ ବିଶ୍ୱ ସମୁଦାୟକୁ ଚେତାବନୀ

# ପ୍ରକୃତି କରୋନା ଶେଷ ହେବାକୁ ଅପେକ୍ଷା କରିବ ନାହିଁ


**ନୂଆଦିଲ୍ଲୀ :** ଦୁନିଆର ପ୍ରମୁଖ ପତ୍ରିକା ବିଶ୍ୱ ନେତାମାନଙ୍କୁ ଜଳବାୟୁ ପରିବର୍ତ୍ତନ ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି। ଦ ଲାସେଣ୍ଟ ଏବଂ ନ୍ୟାସନାଲ ମେଡିକାଲ ଜର୍ଣ୍ଣାଲ ଅଫ ଇଣ୍ଡିଆ ସହିତ ୨୨୦ରୁ ଅଧିକ ପ୍ରମୁଖ ଜର୍ଣ୍ଣାଲ୍ସ ଜଳବାୟୁ ପରିବର୍ତ୍ତନ ନେଇ ବିଶ୍ୱ ସମୁଦାୟକୁ ଚେତାବନୀ ଦେଇଛନ୍ତି। ଜର୍ଣ୍ଣାଲରେ ପ୍ରକାଶିତ ଏକ ସଂପାଦକୀୟ ଅନୁଯାୟୀ, ବିଶ୍ୱ ନେତାମାନେ ଜଳବାୟୁ ପରିବର୍ତ୍ତନରେ ସୁଧାର ଆଣିବା, ଜୈବ ବିବିଧତା କାଏମ ରଖିବା ଏବଂ ସ୍ୱାସ୍ଥ୍ୟ ରକ୍ଷା ପାଇଁ ତତ୍କାଳ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି। ଏହା ଜରିଆରେ ସାରା ଦୁନିଆର ସରକାରଙ୍କୁ ଚେତାଇ ଦିଆଯାଇଛି ଯେ, ଆମକୁ ଜଳବାୟୁ ପରିବର୍ତ୍ତନ ଉପରେ ଜରୁରୀ କାମ କରିବାକୁ ପଡିବ। କାରଣ ପ୍ରକୃତି କରୋନା ମହାମାରୀ ସମାପ୍ତ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବ ନାହିଁ। ଜଳବାୟୁ ଉପରେ ପ୍ରକାଶିତ ଏହି ସଂପାଦକୀୟ ମିଳିତ ଜାତିସଂଘ ମହାସଭାରେ ପ୍ରଥମେ ପ୍ରକାଶିତ କରାଯାଇଛି। ଏଥିରେ ଚେତାବନୀ ଦିଆଯାଇଛି ଯେ, ଭବିଷ୍ୟତରେ ବୈଶ୍ୱିକ ସାର୍ବଜନୀନ ସ୍ୱାସ୍ଥ୍ୟ ପାଇଁ ସବୁଠୁ ବଡ କାର୍ଯ୍ୟ ବିଶ୍ୱ ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲସିୟସର ତଳେ ରଖିବା। ହେଲେ ପ୍ରକୃତିକୁ ବଞ୍ଚାଇବା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ନେବାରେ ବିଶ୍ୱ ନେତା ନିରନ୍ତର ବିଫଳ ହୋଇଛନ୍ତି। ଜଳବାୟୁ ପରିବର୍ତ୍ତନ ସଂପ୍ରତି ସବୁଠୁ ବଡ ପ୍ରସଙ୍ଗ ରହିଛି। ଆମକୁ ଅନେକ ପଦକ୍ଷେପ ନେବାକୁ ପଡିବ। ନ ହେଲେ ଏହା ପୂର୍ବରୁ ବହୁତ ବିଳମ୍ବ ହୋଇଯିବ। ଆମେ ନିଜର ଆଗାମୀ ପିଢି ପାଇଁ ଋଣି ହୋଇ ରହିବୁ। ଲେଖକ କହିଛନ୍ତି, ନିର୍ଗତକୁ କମ କରିବା ଏବଂ ପ୍ରକୃତିର ସଂରକ୍ଷଣ ପାଇଁ ନିକଟରେ ହୋଇଥିବା କାମକୁ ଅଣଦେଖା କରାଯାଇ ପାରିବ ନାହିଁ। କିନ୍ତୁ ଏହା ପର୍ଯ୍ୟାପ୍ତ ନୁହେଁ, ଯାହା ଯୋଜନା କରାଯାଇଛି ତାହା ଲଘୁ ଏବଂ ଦୀର୍ଘକାଳୀନ ଯୋଜନା ସହ ମେଳ ଖାଉନାହିଁ। ସରକାରଙ୍କୁ ଅପିଲ୍ କରାଯାଇଛି ଯେ, ସେମାନେ ସମାଜ ଓ ଅର୍ଥବ୍ୟବସ୍ଥାକୁ ବଦଳାଇବା ପାଇଁ ହସ୍ତକ୍ଷେପ କରୁ। ଉଦାହରଣ ସ୍ୱରୂପ ସରକାରଙ୍କୁ ପରିବହନ ପ୍ରଣାଳୀ, ସହର, ଭୋଜନର ଉତ୍ପାଦନ ଏବଂ ବିତରଣ, ବିତ୍ତୀୟ ନିବେଶ ଏବଂ ସ୍ୱାସ୍ଥ୍ୟ ପ୍ରଣାଳୀରେ ନୂତନ ପରିବର୍ତ୍ତନକୁ ସମର୍ଥନ କରିବା ଉଚିତ୍।



### ମହାମାରୀ ପ୍ରଭାବ

## ଅଗଷ୍ଟରେ ବେକାରୀ ହାର ୮.୩୨% ବୃଦ୍ଧି

**ନୂଆଦିଲ୍ଲୀ :** କରୋନା ମହାମାରୀ ଯୋଗୁଁ ଭାରତରେ ବେକାରୀ ହାର ବଢ଼ିଚାଲିଛି। ଜୁଲାଇ ମାସରେ ଦେଶର ବେକାରୀ ହାର ୬.୯୬ ପ୍ରତିଶତ ଥିବା ବେଳେ ଅଗଷ୍ଟ ମାସରେ ତାହା ୮.୩୨ ପ୍ରତିଶତକୁ ବୃଦ୍ଧି ପାଇଛି ବୋଲି ସେଣ୍ଟର ଫର ମନିଟରିଂ ଅଫ ଇଣ୍ଡିଆନ ଇକନୋମୀ (ସିଏମ୍ଆଇଇ) ପକ୍ଷରୁ ଜାରି ରିପୋର୍ଟରେ କୁହାଯାଇଛି। ଏହି ରିପୋର୍ଟରେ କୁହାଯାଇଛି ଯେ, ଅଗଷ୍ଟ ମାସରେ ଦେଶରେ ପ୍ରାୟ ୧୫ଲକ୍ଷ ଲୋକ ନିଯୁକ୍ତି ହରାଇଛନ୍ତି। ଏହା ମଧ୍ୟରେ ରହିଛି ଉଭୟ ସଂଗଠିତ ଓ ଅସଂଗଠିତ କ୍ଷେତ୍ରରେ ଥିବା ନିଯୁକ୍ତି। ତେବେ ସିଏମ୍ଆଇଇର ସିଇଓ ତଥା ଏମ୍ଡି ମହେଶ ବ୍ୟାସ କହିଛନ୍ତି ଯେ, ସ୍ଥିତି ସେତେଟା ଖରାପ ନାହିଁ। କାରଣ ଅଗଷ୍ଟରେ ନିଯୁକ୍ତି ହ୍ରାସ ପାଇବାର ମୁଖ୍ୟ କାରଣ ହେଉଛି ଫସଲ ବୁଣିବା ବା ତଳି ଲଗାଇବା କାମ ଶେଷ ହୋଇଯାଇଥିବାରୁ କୃଷି ଶ୍ରମିକମାନେ ନିଯୁକ୍ତି ହରାଇଛନ୍ତି। ଏକ ଅଟକଳ ଅନୁସାରେ ଅଗଷ୍ଟରେ ପ୍ରାୟ କୃଷି କ୍ଷେତ୍ରରେ ୮୦ଲକ୍ଷ ନିଯୁକ୍ତି ହ୍ରାସ ପାଇଛି। କିନ୍ତୁ ନିଯୁକ୍ତି ହରାଇଥିବା ଶ୍ରମିକମାନେ ଅନ୍ୟ କ୍ଷେତ୍ରରେ ନିୟୋଜିତ ହୋଇଥିବାରୁ ପ୍ରକୃତ ନିଯୁକ୍ତି ହ୍ରାସ ୧୫ଲକ୍ଷରେ ସୀମିତ ରହିଛି। ଏହା ଦର୍ଶାଉଛି ଯେ, ଅନ୍ୟ କ୍ଷେତ୍ର ଗୁଡିକରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାରେ ଲାଗିଛି।



## ତାଲିବାନ ସରକାରରେ ଆତଙ୍କବାଦୀ, ଆମେରିକା ଚିନ୍ତିତ

**କାବୁଲ:** ତାଲିବାନ ନୂଆ କାମଚଳା ସରକାର ଘୋଷଣା କରିଛି। ୩୩ ଜଣ ସଦସ୍ୟଙ୍କୁ ନେଇ ଘୋଷିତ ହୋଇଥିବା ଏହି ମନ୍ତ୍ରିମଣ୍ଡଳରେ ୧୪ ଜଣ ଆତଙ୍କବାଦୀ ରହିଥିବା କୁହାଯାଉଛି। ପୂର୍ବରୁ ଜାତିସଂଘ ଦ୍ୱାରା ଘୋଷିତ ଆତଙ୍କବାଦୀ ସରକାରରେ ସ୍ଥାନ ପାଇଛନ୍ତି। ତାଲିବାନ ସଦସ୍ୟ ଏବଂ ସେମାନଙ୍କ ଘନିଷ୍ଠ ସହଯୋଗୀ ସରକାରରେ ରହିଛନ୍ତି। ଆମେରିକା ବିଦେଶ ବିଭାଗ ଏଥିପାଇଁ ଘୋର ଚିନ୍ତାବ୍ୟକ୍ତ କରିଛି। ଆମେରିକା ବିଦେଶ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଆମେରିକା ତାଲିବାନକୁ ଏହାର କଥାରେ ନୁହେଁ ବରଂ କାର୍ଯ୍ୟରେ ପରଖିବ। ସମଗ୍ର ବିଶ୍ୱ ତାଲିବାନର କାର୍ଯ୍ୟ ଉପରେ ନଜର ରଖିଛି। ତାଲିବାନର ସର୍ବୋଚ୍ଚ ନେତା ହିବାତୁଲ୍ଲା ଅଖୁନ୍ଦଜାଦା ଜାତିସଂଘ କଳାତାଲିକାରେ ଅଛନ୍ତି। ଆଫଗାନିସ୍ତାନର ଆଭ୍ୟନ୍ତରୀଣ ମନ୍ତ୍ରୀ ସିରାଜୁଦ୍ଦିନ ହକ୍କାନୀକୁ ଆମେରିକା ଦ୍ୱାରା ଆତଙ୍କବଦୀ ବିବେଚନା କରାଯାଇଛି। ଏଫ୍ବିଆଇ ମୋଷ୍ଟ୍ ୱାଣ୍ଟେଡ୍ ଲିଷ୍ଟ୍ରେ ସେ ଅଛନ୍ତି। ତାଙ୍କ ମୁଣ୍ଡରେ ୭୩ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଛି। ଅନ୍ୟପକ୍ଷରେ କୌଣସି ମହିଳାଙ୍କୁ ତାଲିବାନ ସରକାରରେ ସ୍ଥାନ ମିଳିନି। ସରକାରରେ କେ?ଣସି ମହିଳା ନଥିବାରୁ ତାଲିବାନ ବିରୋଧରେ ମହିଳାମାନେ ଆନ୍ଦୋଳନ କରିଛନ୍ତି। ଏଥିସହିତ ସରକାରରେ ସବୁ ବର୍ଗର ଲୋକଙ୍କୁ ସ୍ଥାନ ମିଳି ନଥିବାରୁ ବିଭିନ୍ନ ସହରରେ ଆନ୍ଦୋଳନ ହୋଇଛି।

### କେନ୍ଦ୍ରର ବଡ଼ ନିଷ୍ପତ୍ତି

## ଏନ୍‌ଡିଏରେ ନାରୀ ଶକ୍ତି

**ନୂଆଦିଲ୍ଲୀ :** ରାଷ୍ଟ୍ରୀୟ ପ୍ରତିରକ୍ଷା ଏକାଡେମୀ (ଏନ୍ଡିଏ)ରେ ମହିଳାମାନଙ୍କୁ ଅନୁମତି ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟ୍ଟା ସୁପ୍ରିମ୍‌କୋର୍ଟଙ୍କୁ ଅବଗତ କରାଇଛନ୍ତି। କେନ୍ଦ୍ର ସରକାର କହିଛନ୍ତି, ଏନ୍ଡିଏ ଏବଂ ନାଭାଲ ଏକାଡେମିରେ ମହିଳାମାଙ୍କୁ ପ୍ରବେଶ ମିଳିବ। ଏନେଇ ତିନି ସେନା ମୁଖ୍ୟ ଏବଂ ସରକାର ନିଷ୍ପତ୍ତି ନେଇଛନ୍ତି। ଗତ ସନ୍ଧ୍ୟାରେ ଏହି ନିଷ୍ପତି ନିଆଯାଇଛି। ମହିଳା କ୍ୟାଡେଟ୍‌ଙ୍କୁ ଏହି ଦୁଇଟି ସଂସ୍ଥାରେ ସୁଯୋଗ ମିଳିବ କିନ୍ତୁ କେଉଁ ପଦ୍ଧତିରେ ସେ ନେଇ ନୀତି ନିର୍ଦ୍ଧାରିତ ହୋଇନାହିଁ। ଏଥିପାଇଁ ଯୋଜନା ଚାଲିଛି। ଲିଙ୍ଗଗତ ସାମ୍ୟତାରେ ଶସସ୍ତ୍ରବାହିନୀମାନଙ୍କୁ ଆହୁରି ଅଧିକ କିଛି କରିବାକୁ ପଡ଼ିବ। ସଶସ୍ତ୍ରବାହିନୀର ମୁଖ୍ୟମାନେ ଗ୍ରହଣ କରିଥିବା ନିଷ୍ପତ୍ତିରେ ମୁଁ ଆନନ୍ଦିତ। ସେମାନଙ୍କୁ ବୁଝାଇବାରେ ସମର୍ଥ ହୋଇଥିବାରୁ ଆପଣଙ୍କୁ ଅଭିନନ୍ଦନ ବୋଲି କେନ୍ଦ୍ରକୁ ସୁପ୍ରିମକୋର୍ଟ କହିଛନ୍ତି। ସୁପ୍ରିମ୍ କୋର୍ଟ ଆହୁରି କହିଛନ୍ତି ଯେ, ନିଷ୍ପତ୍ତି ନିଆଯାଉଛି ବୋଲି ଗତ ଶୁଣାଣିରେ କହିଥିଲେ ଆମେ ହସ୍ତକ୍ଷେପ କରି ନ ଥାଆନ୍ତୁ। ସରକାର କ'ଣ କରୁଛନ୍ତି, ଭବିଷ୍ୟତରେ କିଭଳି ପଦକ୍ଷେପ ନିଆଯିବ ଏବଂ ଆମ ଠାରୁ କି ଆଦେଶ ଆବଶ୍ୟକ ହେବ ସେ ସଂକ୍ରାନ୍ତରେ ଆପଣ ଏକ ସତ୍ୟପାଠ ଦାଖଲ କରନ୍ତୁ। ଏଥିପାଇଁ କେନ୍ଦ୍ର ସରକାରଙ୍କୁ କୋର୍ଟ ୧୦ ଦିନ ସମୟ ଦେଇଛନ୍ତି। ଆସନ୍ତା ୨୨ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ପୂର୍ବରୁ ଅଗଷ୍ଟ ୧୭ ତାରିଖରେ ସୁପ୍ରିମକୋର୍ଟ ଝିଅମାନଙ୍କୁ ଏନଡିଏ ଅର୍ଥାତ୍ ନ୍ୟାସନାଲ ଡିଫେନ୍ସ ଏକାଡେମୀ ପରୀକ୍ଷାରେ ସାମିଲ ହୋଇପାରିବା ନେଇ ଅନୁମତି ଦେଇଥିଲେ। ଚଳିତ ବର୍ଷ ସେପଟ୍ଟେମ୍ବର ୫ରେ ହୋଇଥିବା ଏନଡିଏ ପରୀକ୍ଷାରୁ ଏହି ଆଦେଶ କାର୍ଯ୍ୟକାରୀ ହୋଇଥିଲା।



## ୨ ବର୍ଷୀୟ ଶିଶୁକୁ ଦିଆଗଲା ପ୍ରଥମ କରୋନା ଟିକା

**ନୂଆଦିଲ୍ଲୀ :** ଚାରିଆଡେ ଜାରି ରହିଛି କରୋନା ସଙ୍କଟ। ପୁରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଛି ମହାମାରୀ। କୋଭିଡ-୧୯ ଯୋଗୁଁ ସମସ୍ତେ ଘାଣ୍ଟି ହୋଇଗଲେଣି। ଏହାକୁ ମାତ୍ ଦେବାକୁ ଟିକାକରଣ ଜାରି ରହିଛି। ବୟସ୍କ ଏବଂ ଯୁବକଙ୍କ ପରେ ଦେଶରେ ଏବେ ପିଲାଙ୍କୁ ଟିକା ଦେବା ଲାଗି ପରୀକ୍ଷଣ ଚାଲିଛି। ଏହାରି ଭିତରେ ଜଣେ ୨ ବର୍ଷୀୟ ଶିଶୁକୁ ପ୍ରଥମ କରୋନା ଟିକା ଦିଆଯାଇଥିବା ଖବର ସାମ୍ନାକୁ ଆସିଛି। ପ୍ରଥମ ଦେଶ ରୂପେ କ୍ୟୁବାରେ ଶିଶୁଙ୍କୁ ଟିକା ଦିଆଯିବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପୂର୍ବରୁ ଏହି ଦେଶ ୧୨ବର୍ଷରୁ ଅଧିକ ବୟସ୍କ ପିଲାମାନଙ୍କୁ କାରୋନା ଟିକା ଦେବା ଆରମ୍ଭ କରିଥିଲା। ଏବେ ୨ ବର୍ଷର ପିଲାମାନଙ୍କୁ ଏଠାରେ କରୋନା ଟିକା ଦିଆଯାଇଛି। ଶିଶୁଙ୍କୁ ଟିକା ଦେବାରେ ଏହା ବିଶ୍ୱର ପ୍ରଥମ ଦେଶ ହୋଇଛି। ମିଡିଆ ରିପୋର୍ଟ ମୁତାବକ, କ୍ୟୁବାରେ ଲୋକଙ୍କୁ ବର୍ତ୍ତମାନ କରୋନା ଟିକାର ଦୁଇଟି ଡୋଜ ଦିଆଯାଉଛି। ଏଥିରେ ଅବଦଲା ଏବଂ ସୋବ୍ରାନା ଟିକା ସାମିଲ ଅଛି। ପିଲାମାନଙ୍କ ଉପରେ ଏହି ଟିକାଗୁଡ଼ିକର କ୍ଲିନିକାଲ୍ ପରୀକ୍ଷା ସରିଛି। କିନ୍ତୁ ଏଯାଏଁ ସେମାନେ ପିଲାଙ୍କୁ ଏହି ଟିକା ଦେବା ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଠାରୁ ସ୍ୱୀକୃତି ପାଇନାହାଁନ୍ତି। କ୍ୟୁବାରେ ସେପଟ୍ଟେମ୍ବର ୩ରେ ୧୨ରୁ ଅଧିକ ବୟସ୍କ ପିଲାଙ୍କୁ କରୋନା ଟିକା ଦେବା ଆରମ୍ଭ ହୋଇଥିଲା। ଏହାପରେ ସୋମବାର ଠାରୁ ଦେଶରେ ୨ରୁ ୧୧ ବର୍ଷୀୟ ପିଲାଙ୍କୁ ଟିକା ଦେବା ଆରମ୍ଭ ହୋଇଛି। କ୍ୟୁବାର ସିଏନଫୁଏଗୋସ୍ ସହରରେ ଏହି ବୟସ ବର୍ଗର ପିଲାମାନଙ୍କୁ ଟିକା ଦିଆଯାଇଛି। ସୂଚନା ମୁତାବକ, ଦେଶରେ ଏବେ ୧୨ ବର୍ଷରୁ ଅଧିକ ବୟସ୍କ ପିଲାଙ୍କ କରୋନା ଟିକା ଉପରେ ଅଧ୍ୟୟନ ଜାରି ରହିଛି। କିଛି ଦେଶରେ ଏହା ଉପରେ ପରୀକ୍ଷା ମଧ୍ୟ ଚାଲିଛି। ଚୀନ୍, ସଂଯୁକ୍ତ ଅରବ ଅମିରାତ ଏବଂ ଭେନ୍‌ଜୁଏଲା ଭଳି ଦେଶରେ ଛୋଟ ପିଲାଙ୍କୁ କରୋନା ଟିକା ଦେବା ପାଇଁ ଘୋଷଣା କରାଯାଇଛି, କିନ୍ତୁ ଏଯାଏଁ ଟିକାକରଣ ଆରମ୍ଭ ହୋଇନାହିଁ। ସେପଟେ ଭାରତରେ ମଧ୍ୟ ୧୨ ବର୍ଷରୁ ଅଧିକ ବୟସ୍କ ପିଲାଙ୍କୁ ଟିକା ଦେବା ପାଇଁ ପ୍ରସ୍ତୁତି ଚାଲିଛି। ଏଥିପାଇଁ ଜାଇଡସ କାଡିଲାର କରୋନା ଟିକା 'ଜାଇକୋଭ୍-ଡି'କୁ ଜରୁରୀକାଳିନ ବ୍ୟବହାର ପାଇଁ ମଞ୍ଜୁରୀ ମିଳିଛି।



## ପୁଣି ରାହୁଲ ଧରିବେ କଂଗ୍ରେସ ମଙ୍ଗ !



**ନୂଆଦିଲ୍ଲୀ :** କଂଗ୍ରେସ ଦଳରେ ପୁଣି ସେଇ ପୁରୁଣା ସ୍ଥିତି। ଦଳର ନେତୃତ୍ୱ ସୋନିଆ ଗାନ୍ଧୀଙ୍କୁ ଠାରୁ ରାହୁଲ ଗାନ୍ଧୀଙ୍କ ପାଖକୁ ପୁଣି ରାହୁଲଙ୍କ ଠାରୁ ସୋନିଆଙ୍କ ପାଖକୁ। ଏମିତିରେ ଦଳ ହରାଇଲାଣି ଲୋକଙ୍କ ଆଶା ଓ ଭରସା। ଯାହାର ଫାଇଦା ନେଉଛି ବିଜେପି। ଏବେ ପୁଣି ରାହୁଲ ଗାନ୍ଧୀଙ୍କୁ ଭାରତୀୟ ଜାତୀୟ କଂଗ୍ରେସ କମିଟି ଅଧ୍ୟକ୍ଷ କରିବାକୁ ଦାବି ହୋଇଛି। ଏନେଇ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ଏକ ସଂକଳ୍ପ ମଧ୍ୟ ପାରିତ ହୋଇଛି। ବର୍ତ୍ତମାନ ଦଳର ଅଧ୍ୟକ୍ଷା ସୋନିଆ ଥିବା ବେଳେ ପୁଣିଥରେ ଦଳର ଡୋର ରାହୁଲଙ୍କ ହାତକୁ ଦେବାକୁ ଦଳର ଅନୁଗତମାନେ ଦାବି କରିଛନ୍ତି। ଭାରତୀୟ ଜାତୀୟ କଂଗ୍ରେସର ଅଧ୍ୟକ୍ଷ ଶ୍ରୀନିବାଶ ବିଭି ଟ୍ୱିଟ୍ କରି ଏହି ସୂଚନା ଦେବା ସହିତ ପାରିତ ହୋଇଥିବା ସଂକଳ୍ପର ଏକ ନକଲ କପିକୁ ମଧ୍ୟ ଟ୍ୱିଟରରେ ସେୟାର କରିଛନ୍ତି। ସେ ଯୁବ କଂଗ୍ରେସର ଜାତୀୟ ପରିଚାଳନା ବୈଠକରେ ଏହା ସର୍ବ ସମ୍ମତି କ୍ରମେ ପାରିତ କରାଯାଇଛି। ଏଥି ସହିତ ରାହୁଲ୍ ଗାନ୍ଧୀ ଇଓଉର ଅଧ୍ୟକ୍ଷ ଭାବେ ଭାରତୀୟ ଜାତୀୟ କଂଗ୍ରେସର ସମ୍ବିଧାନ ଅନୁସାରେ ଦ୍ୱାୟିତ୍ୱ ନେବେ ବୋଲି ଏଥିରେ ନିଷ୍ପତ୍ତି ହୋଇଛି। ତେବେ ଦୁଇ ଦିନ ଧରି ଚାଲିଥିବା ଏହି ବୈଠକରେ ଅନେକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଯେଉଁଥିରେ ବେକାରୀ, ମୁଦ୍ରାସ୍ଫୀତି ବୃଦ୍ଧି, କୃଷକଙ୍କ ସମସ୍ୟା, ଜାତୀୟ ନିରାପତ୍ତା, ବିମୁଦ୍ରୀକରଣ ଭଳି ପ୍ରସଙ୍ଗଗୁଡିକ ବିଷୟରେ ଆଗମୀ ସ୍ଥିତିକୁ ନେଇ ତର୍ଜମା କରାଯାଇଥିଲା। ରାହୁଲ ଗାନ୍ଧୀଙ୍କୁ ସଭାପତି କରିବା ପ୍ରସ୍ତାବକୁ ପାସ କରି ଶ୍ରୀନିବାସ ବିଭି କହିଛନ୍ତି ଯେ ଆଗାମୀ ଦିନରେ ରାହୁଲଙ୍କ ନେତୃତ୍ୱରେ ଯୁବ କଂଗ୍ରେସ ଦେଶର ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାସ୍ତାକୁ ଯିବ। କରୋନା ମହାମାରୀ ସମୟରେ, ଯୁବ କଂଗ୍ରେସ ସଭାପତି ଶ୍ରୀନିବାସ ବିଭି ଶଯ୍ୟା, ଖାଦ୍ୟ ପାଇଁ ଅମ୍ଳଜାନ ସାହାଯ୍ୟରେ ଡାକ୍ତରଖାନାର ଅଭାବୀ ଲୋକଙ୍କୁ କିପରି ବ୍ୟବସ୍ଥା କରିଥିଲେ, ତାହା ଶାସକ ଦଳରୁ ବିରୋଧୀଦଳ ନେତା ତଥା ସାଧାରଣ ଜନତା ତାଙ୍କୁ ପ୍ରଶଂସା କରିଥିଲେ।

### ଲକ୍‌ଡାଉନର କୁପ୍ରଭାବ

# ଗ୍ରାମାଞ୍ଚଳରେ ୩୭% ପିଲା ପାଠପଢ଼ାରୁ ବଞ୍ଚିତ

**ନୂଆଦିଲ୍ଲୀ :** କରୋନା କାଳରେ ଅଧିକ ପ୍ରଭାବିତ ହୋଇଛି ଶିକ୍ଷା। ବିଶେଷକରି ଗ୍ରାମାଞ୍ଚଳର ପିଲା ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି। ଗ୍ରାମାଞ୍ଚଳରେ ରହୁଥିବା ୩୭% ପିଲା ପାଠ ପଢ଼ିନାହାନ୍ତି। ଗ୍ରାମାଞ୍ଚଳରେ କେବଳ ୮ ପ୍ରତିଶତ ପିଲା ଅନଲାଇନରେ ପାଠ ପଢ଼ିଛନ୍ତି। ସ୍କୁଲ୍ ଚିଲଡ୍ରେନ୍ ଅନଲାଇନ୍ ଆଣ୍ଡ ଅଫଲାଇନ୍ ଲର୍ଣ୍ଣିଂ (ସ୍କୁଲ) ପକ୍ଷରୁ ହୋଇଥିବା ଅଗଷ୍ଟ-୨୦୨୧ର ସର୍ଭେ ରିପୋର୍ଟରୁ ଏହା ଜଣାପଡ଼ିଛି। ଆସାମ, ବିହାର, ଚଣ୍ଡିଗଡ଼, ଦିଲ୍ଲୀ, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, ମଧ୍ୟ ପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ତାମିଲନାଡୁ, ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗର ପ୍ରାୟ ୧୩୬୨ ଲୋକଙ୍କୁ ନେଇ ଏକ ସର୍ଭେ କରାଯାଇଥିଲା। ଏହି ସର୍ଭେରେ ପ୍ରତ୍ୟେକ ପରିବାରର ଅତି କମରେ ଗୋଟିଏ ପିଲା ପ୍ରାଥମିକ (ଶ୍ରେଣୀ ୧ ରୁ ୫) କିମ୍ବା ଉଚ୍ଚ-ପ୍ରାଥମିକ (ଶ୍ରେଣୀ ୬-୮) ସ୍ତରରେ ନାମ ଲେଖାଇଥିଲେ। ଏହି ସର୍ଭେରୁ ଜଣାପଡ଼ିଛି ଯେ ଗ୍ରାମାଞ୍ଚଳରେ ମାତ୍ର ୨୮ ପ୍ରତିଶତ ପିଲା ନିୟମିତ ଅଧ୍ୟୟନ କରୁଥିବା ବେଳେ ୩୭ ପ୍ରତିଶତ ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି। ଅଧିକାଂଶ ଅଭିଭାବକଙ୍କ ମତରେ ଲକଡାଉନ୍ ସମୟରେ ସେମାନଙ୍କ ପିଲାମାନଙ୍କର ପଢ଼ିବା ଓ ଲେଖିବା ଦକ୍ଷତା ବହୁତ ହ୍ରାସ ପାଇଛି। ସର୍ଭେରୁ ଜଣାପଡ଼ିଛି ଯେ ପିଲାମାନଙ୍କ ଅନଲାଇନ୍ ଶିକ୍ଷା ମଧ୍ୟ ସୀମିତ ହୋଇଛି। ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଯଥାକ୍ରମେ ୨୪ ପ୍ରତିଶତ ଓ ୮ ପ୍ରତିଶତ ସ୍କୁଲ ପିଲାମାନେ ନିୟମିତ ଭାବେ ଅନଲାଇନ୍ କ୍ଲାସ କରୁଥିବା ସର୍ଭେରୁ ଜଣାପଡ଼ିଛି। ତେବେ ସର୍ଭେରୁ ଜଣାପଡ଼ିଛି ଯେ ଅଧିକାଂଶ ପିଲାଙ୍କ ପାଖରେ ସ୍ମାର୍ଟ ଫୋନ୍ ନାହିଁ, ଯେଉଁକାରଣରୁ ସେମାନେ ଅନଲାଇନ୍ ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି। ସହରାଞ୍ଚଳରେ ୩୧ ପ୍ରତିଶତ ଓ ଗ୍ରାମାଞ୍ଚଳରେ ୧୫ ପ୍ରତିଶତ ପିଲାଙ୍କ ପାଖରେ ସ୍ମାର୍ଟଫୋନ୍ ଥିବା ସର୍ଭେରେ ସ୍ପଷ୍ଟ ହୋଇଛି। ସର୍ଭେରୁ ଜଣାପଡ଼ିଛି ଯେ ଅଧିକାଂଶ ଛୋଟପିଲା ଅନଲାଇନ୍ ପାଠପଢ଼ା କ'ଣ ନାହାନ୍ତି ଏବଂ ସେମାନେ ଅନଲାଇନ୍ ପାଠପାଢ଼ାରେ ନିଜର ଧ୍ୟାନକେନ୍ଦ୍ରିତ କରିପାରୁନାହାନ୍ତି। ସହରାଞ୍ଚଳର ଅଭିଭାବକଙ୍କ କହିବା ଅନୁଯାୟୀ ଲକଡାଉନ୍ ପିରିୟଡରେ ସେମାନଙ୍କ ପିଲାଙ୍କର ପଢ଼ିବା ଓ ଲେଖିବା ଦକ୍ଷତା ହ୍ରାସ ପାଇଛି। ଗ୍ରାମାଞ୍ଚଳର ୧ ପ୍ରତିଶତ ଓ ସହରାଞ୍ଚଳର ୮ ପ୍ରତିଶତ ପିଲା ଦୂରଦର୍ଶନରେ ପ୍ରସାରିତ ଅନଲାଇନ୍ କ୍ଲାସରେ ଯୋଗ ଦେଉଥିବା ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ସ୍କୁଲ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ନେଇ ମଧ୍ୟ ସର୍ଭେ କରାଯାଇଛି। ଏଥିରୁ ଗ୍ରାମାଞ୍ଚଳର ୫୮ ପ୍ରତିଶତ ଓ ସହରାଞ୍ଚଳର ୫୧ ପ୍ରତିଶତ ପିଲା ସେମାନଙ୍କର ଶିକ୍ଷକଙ୍କୁ ଭେଟିନାହାନ୍ତି। ସର୍ଭରେ ୯୮ ପ୍ରତିଶତ ଅଭିଭାବକ ସ୍କୁଲ୍ ଖୋଲିବା ସପକ୍ଷରେ ଯୁକ୍ତି ରଖିଛନ୍ତି।





EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର








## ଅନ୍ଧାରୁଆରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଉତ୍କର୍ଷ କେନ୍ଦ୍ର ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ଉପକଣ୍ଠର ଅନ୍ଧାରୁଆ ଠାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସ୍ଥାପନ ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ବିଦ୍ୟାଳୟ ନିର୍ମାଣ ପାଇଁ ୧୦୦ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ଗ୍ରାମାଞ୍ଚଳର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ବର୍ତ୍ତମାନ ସ୍କୁଲ କ୍ଷେତ୍ରରେ ଚାଲିଥିବା ରୂପାନ୍ତରୀକରଣ କାର୍ଯ୍ୟକ୍ରମରେ ଏହା ଏକ ନୂତନ ମାଇଲ ଖୁଣ୍ଟ ହେବ। ଏହି ସ୍କୁଲରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ୫୦୦ ଲେଖାଏ, ସମୁଦାୟ ୧୦୦୦ ଜଣ ଛାତ୍ରଛାତ୍ରୀ ଶିକ୍ଷାଲାଭ କରିପାରିବେ। ୫-ଟି କାର୍ଯ୍ୟକ୍ରମ ଅଧିନରେ ହିଞ୍ଜିଳିରୁ ଆରମ୍ଭ ହୋଇଥିବା ବିଦ୍ୟାଳୟ ରୂପାନ୍ତରଣ ଉପକ୍ରମ ସମ୍ପର୍କରେ ମନେ ପକାଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଏହା ସାରା ରାଜ୍ୟରେ ପର୍ଯ୍ୟାୟକ୍ରମେ କରାଯିବ। ଏହି ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ ଗଣିତ ଓ ଭାଷା ପ୍ରୟୋଗଶାଳା, ଉଚ୍ଚ ପ୍ରଯୁକ୍ତି ବିଦ୍ୟା ସମ୍ପନ୍ନ କମ୍ପ୍ୟୁଟର ପ୍ରୟୋଗଶାଳା ପ୍ରତିଷ୍ଠା ହେବା ସହିତ ସମଗ୍ର ବିଶ୍ୱର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ସହିତ ଜ୍ଞାନ ଆଦାନପ୍ରଦାନ କରାଯିବ। ଗୁଣାତ୍ମକ ଶିକ୍ଷା ସହିତ ଜଣେ ଟିମ୍ ଲିଡରଙ୍କ ଅଧୀନରେ ମେଧାବୀ ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତାରେ ସଫଳତା ପାଇଁ ସହାୟତା କରିବେ। ଏହି ସ୍କୁଲର ଛାତ୍ରଛାତ୍ରୀମାନେ ସେମାନଙ୍କର ସମସ୍ତ ଅନ୍ତର୍ନିହିତ ଗୁଣର ବିକାଶ କରି ବିଭିନ୍ନ କ୍ଷେତ୍ରରେ ସଫଳତାର ଶୀର୍ଷରେ ପହଞ୍ଚିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ଆଦର୍ଶ ବିଦ୍ୟାଳୟ ସଂଗଠନର ଅଧକ୍ଷ ଉପେନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

### ଓଡ଼ିଶା ପଞ୍ଚାୟତ ସଂଶୋଧନ ବିଲ୍-୨୦୨୧ ବିଧାନସଭାରେ ପାରିତ

## ୫୦%ରେ ରହିବ ମୋଟ୍ ସଂରକ୍ଷଣ

**ଭୁବନେଶ୍ୱର :** ଓଡ଼ିଶା ପଞ୍ଚାୟତ ଆଇନ ସଂଶୋଧନ ବିଲ୍-୨୦୨୧ ବିଧାନସଭାରେ ପାରିତ ହୋଇଛି। ଏହି ବିଧେୟକ ଅନୁସାରେ ଅନୁସୂଚିତ ଜାତି ଓ ଜନଜାତି ଓ ପଛୁଆବର୍ଗଙ୍କ ପାଇଁ ୫୦% ଭିତରେ ସଂରକ୍ଷଣ ରହିବ। ଅର୍ଥାତ୍ ଅର୍ଥାତ ସଂରକ୍ଷଣ ବ୍ୟବସ୍ଥା ୫୦ ପ୍ରତିଶତ ଅତିକ୍ରମ କରିବ ନାହିଁ। ପଛୁଆ ବର୍ଗଙ୍କ ପାଇଁ ୨୭% ଭିତରେ ସଂରକ୍ଷଣ ବ୍ୟବସ୍ଥା ରହିବ। ଏସ୍‌ସି/ଏସ୍‌ଟିଙ୍କ ପାଇଁ ସଂରକ୍ଷଣ ପରେ ଅବଶିଷ୍ଟ ପଛୁଆ ବର୍ଗଙ୍କ ପାଇଁ ରହିବ। ଏହି ବିଲ୍ ବିଧାନସଭାରେ ପାରିତ ହେଲା ପରେ ପଞ୍ଚାୟତ ନିର୍ବାଚନ ପାଇଁ ବାଟ ଫିଟିଛି। ଅନ୍ୟପକ୍ଷରେ ଗତକାଲି ମ୍ୟୁନିସପାଲ ଆଇନ୍ ସଂଶୋଧନ ବିଲ୍ ବିଧାନସଭାରେ ପାରିତ ହୋଇଯାଇଛି। ବିଲ୍



ପାରିତ ପରେ ରାଜ୍ୟରେ ପୌର ନିର୍ବାଚନ ନେଇ ବାଟ ଫିଟିଛି। ବିଲ୍ ଅନୁଯାୟୀ ସଂରକ୍ଷଣ ସୀମା ୫୦ ପ୍ରତିଶତ ମଧ୍ୟରେ ରହିବ। ଏସ୍‌ସି, ଏସ୍‌ଟି ଓ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ୫୦% ମଧ୍ୟରେ ରହିବ। ସଂରକ୍ଷଣ ବ୍ୟବସ୍ଥା ୫୦ ପ୍ରତିଶତ ଅତିକ୍ରମ କରିବ ନାହିଁ। ପଛୁଆ ବର୍ଗଙ୍କ ପାଇଁ ୨୭% ଭିତରେ ସଂରକ୍ଷଣ ବ୍ୟବସ୍ଥା ରହିବ। ସଂଶୋଧିତ ଆଇନ ଅନୁସାରେ ପ୍ରଥମେ ଏସ୍‌ସି, ଏସ୍‌ଟିଙ୍କୁ ସଂରକ୍ଷଣ ଦିଆଯିବ। ଏସ୍‌ସି, ଏସ୍‌ଟିଙ୍କୁ ଆବଶ୍ୟକ ଆସନ ସଂରକ୍ଷଣ ଦେବା ପରେ ପଛୁଆ ବର୍ଗଙ୍କୁ ଦିଆଯିବ। ଆସନର ଅବଶିଷ୍ଟ ଅଂଶଗୁଡ଼ିକୁ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ କରାଯିବ। ତେବେ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷିତ ଆସନ ୨୭%ରୁ ଅଧିକ ହେବନି। ସମ୍ବିଧାନର ଅନୁଚ୍ଛେଦ ୨୪୩-ଡି'ରେ ପଞ୍ଚାୟତିରାଜ ଅନୁଷ୍ଠାନ ମାନଙ୍କର ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ରହିଛି। ଉପରୋକ୍ତ ବ୍ୟବସ୍ଥା ମତେ ରାଜ୍ୟ ସରକାର ପଛୁଆ ବର୍ଗ ନାଗରିକଙ୍କ ପାଇଁ ଆବଶ୍ୟକତା ମତେ ସ୍ଥାନ ସଂରକ୍ଷଣ କରିବା ନିମନ୍ତେ ସ୍ୱତନ୍ତ୍ର ଅଟନ୍ତି।

## ଥାଲାସେମିଆ ରୋଗୀଙ୍କୁ ମାଗଣାରେ ଲିକୋସାଇଟ୍ ଫିଲଟର୍

**ଭୁବନେଶ୍ୱର :** ରାଜ୍ୟରେ ଥିବା ୧୫ ହଜାରରୁ ଊର୍ଦ୍ଧ୍ୱ ଥାଲାସେମିଆ ରୋଗୀ ଏବଂ ଅଭିଭାବକଙ୍କ ପାଇଁ ଖୁସି ଖବର। ରକ୍ତ ଟ୍ରାନ୍ସଫ୍ୟୁଜନ୍ ପାଇଁ ଏଣିକି ସେମାନଙ୍କୁ ଆବଶ୍ୟକ ଲିକୋସାଇଟ୍ ଫିଲଟର୍ କିଣିବାକୁ ପଡ଼ିବ ନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହା ମାଗଣାରେ ଯୋଗାଇ ଦିଆଯିବ। ଏଥିପାଇଁ ରାଜ୍ୟ ସରକାର ୨ କୋଟି ଟଙ୍କା ଖର୍ଚ୍ଚ କରିବେ। ସୂଚନା ଅନୁଯାୟୀ, ରକ୍ତ ନେବା ବେଳେ ମଲ୍ଟିପୁଲ ଟ୍ରାନ୍ସଫ୍ୟୁଜନ୍ ଥିବା ଥାଲାସେମିଆ ରୋଗୀଙ୍କ ପାଖକୁ ଡବ୍ଲୁବିସି ବା ଧଳାରକ୍ତ ଚାଲି ଆସେ। ଏହା ସେମାନଙ୍କ ପାଇଁ କ୍ଷତିକାରକ ହୋଇପାରେ। ତେଣୁ ଲିକୋସାଇଟ ଫିଲଟର୍ ଦ୍ୱାରା ତାହାକୁ ଶୁଦ୍ଧୀକରଣ କରାଯାଇଥାଏ, ଯେପରି ଧଳାରକ୍ତ ଥାଲାସେମିଆ ରୋଗୀଙ୍କ ଦେହକୁ ନ ଯିବ। ତେବେ ଏହି ଫିଲଟର୍ ପାଇଁ ରୋଗୀ ତଥା ଅଭିଭାବକଙ୍କୁ ପ୍ରତିଥର ୯ଶହରୁ ୧ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ପଡ଼ିଥାଏ। ଥାଲାସେମିଆ ରୋଗୀଙ୍କୁ ମାସିକ ୩ରୁ ୪ଥର,



ଏପରିକି ଏହାଠାରୁ ଅଧିକଥର ମଧ୍ୟ ରକ୍ତ ନେବାର ଆବଶ୍ୟକତା ପଡ଼ିଥାଏ। ଅନେକେ ଏହା କିଣି ମଧ୍ୟ ପାରନ୍ତି ନାହିଁ। ତେଣୁ ମାଗଣା ଲିକୋସାଇଟ୍ ଫିଲଟର୍ ବ୍ୟବସ୍ଥା କରିବାକୁ ଦାବି ହୋଇଆସୁଥିଲା। ରାଜ୍ୟ ସରକାର ଏବେ ଉକ୍ତ ଦାବିକୁ ଗ୍ରହଣ କରିଛନ୍ତି। କେବଳ ଏହି ଗୋଟିଏ ସୁବିଧା ନୁହେଁ, ଥାଲାସେମିଆ ଏବଂ ସିକଲିନ୍ ରୋଗୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ବିନା ବଦଳରେ ରକ୍ତ ପ୍ରଦାନ, ଗସ୍ତ ଖର୍ଚ୍ଚ ବାବଦକୁ ୫୦୦ ଟଙ୍କା, ନିଃଶୁଳ୍କ ସେବା ଚାର୍ଜ (ପୂର୍ବରୁ ସେବା ପାଇଁ ୫୦୦ ଟଙ୍କା ନିଆଯାଉଥିଲା) ଓ ଆବଶ୍ୟକ ଔଷଧ ମଧ୍ୟ ମାଗଣାରେ ଦିଆଯାଉଛି।

## ରାଜ୍ୟ ଅର୍ଥନୀତିର ଅଧୋଗତି; ଋଣ ବୋଝରୁ ଋଣ ଜନ୍ତାକୁ ଦ୍ରୁତଗତି : କଂଗ୍ରେସ

**ଭୁବନେଶ୍ୱର :** ଓଡ଼ିଶା ସରକାରଙ୍କ ଅର୍ଥନୀତିର କୁ-ପରିଚାଳନା ଯୋଗୁଁ ରାଜ୍ୟ ଋଣବୋଝରୁ ଯାଇ ଋଣ ଜନ୍ତାରେ ପଡ଼ିବାର ପରିସ୍ଥିତି ସୃଷ୍ଟି ହୋଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ମୁଖପାତ୍ର ପ୍ରଶାନ୍ତ ଶତପଥି ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଆର୍ଥିକ ନୀତିକୁ କଡ଼ା ସମାଲୋଚନା କରି କହିଥିଲେ ଯେ, ରାଜ୍ୟରେ ମୁଣ୍ଡ ପିଛା ଋଣ ଭାର ୨୩ ହଜାର ୭ ଶହ ୬୧ ଟଙ୍କା କୁ ବୃଦ୍ଧି ପାଇବା ରାଜ୍ୟ ଅର୍ଥନିତୀର ବିକଳ ଚିତ୍ରକୁ ସାମ୍ନାକୁ ଆଣିଛି। ପବିତ୍ର ବିଧାନସଭା ଗୃହ ଭିତରେ ମାନ୍ୟବର ଅର୍ଥମନ୍ତ୍ରୀଙ୍କ ସ୍ୱୀକାରୋକ୍ତି ସ୍ପଷ୍ଟ କରିଛି ଯେ, ବିଗତ ୧୦ ବର୍ଷ ଭିତରେ ରାଜ୍ୟର ମୁଣ୍ଡ ପିଛା ଋଣ ଭାର ୨ଗୁଣାରୁ ଅଧିକ ବୃଦ୍ଧି ପାଇଛି। ୨୦୧୧ - ୨୦୧୨ ମସିହାରେ - ୯ ହଜାର ୧ ଶହ ୪୪ ଟଙ୍କା ଥିବାବେଳେ ବର୍ତ୍ତମାନ ୨୦୨୧-୨୨ ମସିହାରେ -୨୩ ହଜାର ୭ ଶହ ୬୧ ଟଙ୍କାରେ ପହଂଚିଛି। ଏହା ପୂର୍ବରୁ ୨୦୧୯ ମସିହାରେ - ୧୮ ହଜାର ୨ ଶହ ୨୮ ଟଙ୍କା ଥିବାବେଳେ, ୨୦୨୦ ମସିହାରେ - ୨୩ ହଜାର ୫ ଶହ ୨୪ ଟଙ୍କାକୁ ବୃଦ୍ଧି ପାଇଥିଲା। ଏଥିରୁ ସ୍ପଷ୍ଟ ଯେ, ଓଡ଼ିଶାର ମୁଣ୍ଡ ପିଛା ଋଣ ଭାର କ୍ରମାଗତ ଭାବେ ବଢ଼ି ବଢ଼ି ଚାଲିଛି। ଶାସକ ବିଜୁ ଜନତା ଦଳ ତରଫରୁ ସଫେଇ ଦିଆଯାଇ ଯାହା କୁହାଯାଉଛି ଯେ, ରାଜ୍ୟର ଋଣଭାର ଜି.ଏସ୍.ଡ଼ି.ପି. ବା ରାଜ୍ୟର ସକଳ ଘରୋଇ ଉତ୍ପାଦର ଏଫ୍.ଆର.ବି.ଏମ୍. ଆଇନ୍ ବା ବିତିୟ ଦାୟିତ୍ୱ ଓ ବଜେଟ ପରିଚାଳନା ନିୟମ - ୨୦୦୩ ଅନୁସାରେ ୨୫ ପ୍ରତିଶତ ଭିତରେ ରହିଛି, ତେଣୁ ଏହାଚିନ୍ତାଜନକ ବିଷୟ ନୁହେଁ, ଯାହା ଆଦୌ ଗ୍ରହଣ କରାଯାଇନପାରେ। ରାଜ୍ୟର ଋଣଭାର ଚଳିତ ଆର୍ଥିକ ବର୍ଷ ଶେଷ ସୁଧା ୧,୨୨,୯୧୭ କୋଟି ଟଙ୍କାରେ ପହଂଚିବାରେ ଆକଳନ କରାଯାଇଛି। ଏକଥା ସତ୍ୟ ଯେ, ପୂର୍ବରୁ ଥିବା ଋଣ ଉପରେ ସ୍ଥାୟୀ



ସୁଧ ହାର ଯଥାକ୍ରମେ ୧୪ ପ୍ରତିଶତ ଓ ୧୮ ପ୍ରତିଶତ ଥିବାବେଳେ ଦ୍ୱାଦଶ ଅର୍ଥକମିଶନଙ୍କ ସୁପାରିଶ ଆଧାରରେ ଏହାକୁ କମ୍ କରାଯାଇ ବର୍ତ୍ତମାନ ୩ ପ୍ରତିଶତ, ୫ ପ୍ରତିଶତ ଓ ୭ ପ୍ରତିଶତ କରାଯାଇଅଛି। ତେଣୁ ରାଜ୍ୟ ସରକାର ଋଣ ଉପରେ ପ୍ରଦାନ କରୁଥିବା ସୁଧ କମିଛି। କିନ୍ତୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଯେ, ରାଜ୍ୟ ସରକାର କରୁଥିବା ଋଣ କିଭଳି ଭାବେ ବିନିଯୋଗ କରୁଛନ୍ତି ଯଦ୍ଦ୍ୱାରା କି ଦୀର୍ଘ ମିଆଦି ସୁତ୍ରରେ ସରକାରଙ୍କର ଆୟବୃଦ୍ଧି ଘଟିବ। ଶ୍ରୀ ଶତପଥି ଏକଥା ସ୍ପଷ୍ଟଭାବେ ଉଲ୍ଲେଖ କରିଛନ୍ତି ଯେ, ପ୍ରଦେଶ କଂଗ୍ରେସ ବିକାଶଶୀଳ ଅର୍ଥନୀତିକୁ ଆଗକୁ ନେବା ପାଇଁ ଯେଉଁ ଋଣ କରିବାର ବ୍ୟବସ୍ଥା ରହିଛି ତାକୁ ବିରୋଧ କରେ ନାହିଁ। କିନ୍ତୁ ଋଣ କରିଥିବା ଅର୍ଥକୁ ସରକାର ସଠିକ୍ ମାର୍ଗରେ ବିନିଯୋଗ ନ କରି ଶସ୍ତା ଲୋକପ୍ରିୟତା ହାସଲ କରିବା ଓ ଭୋଟ ହାତେଇବା ପାଇଁ ନେଉଥିବା ପଦକ୍ଷେପକୁ ବିରୋଧ କରେ। ସରକାର ବିଭିନ୍ନ ସୁତ୍ରରୁ ଋଣ କରି ତାକୁ ପୁଞ୍ଜି ଭାବରେ ବିନିଯୋଗ କରି ରାଜ୍ୟର ଆୟବୃଦ୍ଧି ଘଟାଇବା ତଥା ଦୀର୍ଘ ମିଆଦି ସୂତ୍ରରେ ଉପାର୍ଜନକ୍ଷମ ସ୍ଥାୟୀ ସଂପତ୍ତି ସୃଷ୍ଟି କରିବା ପରିବର୍ତ୍ତେ ଋଣ ଟଙ୍କାର କୁ-ବିନିଯୋଗ ରାଜ୍ୟର ମୁଣ୍ଡ ପିଛା ଋଣଭାର ବଢ଼ାଇ ଚାଲିଛନ୍ତି। ଅତ୍ୟନ୍ତ ଉଦ୍‌ବେଗଜନକ ବିଷୟ ଏହି ଯେ, ସରକାର ଋଣ ଟଙ୍କାର ୯୭ ପ୍ରତିଶତ ଦୀର୍ଘ ମିଆଦି ସୂତ୍ରରେ ଉପାର୍ଜନକ୍ଷମ ସ୍ଥାୟୀ ସଂପତି ସୃଷ୍ଟି କରିବାରେ ବିନିଯୋଗ କରନ୍ତି ନାହିଁ। ଯାହାଫଳରେ ଆଜି ଓଡ଼ିଶା ଭଳି ରାଜ୍ୟ ଦାଦନ ଶ୍ରମିକ ସମସ୍ୟା ନେଇ ଜର୍ଜରିତ ଅବସ୍ଥାରେ ରହିଛି। ରାଜ୍ୟରେ ରୋଜଗାରର ଅବକାସ ନାହିଁ, କର୍ମନିଯୁକ୍ତି ଆଶାରେ ଲକ୍ଷ ଲକ୍ଷ ଲୋକ ରାଜ୍ୟ ବାହାରକୁ ଯାଉଛନ୍ତି। ବିଗତ ଦଶବର୍ଷ ଭିତରେ ସରକାର ସ୍ଥାୟୀ ସଂପତି ସୃଷ୍ଟି କରିବାରେ ଋଣ ଟଙ୍କାକୁ ଆଦୌ ବିନିଯୋଗ କରିନାହାନ୍ତି।

## ରାଜ୍ୟରେ ବଢ଼ିଚାଲିଛି ଦୁଷ୍କର୍ମ



**ଭୁବନେଶ୍ୱର :** ରାଜ୍ୟରେ ଦୁଷ୍କର୍ମ, ଯୌତୁକଜନିତ ହତ୍ୟା ଓ ମହିଳା ନିର୍ଯାତନା ବଢ଼ିବାରେ ଲାଗିଛି । ଦିନକୁ ଦିନ ଏହା ବଢ଼ିବାରେ ଲାଗିଛି ବୋଲି ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ଉତ୍ତରରୁ ସ୍ପଷ୍ଟ ହୋଇଛି। ରାଜ୍ୟରେ ଏବେ ଦୁଷ୍କର୍ମ ଓ ହତ୍ୟାକୁ ନେଇ ସ୍ଥିତି କିଭଳି ରହିଛି ବୋଲି ବିଧାନସଭାରେ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ପ୍ରଶ୍ନ କରିଥିବା ବେଳେ ଏବେ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଏହାର ଚମକାଇଦେବା ଭଳି ଉତ୍ତର ଦେଇଛନ୍ତି। ସେ କହିଛନ୍ତି ଯେ, ୨୦୧୯ରେ ୨୯୫୦ଦୁଷ୍କର୍ମ ହୋଇଥିବା ବେଳେ ୨୦୨୦ରେ ଏହି ସଂଖ୍ୟା ବଢି ୨୯୮୪ରେ ପହଞ୍ଚିଥିଲା । ୨୦୨୧ମସିହା ଜୁନ ସୁଦ୍ଧା ୧୫୬୩ଟି ମାମଲା ସାମ୍ନା କୁ ଆସିଲାଣି । ସେହିପରି ନାବାଳିକା ଦୁଷ୍କର୍ମରେ ୨୦୧୯ରେ ୧୬୩୫ ଓ ୨୦୨୦ରେ ୧୬୪୬ ଆଉ ୨୦୨୧ଜୁନ ସୁଦ୍ଧା ୭୮୬ଟି ମାମଲା ସାମ୍ନାକୁ ଆସିଛି । ହତ୍ୟା କ୍ଷେତ୍ରରେ ୨୦୧୯ରେ ୧୩୫୬, ୨୦୨୦ରେ ୧୪୭୦ ଏବଂ ୨୦୨୧ ଜୁନ ସୁଦ୍ଧା ୭୮୨ ମାମଲା ସାମ୍ନାକୁ ଆସିଛି । ସେହିପରି ଯୌତୁକଜନିତ ହତ୍ୟାରେ ବି ୨୦୧୯ରେ ୨୭୮, ୨୦୨୦ରେ ୩୧୧ ଏବଂ ୨୦୨୧ ଜୁନ ସୁଦ୍ଧା ୧୮୪ଟି ମାମଲା ସାମ୍ନାକୁ ଆସିଛି । ଆଉ ଯୌତୁକଜନିତ ନିର୍ଯାତନା ୨୦୧୯-୨୦ ମସିହାରେ ପାଖାପାଖି ସମାନ ରହିଛି। ଏହା ସହ ୨୦୨୧ଜୁନ ସୁଦ୍ଧା ୨୨୯ଟି ମାମଲା ମାମଲା ସାମ୍ନାକୁ। ଯୌନ ନିର୍ଯାତନାରେ ୨୦୧୯ମସିହାରେ ୬୮୪୮, ୨୦୨୦ରେ ୭୯୩୭ ଏବଂ ୨୦୨୧ ଜୁନ ସୁଦ୍ଧା ୪୯୪୯ ମାମଲା ସାମ୍ନାକୁ ଆସିଛି। ସେହିଭଳି ଏସିଡ୍ ମାଡ଼ରେ ୨୦୧୯ରେ ୩ଜଣ, ୨୦୨୦ରେ ୬ ଜଣ ଆଉ ୨୦୨୧ଜୁନ ସୁଦ୍ଧା ଜଣେ ଏସିଡ ମାଡ଼ର ଶିକାର ହୋଇଥିବା କହିଛନ୍ତି ଦିବ୍ୟ ଶଙ୍କର ମିଶ୍ର।

## 'ପିଲାଙ୍କ ସୁରକ୍ଷା ଅଭିଭାବକଙ୍କ ଦାୟିତ୍ୱ'

**ଭୁବନେଶ୍ୱର :** ଢେଙ୍କାନାଳ ଓ ବରଗଡ଼ ଜିଲ୍ଲାର ୨ ସ୍କୁଲରୁ ୩୪ ପିଲା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏନେଇ ଖବର ପ୍ରଚାରିତ ହେବା ପରେ ଅଭିଭାବକମାନେ ଆତଙ୍କିତ ହୋଇ ପଡ଼ିଛନ୍ତି। ହେଲେ ସ୍କୁଲ ଖୋଲାଯିବା ଦିନଠୁ ସଂକ୍ରମଣ ବଢ଼ିବ ବୋଲି ଆଶଙ୍କା ଥିବା କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ଏନେଇ ସେ କହିଛନ୍ତି, କେତେ ଶିଶୁଙ୍କ ପାଖରେ ଲକ୍ଷଣ ଅଛି, ସେମାନଙ୍କ ମଧ୍ୟରୁ କେତେ ଜଣ ଗୁରୁତର ଅଛନ୍ତି ଦେଖିବାକୁ ପଡ଼ିବ। ସର୍ଭିଲାନ୍ସକୁ କଡ଼ାକଡ଼ି କରିବା ଛଡ଼ା ଅଲଗା ବାଟ ନାହିଁ । ଯଦି ଶିଶୁଙ୍କ ପାଖରେ ଲକ୍ଷଣ ରହୁଛି ସ୍କୁଲ ନ ଆସିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି, ଯେଉଁମାନଙ୍କର ଲକ୍ଷଣ ଅଛି ସେମାନେ ଘରେ ରୁହନ୍ତୁ। ଅଭିଭାବକ ସେମାନଙ୍କ ଯତ୍ନ ନିଅନ୍ତୁ। ସବୁବେଳେ ଆମ ଉପରେ ବିପଦ ରହିଛି। ତେଣୁ ଆମେ କରୋନା କଟକଣାକୁ କଡ଼ାକଡ଼ି ଭାବେ ପାଳନ କରିବା ଦରକାର। ଓଡଟରେ ୦.୨% ଶିଶୁ ଚିକିତ୍ସାଧୀନ ଥିବା ବେଳେ



ଭେଣ୍ଟିଲେଟରରେ କେହି ପିଲା ନାହାନ୍ତି। ଅଧିକାଂଶ ପିଲା ମାଇଲ୍ଡ ସଂକ୍ରମିତ, ଟ୍ୱିନ୍ସିଟିରେ ଆର୍ ଭ୍ୟାଲୁ ୧ ପ୍ରତିଶତ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ। ଡିଏମ୍‌ଇଟି ଡାକ୍ତର ସିବିକେ ମହାନ୍ତି କହିଛନ୍ତି, ପିଲାମାନେ କରୋନା କଟକଣା କଡ଼ାକଡ଼ି ପାଳନ କରିବା କଷ୍ଟକର। ସେମାନଙ୍କୁ ଶିକ୍ଷକ ତଥା ଅଭିଭାବକ ଏଥିନିମନ୍ତେ ପରାମର୍ଶ ଦେବା ଉଚିତ। ସାମାଜିକ ଦୂରତା ରକ୍ଷା କରିବା, ମାସ୍କ ପିନ୍ଧିବାକୁ ସବୁବେଳେ ଚେତାଇ ଦେବା ଉଚିତ। ପରିସ୍ଥିତି ବିଗିଡ଼ିଲେ ସ୍କୁଲ ବନ୍ଦ ହେବ। ପିଲାଙ୍କ ଭବିଷ୍ୟତ ପାଇଁ ଅଭିଭାବକ ଓ ଶିକ୍ଷକ ଯତ୍ନବାନ ହେବା ଉଚିତ। ଏଥିସହ ସେ କହିଛନ୍ତି, ପିଲାଙ୍କୁ ସୁରକ୍ଷିତ ରଖିବା ନିମନ୍ତେ ପ୍ରାଥମିକ ଦାୟିତ୍ୱ ହେଉଛି ଅଭିଭାବକଙ୍କର। ସେମାନେ କିଛି ଲୁଚାଇବା କଥା ନୁହେଁ। ପିଲାଙ୍କ କାଶ, କଫ, ଥଣ୍ଡା ହେଲେ ତୁରନ୍ତ ଜଣାନ୍ତୁ। ଏହାପରେ ରାଜ୍ୟ ସରକାରଙ୍କ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ। ସରକାରଙ୍କ ପାଖରେ ପର୍ଯ୍ୟାପ୍ତ ଅକ୍ସିଜେନ ସିଲିଣ୍ଡର ଅଛି। ବହୁ ଜାଗାରେ ଅକ୍ସିଜେନ ପ୍ଲାଂଟ କାମ ଚାଲିଛି। ତୃତୀୟ ଲହର ଆସିଲେ ତାହାର ମୁକାବିଲା କରିହେବ। କିନ୍ତୁ ସଂକ୍ରମଣ ରୋକିବା ପାଇଁ କେମିତି ପଦକ୍ଷେପ ନିଆଯିବ ତାହା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ପିଲାମାନଙ୍କର ସଂକ୍ରମଣ ହାର କମ୍। ରୋଗର ତୀବ୍ରତା କମ୍। ବିଦେଶରେ କିଛି ପିଲାଙ୍କୁ ହାଇବ୍ରିଡ଼ ମୋଡ଼ରେ ପଢ଼ାଯାଉଛି। ପ୍ରାଇମେରୀ ସ୍କୁଲ ଖୋଲିବା ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବା ଆମର ଦାୟିତ୍ୱ। ଯେହେତୁ ଭ୍ୟାକସିନ ଆସିନାହିଁ।

## ବିଧାନସଭାରେ ମ୍ୟୁନିସିପାଲ ଆଇନ ସଂଶୋଧନ ବିଲ୍ ପାରିତ

**ଭୁବନେଶ୍ୱର :** ରାଜ୍ୟରେ ପୌର ନିର୍ବାଚନ ନେଇ ବାଟ ଫିଟିଛି। ବିଧାନସଭାରେ ମ୍ୟୁନିସିପାଲ ଆଇନ ସଂଶୋଧନ ବିଲ୍ ୨୦୨୧ ପାରିତ ହେବା ପରେ ଏଇ ବାଟ ଫିଟିଛି। ବିଲ୍ ଅନୁଯାୟୀ ଓଡ଼ିଶା ପୌର ବିଧି ସଂଶୋଧନ ବିଧେୟକରେ ଅନୁସୂଚିତ ଜାତି ଓ ଜନଜାତି ଓ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ୫୦% ଭିତରେ ରହିବ। ଅର୍ଥାତ୍ ସଂରକ୍ଷଣ ବ୍ୟବସ୍ଥଶ ୫୦% ଅତିକ୍ରମ କରିବ ନାହିଁ। ପଛୁଆ ବର୍ଗଙ୍କ ପାଇଁ ୨୭% ଭିତରେ ସଂରକ୍ଷଣ ବ୍ୟବସ୍ଥା ରହିବ। ଏହି ସଂଶୋଧିତ ଆଇନ ଅନୁସାରେ ପ୍ରଥମେ ଅନୁସୂଚିତ ଜାତି ଓ ଜନଜାତିଙ୍କୁ ଆବଶ୍ୟକ ସଂଖ୍ୟକ ଆସନ ସଂରକ୍ଷଣ ଦେବା ପରେ ଅବଶିଷ୍ଟ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ରଖାଯିବ, ଯାହାକି ୨୭%ରୁ ଅଧିକ ହେବନାହିଁ। ଏହାପୂର୍ବରୁ ଆଜି ଗୃହରେ ଓଡ଼ିଶା ପଞ୍ଚାୟତ ଆଇନ ସଂଶୋଧନ ବିଲ୍ ୨୦୨୧ ଆଗତ ହୋଇଛି। ଓଡ଼ିଶା ଗ୍ରାମ ପଞ୍ଚାୟତ ବିଧେୟକ ଅନୁସାରେ ଅନୁସୂଚିତ ଜାତି ଓ ଜନଜାତି ଓ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ୫୦% ଭିତରେ ରହିବ। ଅର୍ଥାତ ସଂରକ୍ଷଣ ବ୍ୟବସ୍ଥା ୫୦% ଅତିକ୍ରମ କରିବ ନାହିଁ। ପଛୁଆ ବର୍ଗଙ୍କ ପାଇଁ



୨୭% ଭିତରେ ସଂରକ୍ଷଣ ବ୍ୟବସ୍ଥା ରହିବ। ପଛୁଆ ବର୍ଗଙ୍କ ସଂରକ୍ଷଣ ବ୍ୟବସ୍ଥାରେ ଯାହା ଲାଗୁ ହେବ ତାହା ପ୍ରାଧିକୃତ ଅଧିକାରୀ ତାହାକୁ କାର୍ଯ୍ୟକାରୀ କରିବେ। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଆବଶ୍ୟକ ସଂଖ୍ୟକ ଆସନ ସଂରକ୍ଷଣ ହେବା ପରେ ଅବଶିଷ୍ଟ ଆସନ ଗୁଡିକ ପଛୁଆ ବର୍ଗଙ୍କ ଲାଗି ସଂରକ୍ଷଣ କରାଯିବ। କିନ୍ତୁ ତାହା ୨୭% ଭିତରେ ରହିବା ଉଚିତ। ଯେଉଁଠି ପେଶା ଆଇନ କାର୍ଯ୍ୟକାରୀ ହେଉଛି ଅଥବା ସିଡ୍ୟୁଲ ଏରିଆରେ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବନାହିଁ। ଏହି ବିଲ୍ ବିଧାନସଭାରେ ପାରିତ ହେଲେ ପଞ୍ଚାୟତ ନିର୍ବାଚନ ପାଇଁ ବାଟ ଫିଟିବ।


## ଅବହେଳା କଲେ ପୁଣି ତାଲାବନ୍ଦ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଭିଡ ପରିସ୍ଥିତ ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମେରିକା ଠାରୁ ଆରମ୍ଭ କରି କେରଳ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ କରୋନା ସଂକ୍ରମଣ ବଢ଼ିବା ଚିନ୍ତାଜନକ। ତେଣୁ ଏ ପରିସ୍ଥିତିରେ ଆମକୁ ସମ୍ଭାବ୍ୟ ତୃତୀୟ ଲହର ଠାରୁ ନିରାପଦ ରହିବାକୁ ହେଲେ, କୋଭିଡ୍ ନିୟମକୁ କଡ଼ାକଡ଼ି ଭାବରେ ପାଳନ କରିବାକୁ ହେବ। ଏଥିରେ ସାମାନ୍ୟ ଅବହେଳା ସମସ୍ତଙ୍କ ପାଇଁ ବିପଦର କାରଣ ହୋଇପାରେ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇ ଦେଇଛନ୍ତି। କୋଭିଡ୍ ଆଚରଣବିଧି ହେଉଛି, କୋଭିଡ୍ ବିରୋଧରେ ଲଢିବା ପାଇଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହାର ଉପଯୁକ୍ତ ପାଳନ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ପିଲାମାନେ ଏପର୍ଯ୍ୟନ୍ତ ଟିକା ନେଇନାହାନ୍ତି। ତେଣୁ ସେମାନଙ୍କ ପାଇଁ ଆମକୁ ଅଧିକ ସତର୍କ ରହିବାକୁ ହେବ। କୋଭିଡ୍ ନିୟମ ପାଳନରେ ଅବହେଳା ଯଦି ଦୃଷ୍ଟିକୁ ଆସେ, ତେବେ ଅନୁଷ୍ଠାନର ମୁଖ୍ୟ ଦାୟୀ ରହିବେ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇ ଦେଇଛନ୍ତି । ପ୍ରଶାସନ ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରି ଶିକ୍ଷାନୁଷ୍ଠାନ ଗୁଡ଼ିକ ନିୟମିତ ଭାବରେ ଅଚାନକ ଯାଞ୍ଚ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ହାଟ ବଜାର, ଧର୍ମାନୁଷ୍ଠାନ, ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଆଦି ଗୁଡ଼ିକ ଉପରେ ସତର୍କ ଦୃଷ୍ଟି ରଖିବା ସହିତ ସେଠାରେ କୋଭିଡ୍ ନିୟମ କଡ଼ାକଡ଼ି ପାଳନ ଉପରେ ପ୍ରଶାସନ ଦୃଷ୍ଟି ରଖିବା ଉପରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟକର୍ମୀ, ସ୍କୁଲ ଯାଉଥିବା ପିଲା, ଗର୍ଭବତୀ ମହିଳା, ସରକାରୀ କର୍ମଚାରୀ ଏବଂ ପୋଲିସ ଏହି ହାଇରିସ୍କ ଗ୍ରୁପ୍। ନିୟମିତ ଭାବରେ ଟେଷ୍ଟିଂ ଜାରି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତିଷ ଏବେ କେତେକ କ୍ଷେତ୍ରରେ ସ୍ୱାସ୍ଥ୍ୟକର୍ମୀଙ୍କ ଭିତରେ ସଂକ୍ରମଣ ନଜରକୁ ଆସୁଛି। ତେଣୁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ କାମ କରୁଥିବା ସ୍ୱାସ୍ଥ୍ୟକର୍ମୀ ଓ ନମୂନା ସଂଗ୍ରହ କରୁଥିବା ଟିମ୍ ମାନଙ୍କୁ କୋଭିଡ୍ ନିୟମ ସମ୍ପର୍କରେ ବାରମ୍ବାର ସଚେତନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହାସହିତ ଡେଲ୍ଟା



ଭାରିଏଣ୍ଟ ଅଧିକ ସଂକ୍ରମଣ କରୁଥିବାରୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ କରି ନିରନ୍ତର ଦୃଷ୍ଟି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଯୋଗାଣରେ ବୃଦ୍ଧି ଘଟିଥିବାରୁ ଟିକାକରଣରେ ମଧ୍ୟ ଉନ୍ନତି ଆସିଛି। ତେଣୁ ଯେପରି ସବୁ ଲୋକ ତାଙ୍କର ଦୁଇଟି ଯାକ ଡୋଜ୍ ନିଶ୍ଚିତ ନେବେ, ତାହା ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଗକୁ ପାର୍ବଣ ଋତୁ ଆସୁଛି। କେରଳରେ ଓନାମ୍ ପର୍ବ ପାଳନ ପରେ ପରେ ସଂକ୍ରମଣ ବୃଦ୍ଧିର ଉଦାହରଣ ଦେଇ ପାର୍ବଣ ସମୟରେ ସମସ୍ତଙ୍କୁ ଅଧିକ ସତର୍କ ରହିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପରିସ୍ଥିତିର ଗୁରୁତ୍ୱକୁ ଉପଲବ୍ଧି କରିବା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ। ଏହାଦ୍ୱାରା ଆମେ ଭବିଷ୍ୟତରେ ଲକଡାଉନକୁ ଏଡ଼ାଇ ପାରିବା ଏବଂ ଲୋକଙ୍କ ଆର୍ଥିକ ଅବସ୍ଥାରେ କ୍ଷତି ହେବ ନାହିଁ। ପାର୍ବଣ ଋତୁ ସମୟରେ ଆମର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ହିଁ ତୃତୀୟ ଲହରକୁ ନିୟନ୍ତ୍ରଣ କରିବା ପାଇଁ ନିର୍ଣ୍ଣାୟକ ହେବ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ମାସ୍କ ପିନ୍ଧିବା, ହାତ ଧୋଇବା, ସାମାଜିକ ଦୂରତା ରକ୍ଷା କରିବା ଏବଂ ଭିଡକୁ ନ ଯିବା ପାଇଁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବର୍ତ୍ତମାନ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଲକଡାଉନ୍ କୋହଳ କରାଯାଇଛି। କିନ୍ତୁ ତାର ଅର୍ଥ ନୁହେଁ ଯେ ଆମେ ନିୟମ ପାଳନରେ ଢିଲା କରିବା। ଯଦି ଆବଶ୍ୟକ ପଡ଼େ, ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର ପୁଣି ଥରେ ଲକଡାଉନ୍ ପାଇଁ ବାଧ ହେବେ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶର ଅନୁପାଳନ ଉପରେ ଗୁରୁତ୍ୱ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି.କେ. ମହାପାତ୍ର ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ ବିଭାଗୀୟ କାର୍ଯ୍ୟକ୍ରମ ଉପରେ ଉପସ୍ଥାପନା ରଖିଥିଲେ। ପୋଲିସ ମହାନିର୍ଦ୍ଦେଶକ ଅଭୟ ମଧ୍ୟ କୋଭିଡ୍ ନିୟମ ଅନୁପାଳନ ଉପରେ ପୋଲିସର ପଦକ୍ଷେପ ଉପରେ ସୂଚନା ଦେଇଥିଲେ। ବିଏମସି ଏବଂ ସିଏମସି କମିଶନର, ଦେବଗଡ଼ ଓ ପୁରୀର ଜିଲ୍ଲାପାଳମାନେ ସେମାନଙ୍କ ଅଞ୍ଚଳର ପରିସ୍ଥିତି ଉପରେ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ ୫-ଟି ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଉନ୍ନୟନ କମିଶନର ଓ ବିଭିନ୍ନ ବିଭାଗର ସଚିବମାନେ ଉପସ୍ଥିତ ଥିଲେ।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର



# ଦୁଇଟି ଆତଙ୍କ, ସଂକ୍ରମଣ ଓ ତାଲିବାନ

ମହାମାରୀ କରୋନାର ସମ୍ଭାବ୍ୟ ତୃତୀୟ ଲହରକୁ ନେଇ ଆଶଙ୍କା ବଢୁଥିଲା ବେଳେ କଟକଣା ମାନୁନଥିବା ଲୋକଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକପ୍ରକାର ଚେତାବନୀ ଦେଇଛନ୍ତି। କହିଛନ୍ତି ଆଗକୁ ଏଭଳି ହେଲେ ପୁଣି ଲକଡାଉନ ହେବ। କାରଣ ସଂକ୍ରମଣ କମିବା ବଦଳରେ ବଢ଼ିଲେ ଏହା ବିପଦର କାରଣ ନିଶ୍ଚୟ। ତେଣୁ ଜନସାଧାରଣ ନିଜେ ସତର୍କ ନରହିଲେ କରୋନା ସଂକ୍ରମଣ କମିବ କିପରି! ଏଭଳି ପରିସ୍ଥିତିରେ ଆଗକୁ ପାର୍ବଣ ଋତୁ ଅଛି। ବିଭିନ୍ନ ପୂଜା ସ୍ଥଳରେ ଅଧିକ ଭିଡ ଲାଗିବ, ଯାହାକି ସଂକ୍ରମଣ ବଢ଼ିବାର ମୁଖ୍ୟ କାରଣ ହୋଇପାରେ। ବର୍ତ୍ତମାନ ଛୋଟ ପିଲାଙ୍କ ନିକଟରେ ଅଧିକ ସଂକ୍ରମଣ ଦେଖିବାକୁ ମିଳୁଛି। ଯାହାକି ଚିନ୍ତା ବଢ଼ାଇବା ସ୍ୱାଭାବିକ। ବିଗତ ଦିନ ମାନଙ୍କରେ କରୋନାର ଭୟାବହତା ସମସ୍ତେ ଅନୁଭବ କରିସାରିଛନ୍ତି। ତେଣୁ ଏଥିରୁ ରକ୍ଷା ପାଇବାକୁ ହେଲେ ସମସ୍ତେ କଟକଣା ମାନି ଚଳିବାକୁ ହେବ। ଯଦିଓ ଟିକା ନେବା ଦ୍ୱାରା କିଛି ମାତ୍ରାରେ ଆଶ୍ୱସ୍ତି ମିଳିଛି, ତଥାପି ଏହାର ଭିନ୍ନ ଭିନ୍ନ ଭାରିଆଣ୍ଟ ଚିନ୍ତାଜନକ। ବାରମ୍ବାର ରୂପ ପରିବର୍ତ୍ତନ କାରଣରୁ କରୋନା ସଂକ୍ରମଣ ଭିତ୍ତି ସଞ୍ଚାର କରୁଛି। ବେଳେ ବେଳେ ସଂକ୍ରମଣର ତୀବ୍ରତା ଉଦ୍‌ବେଗଜନକ ହେଉଥିଲା ବେଳେ ଏହାର ପରିସମାପ୍ତିକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସଠିକ୍ ନିର୍ଦ୍ଧାରଣ କରିପାରିନାହାନ୍ତି। ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ରୂପରେ କରୋନା ତାହାର କାୟା ବିସ୍ତାର କରିଛି। ଆମ ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ପୂର୍ବ ତୁଳନାରେ କମିବାରେ ଲାଗିଛି। ହେଲେ ସଂକ୍ରମିତଙ୍କ ତୁଳନାରେ କମ ସଂଖ୍ୟାରେ ରୋଗୀ ସୁସ୍ଥ ହେଉଥିବାରୁ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ଅଧିକ ରହୁଛି। କରୋନାର ଦ୍ୱିତୀୟ ଲହରରେ ବହୁ ସଂଖ୍ୟାରେ ଶିଶୁ କରୋନାରେ ଆକ୍ରାନ୍ତ ହେଉଥିବା ନଜରକୁ ଆସୁଛି। ଏଭଳି ପରିସ୍ଥିତିରେ ବିଦ୍ୟାଳୟ ଖୋଲିବା ପରେ ଶିଶୁଙ୍କ ପ୍ରତି ଅଧିକ ବିପଦ ସୃଷ୍ଟି ହୋଇଛି। ଯେହେତୁ ୧୮ ବର୍ଷରୁ କମ ପିଲାଙ୍କ ପାଇଁ ଟିକା ଆସିନାହିଁ, ସେହେତୁ ପିଲାଙ୍କ ଯତ୍ନ ନେବା ଅଧିକ ଗୁରୁତ୍ୱପୂର୍ଣ୍ଣ। ତେବେ କରୋନାରେ ସଂକ୍ରମିତ ଶିଶୁମାନଙ୍କ ଠାରୁ ପରବର୍ତ୍ତୀ ସମୟରେ ମଲ୍ଟି-ସିଷ୍ଟମ ଇନଫ୍ଲାମେଟୋରୀ ସିଣ୍ଡ୍ରୋମ ବା ଏମଇଏସ ଭଳି ରୋଗ ଦେଖିବାକୁ ମିଳୁଛି। ସୂଚନା ଅନୁସାରେ ଗତବର୍ଷ ନଭେମ୍ବରରୁ ଜାନୁଆରୀ ଭିତରେ ରାଜଧାନର କିଛି ଶିଶୁରୋଗ ହସ୍ପିଟାଲରେ ଏମଇଏସ୍ ଆକ୍ରାନ୍ତ ଶିଶୁଙ୍କୁ ଠାବ କରାଯାଇଥିଲା। ଶିଶୁରୋଗ ବିଶେଷଜ୍ଞଙ୍କ ମତରେ, କରୋନାରେ ସଂକ୍ରମିତ ହେଉଥିବା ଶିଶୁଙ୍କୁ ୬ ସପ୍ତାହ ପରେ ଏମାଇଏସ୍ ଲକ୍ଷଣ ଦେଖିବାକୁ ମିଳୁଛି। ଏହାର ଲକ୍ଷଣ ଏଇଭଳି, ଶିଶୁମାନଙ୍କ ତଳି ପେଟରେ ଯନ୍ତ୍ରଣା, ପତଳା ଝାଡା କିମ୍ବା ବାନ୍ତି ହୋଇଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କହୁଛନ୍ତି। ନିକଟରେ କେନ୍ଦ୍ର ସରକାର ଏମଆଇଏସ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ପ୍ରତ୍ୟେକ ରାଜ୍ୟକୁ ସତର୍କ କରାଇଛନ୍ତି।

ଅନ୍ୟପକ୍ଷରେ କରୋନା ସଂକ୍ରମଣ ଠାରୁ ବିଶ୍ୱରେ ଆହୁରି ଭୟଙ୍କର ହୋଇଉଠିଛି ଆଫଗାନିସ୍ତାରେ ତାଲିବାନୀ ଶାସକ। ତାଲିବାନ ୨.୦ ସରକାର ଗଠନ ପରେ ଆତଙ୍କବାଦୀ ସଂଗଠନର ଅସଲ ଚେହେରା ଏଠାରେ ପଦାକୁ ଆସିଛି। ପ୍ରତ୍ୟେକ ଦିନ ହତ୍ୟା, ଲୁଣ୍ଠନ ଓ ମହିଳାଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଛି। ଏଥିସହିତ ଅନ୍ତରୀଣ



ସମ୍ପାଦକୀୟ
ତାରକ ମହାନ୍ତି

ସରକାର ଗଢ଼ିବା ପରେ ତାଲିବାନ ସରକାର ନ୍ୟାୟ ମନ୍ତ୍ରଣାଳୟର ବିନା ଅନୁମତିରେ ଦେଶରେ କେହି ବିକ୍ଷୋଭ ପ୍ରଦର୍ଶନ କରିପାରିବେ ନାହିଁ ବୋଲି କଟକଣା ଜାରି କରିଛି। ତାଲିବାନର କଠୋର କଟକଣା ସତ୍ତ୍ୱେ ଆଫଗାନ ମହିଳାମାନେ ରାସ୍ତାକୁ ଓହ୍ଲାଇବା ସହିତ କାବୁଲ ସ୍ଥିତ ପାକିସ୍ତାନ ଦୂତାବାସ ସାମ୍ନାରେ 'ଆମେ ସ୍ୱାଧୀନତା ଚାହୁଁ ଓ ପାକିସ୍ତାନ ମୁର୍ଦ୍ଦାବାଦ୍' ନାରା ଦେଇଛନ୍ତି। ଏହି ବିକ୍ଷୋଭ ବେଳେ ତାଲିବାନର ବନ୍ଧୁକଧାରୀମାନେ ବିକ୍ଷୋଭକାରୀଙ୍କୁ ଘଉଡାଇବା ପାଇଁ ବନ୍ଧୁକ ଚଳାଇଥିଲେ। ବିକ୍ଷୋଭ ସମୟର ଖବର ସଂଗ୍ରହ ପାଇଁ ଯାଇଥିବା ଦୁଇ ଖବରଦାତାଙ୍କୁ ଏଠାରେ ତାଲିବାନୀମାନେ ବାଧା ଦେବା ସହ ତୁମେ ଫଟୋ ଉଠାଇ ପାରିବ ନାହିଁ ବୋଲି କହି କ୍ୟାମେରା ଛଡାଇବା ପାଇଁ ଉଦ୍ୟମ କରିଥିଲେ। ହେଲେ ସାମ୍ବାଦିକ ଦୁଇଜଣ ତାଲିବାନୀଙ୍କୁ ନ ଡରି ଫଟୋ ଉଠାଇବାରୁ ଦୁଇ ଖବରଦାତାଙ୍କୁ ନେଇ ସେମାନେ ନିସ୍ତୁକ ମାଡ ମାରିଥିଲେ। କିଛି ଘଣ୍ଟାର ବର୍ବରତା ପରେ ତାଲିବାନୀ ମାନେ ଦୁଇ ସାମ୍ବାଦିକଙ୍କୁ ଧମକ ଦେଇ ଛାଡିଥିଲେ ଏବଂ କହିଥିଲେ ଯେ, ତୁମ ଭାଗ୍ୟ ଭଲ, ଆମେ ତୁମ ମୁଣ୍ଡକୁ କାଟିନାହୁଁ। ଏଥିସହିତ ବର୍ବର ତାଲିବାନୀମାନେ ୫ ସାମ୍ବାଦିକଙ୍କୁ ଗିରଫ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ ୧୯୯୬-୨୦୦୧ ଆଫଗାନିସ୍ତାନରେ ତାଲିବାନ ସରକାର ବେଳେ ଅନେକ ସାମ୍ବାଦିକଙ୍କୁ ହତ୍ୟା କରାଯାଇଥିଲା ଏବଂ ମହିଳା ସାମ୍ବାଦିକଙ୍କ ମୁଣ୍ଡ କାଟ ହୋଇଥିଲା। ସେହି ସମୟରେ ତାଲିବାନୀଙ୍କ ଅତ୍ୟାଚାର ସହି ନପାରି ବହୁ ଖବରଦାତା ଦେଶ ଛାଡି ଚାଲିଯାଇଥିଲେ। ପୁରୁଷ ପ୍ରଧାନ ତାଲିବାନୀମାନେ କଠୋରପନ୍ଥୀ, ରୁଢ଼ିବାଦୀ ଓ ଅତ୍ୟନ୍ତ ବର୍ବର। କଥା କଥାକେ ସେମାନେ ସର୍ବ ସମ୍ମୁଖରେ ଟେକା ଫିଙ୍ଗି, ଗୁଳି କରି ଅଥବା ଖୁଣ୍ଟରେ ଝୁଲାଇ ହତ୍ୟା କରିପାରନ୍ତି। ଏହି କୁଖ୍ୟାତ ଆତଙ୍କବାଦୀ ସଂଗଠନ ପୁଣିଥରେ କ୍ଷମତା ଦଖଲ କଲା ପରେ ନିଜର ବର୍ବରତା ଦେଖାଇବା ଆରମ୍ଭ କରିଛି। ଆଫଗାନିସ୍ତାନର ଅନ୍ତରୀଣ ସରକାର ଗତ ଗୁରୁବାର ୨ଶହ ବିଦେଶୀଙ୍କୁ ଦେଶ ଛାଡିବାକୁ ଅନୁମତି ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଅନେକ ଆମେରିକୀୟ ଥିବାର ଜଣାପଡିଛି। ଗତ ଅଗଷ୍ଟ ୧୫ରେ ଇସ୍‌ଲାମୀୟ ବିଦ୍ରୋହୀ କାବୁଲ ଦଖଲ କରିବା ପରେ ଉକ୍ତ ବିମାନ ବନ୍ଦରରୁ ପ୍ରଥମଥର ପାଇଁ ଅନ୍ତର୍ଜାତୀୟ ବିମାନ ଚଳାଚଳ କରିଛି। ଏହାପୂର୍ବରୁ ଆମେରିକା ନେତୃତ୍ୱାଧୀନ ସାମରିକ ମେଣ୍ଟ ୧ଲକ୍ଷ ୨୪ ହଜାର ବିଦେଶୀଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିଥିଲା। ଆଫଗାନିସ୍ତାନରେ ସୃଷ୍ଟି ହୋଇଥିବା ସଙ୍କଟ ପାଇଁ ଋଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆମେରିକାକୁ ଦାୟୀ କରିଛନ୍ତି। ତ୍ରୟୋଦଶ ବ୍ରିକ୍ସ ସମ୍ମିଳନୀରେ ସେ କହିଛନ୍ତି, ଏହି ନୂଆ ସଙ୍କଟ ପାଇଁ ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ର ଗୁଡିକ ଦାୟୀ। ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନକୁ ଆତଙ୍କବାଦ ଓ ଡ୍ରାଗ୍ସ ଚାଲାଣର ଉତ୍ସରେ ପରିଣତ ହେବାରୁ ରୋକିବାକୁ ହେବ। ଏଥିଲାଗି ଆଫଗାନିସ୍ତାନ ଉପରେ ବର୍ତ୍ତମାନ ବ୍ରିକ୍ସ ରାଷ୍ଟ୍ର ନେତାମାନେ ସ୍ୱତନ୍ତ୍ର ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ପୁଟିନ କହିଛନ୍ତି। ବ୍ରିକ୍ସ ଏକ ଆତଙ୍କବାଦୀ ନିରୋଧୀ କାର୍ଯ୍ୟସୂଚୀ ଆପଣାଇଛି ବୋଲି ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଭାରତ ପକ୍ଷରୁ ଆୟୋଜିତ ବ୍ରିକ୍ସର ଭର୍ଚୁଆଲ ସମ୍ମିଳନୀରେ ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ଆମେ ବିଶ୍ୱ ଅର୍ଥନୀତିର ଏକ ଉଦୀୟମାନ ସ୍ୱର। ଏହି ପ୍ଲାଟଫର୍ମ ବିକାଶଶୀଳ ରାଷ୍ଟ୍ର ଗୁଡିକର ପ୍ରାଥମିକତାକୁ ଗୁରୁତ୍ୱ ଦେଇଛି। ହେଲେ ଆଫଗାନିସ୍ତାନରେ ରକ୍ତପାତର ସମୟ ଶେଷ ହୋଇଛି ବୋଲି କହିଛି ତାଲିବାନ ସରକାର। ଯୁଦ୍ଧ ପ୍ରଭାବିତ ଦେଶର ପୁନଃ ନିର୍ମାଣ ଗୁରୁଦାୟିତ୍ୱ ଆମକୁ ବହନ କରିବାକୁ ପଡିବ ଓ ପୂର୍ବ ସରକାରର ଅଧିକାରୀମାନେ ନିଜ ନିଜର କର୍ମସ୍ଥଳକୁ ଫେରିଆସନ୍ତୁ ବୋଲି ତାଲିବାନର କାମଚଳା ପ୍ରଧାନମନ୍ତ୍ରୀ ମୁଲ୍ଲା ମହମ୍ମଦ ହାସନ ଅଖୁନ୍ଦ ପରାମର୍ଶ ଦେଇଛନ୍ତି। ତେବେ ତାଲିବାନୀ କେବଳ ଭାରତର ଶତ୍ରୁ ନୁହନ୍ତି, ବରଂ ସେମାନେ ବିଶ୍ୱର ଶତ୍ରୁ ବୋଲି କୁହାଯିବ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଆସନ୍ନ ଆଶଙ୍କାରେ ଆତଙ୍କିତ ବିଶ୍ୱ



ସୌମେନ୍ଦ୍ର ଜେନା

ଆମେରିକାର ନୂଆ ରାଷ୍ଟ୍ରପତି ଜୋ ବାଇଡେନ ନିଜ ଦେଶର ସମ୍ମାନ ଓ ସମୃଦ୍ଧି କ୍ଷେତ୍ରରେ ଅଧିକ କାର୍ଯ୍ୟ କରିବେ ବୋଲି ଗତ ରାଷ୍ଟ୍ରପତି ନିର୍ବାଚନ ବେଳେ ଯେପରି ଖୁବ୍ ପ୍ରଚାର ଚାଲିଥିଲା ତାହା ଏବେ ଅଳ୍ପଦିନ ମଧ୍ୟରେ ଭୁଲ ପ୍ରମାଣିତ ହୋଇଛି । ଜୋ ବାଇଡେନ୍ ଗୋଟିଏ ପରେ ଗୋଟିଏ କରି ଯେଉଁ ନିଷ୍ପତ୍ତି ଅତିଶିଘ୍ର କାର୍ଯ୍ୟକାରୀ କରିବାକୁ ଚାହିଁଲେ ତାହା ତ୍ରୁଟିପୂର୍ଣ୍ଣ ଥିଲା ବୋଲି ଜଣାଗଲାଣି । ଯୁଦ୍ଧବିଧ୍ୱସ୍ତ ଆଫଗାନିସ୍ଥାନରୁ ସମସ୍ତ ସୈନ୍ୟ ଅପସାରଣ କରିବା ପରେ ଯେପରି ପରିସ୍ଥିତି ସୃଷ୍ଟି ହୋଇଛି ଆଗାମୀ ଦିନରେ ମଧ୍ୟପ୍ରାଚ୍ୟର ଇରାକରୁ ଚଳିତବର୍ଷ ଶେଷସୁଦ୍ଧା ସେମିତି ସେନା ଅପସାରଣ ପ୍ରସ୍ତାବ ରହିଛି, ଯାହା ଦ୍ୱିତୀୟ ଆଫଗାନିସ୍ଥାନ ହୋଇପାରେ । ଅତୀତରେ ୨୦୦୩ରୁ ୨୦୧୧ ମଧ୍ୟରେ ଆମେରିକା ସେନା ଆଇଏସ୍ ଏବଂ ଅନ୍ୟ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ବିରୋଧୀ ଲଢେଇ ସାରି ନିଜ ଦେଶକୁ ଫେରିବା ପରେ ପୁନର୍ବାର ୨୦୧୪ରେ ଇରାକକୁ ଫେରିବାକୁ ବାଧ୍ୟ ହୋଇଥିଲେ । ଇସଲାମିକ ଷ୍ଟେଟ ଇରାକ- ଲେଭାଣ୍ଟ ଗୋଷ୍ଠୀ ସିରିଆଠାରୁ ଇରାକର ପଶ୍ଚିମ ପ୍ରାନ୍ତରେ ଏଭଳି ହତ୍ୟାଲୀଳା କରିଥିଲେ ଯାହାପାଇଁ ଆମେରିକା ସେନାଙ୍କୁ ପୁଣିଥରେ ଫେରିବାକୁ ପଡିଥିଲା । ୧୩ ସେପ୍ଟେମ୍ବର ୨୦୦୭ରେ ତତ୍‌କାଳୀନ ଆମେରିକାର ରାଷ୍ଟ୍ରପତି ବୁଶ୍ ୧୬୮୦୦୦ ସେନା ଇରାକରେ ରହିଥିବା ପ୍ରକାଶ କରିଥିଲେ । ୨୦୦୮ ଶେଷ ବେଳକୁ ୧୪୬୦୦୦ସେନା ଇରାକରେ ଥିଲେ । ୩୧ ଡିସେମ୍ବର ୨୦୧୧ ସୁଦ୍ଧା ସବୁ ସୈନ୍ୟ ଆମେରିକାକୁ ଫେରିଯିବାର ବୁଝାମଣା ଇରାକ ସରକାରଙ୍କ ସହ ହୋଇଥିଲା । ତତ୍‌କାଳୀନ ଇରାକ ରାଷ୍ଟ୍ରପତି ନୁରି ଅଲ୍ ମାଲିକୀ ଏଥିପାଇଁ ଚାପ ସୃଷ୍ଟି କରିଥିଲେ । ତେବେ ଅପରେସନ ନିଉଡନ୍ ନାମରେ ଚାଲିଥିବା ସେହି ଅଭିଯାନ ୨୦୧୧ ବେଳକୁ ସରିବ ବୋଲି ଇରାକ ଏବଂ ଆମେରିକା ରାଷ୍ଟ୍ରପତିଙ୍କ ଦ୍ୱାରା ୧୨ଡିସେମ୍ବର ୨୦୧୧ରେ ହ୍ୱାଇଟ ହାଉସଠାରେ ଏକ ମିଳିତ ଘୋଷଣାନାମା ପ୍ରକାଶ ପାଇଥିଲା । ଶେଷରେ ୧୮ ଡିସେମ୍ବର ୨୦୧୧ରେ ଆମେରିକାର ଅବଶିଷ୍ଟ ୫୦୦ସେନା ଇରାକ ଛାଡିଥିଲେ । ହେଲେ ସେ ସମୟରେ ଆଜିର ଆଫଗାନିସ୍ଥାନ ପରି ସନ୍ତ୍ରାସବାଦୀମାନେ ପଡୋଶୀ ମୁସଲିମ ରାଷ୍ଟ୍ରର ସମର୍ଥନ ପାଇ ଖୁବ୍ ଶିଘ୍ର ଫେରି ହିଂସାର ତାଣ୍ଡବ ସୃଷ୍ଟି କରିଥିଲେ । ଫଳରେ ଆମେରିକା ସେନା ଇରାକକୁ ୨୦୧୪ରେ ଫେରିଥିଲେ । କିନ୍ତୁ ଇରାନ କର୍ତ୍ତୃପକ୍ଷ ଇରାକରେ ବିଦେଶୀ ସେନା ନ ରହିବା ଉଚିତ୍ ବୋଲି ତର୍କ ବାଢିଲେ । ଇରାକରେ ଇରାନ ସମର୍ଥିତ ସନ୍ତ୍ରାସବାଦୀ ଗୋଷ୍ଠୀ ଜେନେରାଲ ସୁଲେମାନୀଙ୍କ ମାର୍ଗଦର୍ଶନରେ ଅଧିକ ଆକ୍ରମଣ କରିବାପରେ ଆମେରିକା ପକ୍ଷରୁ ଡ୍ରୋନ ଆକ୍ରମଣ କରାଯାଇ ସୁଲେମାନୀଙ୍କୁ ହତ୍ୟା କରାଯାଇଥିଲା । ତାହା ବିରୋଧରେ ୮ ଜାନୁଆରୀ ୨୦୨୦ରେ ଇରାନ ପକ୍ଷରୁ ଅପରେସନ ସହିଦ ସୁଲେମାନୀ ଆରମ୍ଭ କରାଯାଇ ଇରାକରେ ଥିବା ଆମେରିକାର ସେନାବାହିନୀ ଉପରେ ରକେଟମାଡ କରାଯାଇଥିଲା ।୧୧ ଓ ୧୪ମାର୍ଚ୍ଚ ୨୦୨୦ରେ କଟାଇବ ହେଜବୋଲ୍ଲା ଗୋଷ୍ଠୀ ଆମେରିକା ସେନାଙ୍କ କ୍ୟାମ୍ପ ତାଜି ଉପରେ ଆକ୍ରମଣ କରିଥିଲେ । ଇରାନ ସମର୍ଥନରେ ଇରାକରେ ବିକ୍ଷୋଭ ହୋଇଥିଲା ଆମେରିକା ସେନାଙ୍କୁ ହଟାଇବା ପାଇଁ । ପରେ ସୁରକ୍ଷା କାରଣ ଦର୍ଶାଇ ନାଟୋ ଗୋଷ୍ଠୀର କାନାଡା, ଜର୍ମାନୀ, କ୍ରୋଏସିଆ, ସ୍ଲୋଭାକିଆର ସେନା ଇରାକ ଛାଡିଥିଲେ । କୋରୋନା ଯୋଗୁ ଆମେରିକାର ସେନାଙ୍କୁ ଫେରାଇନେବା ଉଦ୍ୟମ ସାମାନ୍ୟ ବିଳମ୍ବ ହୋଇଥିଲେ ହେଁ ଜାନୁଆରୀ ୨୦୨୧ ବେଳକୁ ମାତ୍ର ୨୫୦୦ ସେନା ଇରାକରେ ରହିଥିଲେ, ଯେଉଁମାନେ ଚଳିତ ବର୍ଷ ଶେଷସୁଦ୍ଧା ଫେରିବେ । ଏବେ ଆଶଙ୍କା ପ୍ରକାଶ ପାଉଛି ଯେ ଇରାକରୁ ସେନା ଫେରିବା ପରେ ଆଫାଗାନିସ୍ଥାନ ପରି ଇରାକରେ ମଧ୍ୟ ସଂଘର୍ଷର ବାତାବରଣ ସୃଷ୍ଟି ହୋଇପାରେ । ଆଫଗାନିସ୍ଥାନରେ ଥିବା ଆଇଏସ୍ ଗୋଷ୍ଠୀ ଡିସେମ୍ବର ପରେ ଇରାକକୁ ଫେରି ସେଠାକାର ସହଯୋଗୀଙ୍କ ସହାୟତାରେ ତାଣ୍ଡବ ସୃଷ୍ଟି କରିବାର ଆଶଙ୍କା ପ୍ରକାଶ ପାଇଲାଣି । କାରଣ ଆଫଗାନିସ୍ଥାନରେ ତାଲିବାନ କ୍ଷମତାକୁ ଫେରିବାପରେ କେବଳ ଆଇଏସ୍ ନୁହେଁ ପୃଥିବୀରେ ଥିବା ପ୍ରାୟ ଦୁଇଶହ ଇସଲାମିକ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ଉତ୍ସାହ ବଢିଛି । ଗଣତନ୍ତ୍ରକୁ ହଟାଇ ଇସଲାମିକତନ୍ତ୍ର ପ୍ରତିଷ୍ଠା କରିବାକୁ ଏମାନେ ଆଗାମୀ ଦିନରେ ପୃଥିବୀର ବହୁ ଦେଶରେ ପ୍ରୟାସ କରିବେ । ସେହି କାର୍ଯ୍ୟରେ ଇସଲାମିକ ରାଷ୍ଟ୍ରଗୁଡିକର ପରୋକ୍ଷ ଓ ପ୍ରତ୍ୟକ୍ଷ ସମର୍ଥନ ରହିବ । ମୁସଲିମ ଗୁରୁମାନେ ଆଫଗାନିସ୍ଥାନପରି ଚୁପ୍ ରହି ମଉଜ କରିବେ । ସେମାନଙ୍କ ବୁଦ୍ଧିଜୀବୀ ନିରବ ରହି ସମର୍ଥନ କରିବେ,ଏଥିରେ ସନ୍ଦେହ ନାହିଁ । ପାକିସ୍ଥାନ, ତୁର୍କୀ ପରି ରାଷ୍ଟ୍ର ଏ ପ୍ରକାର ଅସ୍ଥିରତାରୁ ଆର୍ଥିକ ଲାଭ ଉଠାଇବାକୁ ଚେଷ୍ଟା କରିବେ । ପାକିସ୍ଥାନ ଆଫଗାନିସ୍ଥାନକୁ ସେନା, ଅଧିକାରୀ, ସନ୍ତ୍ରାସବାଦୀ, ଅସ୍ତ୍ରଶସ୍ତ୍ର ଯୋଗାଇ ତାଲିବାନଙ୍କ ଦକ୍ଷତାକୁ ବୃଦ୍ଧି କଲାପରି ପୃଥିବୀର ଭିନ୍ନ ଭିନ୍ନ ରାଷ୍ଟ୍ରରେ ଏମାନେ ଇସଲାମ ନାମରେ ଅସ୍ଥିରତା ସୃଷ୍ଟି କରି ସରକାରଙ୍କୁ ହଟାଇବା, ଗୃହଯୁଦ୍ଧ ପରିସ୍ଥିତି ସୃଷ୍ଟିପାଇଁ ଉଦ୍ୟମ କରିବେ । କାରଣ ପାକିସ୍ଥାନ ଆର୍ଥିକ ଚାପରେ ରହିଥିବା ହେତୁ ସନ୍ତ୍ରାସ ମାଧ୍ୟମରେ ନିଜର ଆଧିପତ୍ୟ ବୃଦ୍ଧି ପାଇଁ ପ୍ରୟାସ କରିବ ନିଶ୍ଚୟ । ସେମିତି ତୁର୍କୀ ଇସଲାମ ଜଗତରେ ଖଲିଫା ହେବାର ସ୍ୱପ୍ନ ଦେଖୁଛି । ମଧ୍ୟପ୍ରାଚ୍ୟର କାତାର, ସାଉଦିଆରବ, ଇରାନ ଆଦି ରାଷ୍ଟ୍ର ନିଜର ପ୍ରଭୁତ୍ୱ ବୃଦ୍ଧିପାଇଁ ପରୋକ୍ଷରେ କେଉଁଠି ସୁନ୍ନି ଓ କେଉଁଠି ସିହା ସନ୍ତ୍ରାସବାଦୀଙ୍କୁ ଅର୍ଥ, ଅସ୍ତ୍ରଶସ୍ତ୍ର, ସୁରକ୍ଷା, ପ୍ରଶିକ୍ଷଣ ଦେବାରେ ଲାଗିଛନ୍ତି । ବଙ୍ଗଳାଦେଶ, ଲେବାନନ୍ ଖୁବ୍ କମ ଦିନରେ ଏମାନଙ୍କ ଶିକାର ହେବେ ବୋଲି ସୂଚନା ମିଳିଲାଣି । ଆଫ୍ରିକାର ବୁର୍କିନା ଫାସୋ ଦେଶର ଉତ୍ତର ଭାଗରେ ଥିବା ଗୋର୍ଗାଜୀଠାରୁ ୨୫କି.ମି ଦୂରରେ ସନ୍ତ୍ରାସବାଦୀଙ୍କ ଆକ୍ରମଣରେ ୪୭ ଜଣଙ୍କ ମୃତ୍ୟୁ ଅଗଷ୍ଟ ମାସରେ ଘଟିଛି । ୪ ଅଗଷ୍ଟରେ ନାଇଜର ସୀମାର ନିକଟବର୍ତ୍ତୀ ବୁର୍କିନା ଫାସୋ ମଧ୍ୟରେ ୧୫ ଯବାନ ୧୧ ନାଗରିକ ୪ ସେନା ସହଯୋଗୀ ସନ୍ତ୍ରାସବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିଲେ । ସେମିତି ୯ ଅଗଷ୍ଟ ଦିନ ମାଲି ସୀମାର କେଟବୁକିନା ଫାସୋ ଅନ୍ତର୍ଗତ ଅଞ୍ଚଳରେ ୧୨ ଯବାନଙ୍କର ମୃତ୍ୟୁ ହୋଇଥିଲା । ପଶ୍ଚିମ ଆଫ୍ରିକାର ଏହି ଦରିଦ୍ର ରାଷ୍ଟ୍ରରେ ୨୦୧୫ରୁ ଇସଲାମିକ ସନ୍ତ୍ରାସବାଦୀ ଗୋଷ୍ଠୀ ଆଇଏସ୍ (ଇଆଇ) ଏବଂ ଅଲ କାୟଦାର ଆକ୍ରମଣରେ ୧୫୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି ଏବଂ ୧୩ଲକ୍ଷ ଲୋକ ଭୟଭୀତ ହୋଇ ନିଜ ବାସସ୍ଥାନ ଛାଡିବାକୁ ବାଧ୍ୟ ହୋଇଛନ୍ତି । ୨୦୧୩ରେ ମୋଖତାର ବେଲମୋଖତାର ପରିଚାଳିତ ଅଲ୍-ମୁଲାଥାମୁନ ବାଟାଲିଅନ ସହ ତାହିଦ ଓ୍ୱାଲ ଜିହାଦ ଗୋଷ୍ଠୀର ମିଶ୍ରଣପରେ ଅଲ-ମୁରାବିଟୁନ ନାମରେ ଏହି ମିଳିତ ଗୋଷ୍ଠୀ ଉତ୍ତର ଓ ପଶ୍ଚିମ ଆଫ୍ରିକାରେ ଇସଲାମିକ ସନ୍ତ୍ରାସବାଦ ଜାରି ରଖିଛନ୍ତି । ନୀଳନଦୀର ଅବବାହିକାରୁ ଆଟଲାଣ୍ଟିକ ମହାସାଗର ପର୍ଯ୍ୟନ୍ତ ସରିଆ ଶାସନ ପାଇଁ ରକ୍ତପାତ ଜାରି ରଖିଛନ୍ତି । ୧୯୬୦ରୁ ସୋମାଲିଆରେ ଇସଲାମିକ ସନ୍ତ୍ରାସବାଦୀ ସକ୍ରୀୟ ଥିଲାବେଳେ ୧୯୯୧ରୁ ଅଧିକ ଶକ୍ତିଶାଳୀ ହୋଇଥିଲେ । ନିକଟରେ ନିଉଜିଲାଣ୍ଡରେ ଶ୍ରୀଲଙ୍କାର ଜଣେ ମୁସଲିମ୍ ଯୁବକ ଆଇଏସ୍ ସହ ସଂପର୍କ ରଖି ପଶ୍ଚିମ ଅକଲାଣ୍ଡ ଅନ୍ତର୍ଗତ ଏକ ସୁପର ମାର୍କେଟରେ ଛୁରାମାଡ କରି ୬ଜଣଙ୍କୁ ଆହତ କରିଛି । ନିଉଜିଲ୍ୟାଣ୍ଡ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସଂପୃକ୍ତ ଆକ୍ରମଣକାରୀକୁ ଗୁଳିମାରି ହତ୍ୟା କରିଛନ୍ତି ।୨୦୧୯ରେ ଖ୍ରୀଷ୍ଟଚର୍ଚ୍ଚଠାରେ ଜଣେ ଅଷ୍ଟ୍ରେଲିୟ ବ୍ୟକ୍ତି ବେନ୍‌ଟନ ଏଚ.ଟାରାଣ୍ଟ ଦୁଇଟି ମସଜିଦ୍ ଉପରେ ଆକ୍ରମଣ କରି ୫୧ଜଣଙ୍କୁ ହତ୍ୟା କରିବା ସହ ୪୦ଜଣଙ୍କୁ ଆହତ କରିଥିଲା । ସେ ଇସଲାମିକ ସନ୍ତ୍ରାସବାଦ ବିରୋଧରେ ସେହି କାର୍ଯ୍ୟ କରିଥିଲା ବୋଲି କହିଥିଲେ ହେଁ ତାକୁ ଆଜୀବନ ଜେଲଦଣ୍ଡ ମିଳିଥିଲା । ଏବେ ସେଠାରେ ୟୁରୋପ ପରି ଏକାକୀ ଆକ୍ରମଣ ଘଟଣା ସରକାରଙ୍କ ଚିନ୍ତା ବଢାଇ ଦେଇଛି ।

୨୦୧୧ରେ ସିରିଆ ଅଶାନ୍ତି ବେଳେ ସଂଖ୍ୟାଧିକ ଶରଣାର୍ଥୀ ଇଉରୋପର ଅନେକ ଦେଶରେ ପ୍ରବେଶ କଲେ । ସେମାନଙ୍କ ମଧ୍ୟରେ ଆଇଏସ୍ ଗୋଷ୍ଠୀ ମଧ୍ୟ ରହିଥିଲେ, ଯେଉଁମାନେ ପରବର୍ତ୍ତୀ କାଳରେ ଭିନ୍ନ ଭିନ୍ନ ଦେଶରେ ଇସଲାମିକ ଜିହାଦର କାରଣ ହୋଇଛନ୍ତି । ଏବେ ଆଫଗାନିସ୍ଥାନରୁ ଅନେକ ଶରଣାର୍ଥୀ ଦେଶଛାଡି ଯିବାବେଳେ ସେମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଗୋଷ୍ଠୀର ସନ୍ତ୍ରାସବାଦୀ ଲୁଚିଛପି ଯିବା କିଛି ଅସମ୍ଭବ ନୁହେଁ । ଏହି ଶରଣାର୍ଥୀମାନେ ସାଧାରଣତଃ ଅଣଇସଲାମିକ ଓ ଗଣତାନ୍ତ୍ରିକ ଦୃଷ୍ଟିରୁ ସମୃଦ୍ଧ ରାଷ୍ଟ୍ରକୁ ଯିବା ପାଇଁ ପସନ୍ଦ କରୁଛନ୍ତି । ସେଠାରେ ମୁସଲିମ ଲୋକଙ୍କ ପ୍ରବେଶ ପରେ ସେମାନେ ଗଣତାନ୍ତ୍ରିକ ଢାଞ୍ଚାତଳେ ରହି ଇସଲାମିକ ଜିହାଦର ବନ୍ଧୁକ ମୁନରେ ସେଠାକାର ଶାସନ, ପ୍ରଶାସନ ଓ ଜନସାଧାରଣଙ୍କୁ ଭୟଭୀତ କରିବାକୁ ସୁଯୋଗ ପାଇବେ ।

ତାଲିବାନ କ୍ଷମତା ଦଖଲ ପରେ ଏବେ ଆଫଗାନ ଜେଲରେ ବନ୍ଦୀଥିବା ହଜାର ହଜାର ଆନ୍ତର୍ଜାତିକ ସନ୍ତ୍ରାସବାଦୀଙ୍କୁ ମୁକ୍ତ କରାଯାଉଛି । ସେମାନେ ନିଜ ନିଜର ଦେଶକୁ ଫେରି ଇସଲାମିକ ସନ୍ତ୍ରାସ ପାଇଁ ସକ୍ରୀୟ ଭାବେ କାର୍ଯ୍ୟ କରିବାକୁ ଚେଷ୍ଟା କରିବେ । ଉଦାହରଣ ସ୍ୱରୂପ ଭାରତର ଦକ୍ଷିଣାଞ୍ଚଳର କେରଳ, ତେଲେଙ୍ଗାନା, କର୍ଣ୍ଣାଟକ ଆଦି ରାଜ୍ୟରୁ ଅନେକ ଯୁବକ ଯୁବତୀ ଆଫଗାନିସ୍ଥାନର ଜେଲରେ ବନ୍ଦୀ ରହିଥିଲେ । ସେମାନଙ୍କ ମଧ୍ୟରୁ କେତେକ ମୁକ୍ତ ହୋଇ ଭାରତ ଫେରିବା ପରେ ଏଠାରେ ଆଇଏସ ପାଇଁ କାର୍ଯ୍ୟ କରିବାର ସମ୍ଭାବନା ରହିଛି । ଯେଉଁଥିପାଇଁ ଭାରତ ସରକାର ଅଧିକ ଚିନ୍ତିତ ରହିଛନ୍ତି । ତାଲିବାନ, ଆଇଏସ୍‌ଆଇଏଲ, ଅଲ-କାୟଦାର ବନ୍ଦୀ ସନ୍ତ୍ରାସବାଦୀ ଏବେ ମୁକ୍ତ ହେଲାପରେ ଆଫଗାନିସ୍ଥାନର ପଡୋଶୀ କେନ୍ଦ୍ର ଏସିଆର ରାଷ୍ଟ୍ରସମୂହ ସମେତ ଚୀନ, ପାକିସ୍ଥାନ, ଭାରତ, ଇରାନ, ଇରାକ, ସିରିଆ, ୟେମେନ, ଲେବାନନ, ପାଲେଷ୍ଟାଇନ, ବଙ୍ଗଳାଦେଶ, ଆଫ୍ରିକାର ଅନେକ ରାଷ୍ଟ୍ର, ଇଉରୋପ ଏବଂ ଆମେରିକାରେ ସନ୍ତ୍ରାସୀ କାର୍ଯ୍ୟ ବୃଦ୍ଧି କରିବେ ନିଶ୍ଚୟ । ଯାହାକୁ ନେଇ ଆଗାମୀ ଦିନରେ ଆମେରିକା ବଡ ଆକ୍ରମଣର ସମ୍ମୁଖୀନ ହେବାର ଆଶଙ୍କା ରହିଥିବା ବିଷୟ ସେଠାକାର ସୁରକ୍ଷା ବିଶେଷଜ୍ଞମାନେ କହିଲେଣି । ତାଲିବାନ କ୍ଷମତା ଦଖଲ କରିବା ପରେ ବିଶ୍ୱବ୍ୟାପି ଇସଲାମିକ ସନ୍ତ୍ରାସ ସପକ୍ଷରେ ଯୁକ୍ତି ଦର୍ଶାଇବା ସହ ସମର୍ଥନ ମଧ୍ୟ ଦେବ । କାଶ୍ମୀର ମାମଲାକୁ ନେଇ ତାଲିବାନ ନେତାଙ୍କ ମନ୍ତବ୍ୟ ଏହାର ସ୍ୱଷ୍ଟ ପ୍ରମାଣ । ତେଣୁ ଆଗାମୀ ଦିନରେ ପୃଥିବୀର ଭିନ୍ନ ଭିନ୍ନ ଦେଶରେ ଯଦି ଇସଲାମିକ ସନ୍ତ୍ରାସ ଦେଖାଯାଏ ତେବେ ସେଥିରେ ଅଧିକ ବିସ୍ମିତ ହେବାର ନୁହେଁ, ଏହା ସ୍ୱାଭାବିକ । ଆମେରିକା ତାଲିବାନର କବଜାରୁ ନିଜକୁ ବାହାର କରିବାକୁ ଏବେ ଯେପରି ସବୁ ଭୁଲ କରି ଚାଲିଛି , ଅସ୍ତ୍ରଶସ୍ତ୍ର ଛାଡିଦେଇ ଆଫଗାନିସ୍ଥାନରେ ଚାଲିଆସିଛି । ତାର ପରିଣାମ ବିଶ୍ୱବାସୀ ଦେଖିବାକୁ ପାଇବେ ।

ତେଣୁ ଏହି ସମସ୍ୟାର ସମାଧାନ ପାଇଁ ବିଶ୍ୱର ଭିନ୍ନ ଭିନ୍ନ ରାଷ୍ଟ୍ରଗୁଡିକ ମଧ୍ୟରେ ସହଯୋଗ ଏକାନ୍ତ କାମ୍ୟ । ସନ୍ତ୍ରାସର ତଥ୍ୟ ଦେଣନେଣ, ପାରସ୍ପରିକ ସାହାଯ୍ୟ, ମିଳିତ କାର୍ଯ୍ୟାନୁଷ୍ଠାନ, ଜନତାଙ୍କ ମଧ୍ୟରେ ବ୍ୟାପକ ସଚେତନତା, ସୁରକ୍ଷାକର୍ମୀଙ୍କୁ ପ୍ରଶିକ୍ଷଣ, ଗୁଇନ୍ଦା ଅଧିକାରୀଙ୍କ ସକ୍ରୀୟତା, ସୁରକ୍ଷାଗତ ଆଧୁନିକୀକରଣ, ଦର୍ଶକର ଆସନରେ ନବସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ, ସନ୍ତ୍ରାସକୁ ସମର୍ଥନ ଦେଉଥିବା ରାଷ୍ଟ୍ରଗୁଡିକ ବିରୋଧରେ ଆର୍ଥିକ କଟକଣା ଲାଗୁ କରିବା ଆବଶ୍ୟକ । ଯାହା ଫଳରେ ସେମାନେ କ୍ଷତିଗ୍ରସ୍ତ ହେବାର ଭୟ ରହିବ । ଧାର୍ମିକ ମୌଳବାଦକୁ ଏକ ଦର୍ଶନ ଭାବେ ଗ୍ରହଣ କରିବା ପାଇଁ ଯେଉଁ ପାଗଳାମୀ ପ୍ରକାଶ ପାଉଛି ତା ଉପରେ କଟକଣା ଲଗାଯିବା ଆବଶ୍ୟକ । ବିଶ୍ୱରୁ ଗଣତନ୍ତ୍ରକୁ ହଟାଇବା ପାଇଁ ସାମ୍ୟବାଦ, ଇସଲାମିକ ମୌଳବାଦ ଓ ଏକଛତ୍ରବାଦୀ ନେତୃତ୍ୱ ଏବେ ସାମିଲ ହୋଇଛନ୍ତି । ଏହି ଗୋଷ୍ଠୀରେ ଥିବା ରାଷ୍ଟ୍ରଗୁଡିକ ସହ ବାଣିଜ୍ୟିକ କଟକଣା ରହିଲେ ଅନ୍ୟାନ୍ୟ ଛୋଟ ରାଷ୍ଟ୍ରଗୁଡିକୁ ଏମାନେ ଚାପ ପ୍ରୟୋଗ କରି ନିଜ ଗୋଷ୍ଠୀରେ ସାମିଲ କରିପାରିବେ ନାହିଁ । ବିଶ୍ୱର ନେତୃବୃନ୍ଦ ଏବେଠାରୁ ଏଥିପ୍ରତି ସତର୍କ ରହି ସକ୍ରୀୟତାର ସହ କାର୍ଯ୍ୟକଲେ ଆଗାମୀ ଦିନରେ ଆଶଙ୍କା ଅନେକ ପରିମାଣରେ ହ୍ରାସ ପାଇପାରନ୍ତା । ସନ୍ତ୍ରାସର ଆର୍ଥିକ ସ୍ରୋତଗୁଡିକୁ ବନ୍ଦ କରାଯିବାକୁ ସାମୂହିକ ପ୍ରୟାସ ହେଲେ ବିଶ୍ୱ ବାସୀଙ୍କ ମଙ୍ଗଳ ହୋଇପାରନ୍ତା । ଆଗାମୀ କାଲିର ବିଶ୍ୱ ଯେପରି ଆତଙ୍କମୁକ୍ତ ଓ ସୁରକ୍ଷିତ ସମୃଦ୍ଧଶାଳୀ ହେବ ସେଥିପାଇଁ ଏବେଠୁ ବିଶ୍ୱସ୍ତରରେ ଉଦ୍ୟମ ଆରମ୍ଭ ହେବା ଉଚିତ୍।

*ଭାରତୀୟ ସମ୍ବାଦ ସେବା(ଭାସ)*
*ଭୁବନେଶ୍ୱର-୭୫୧୦୦୩*

# ବିଶ୍ୱତାପନ ଓ ଜଳବାୟୁ




ବାଦଲ ଭୂୟାଁ

ଜଳବାୟୁ ପରିବର୍ତ୍ତନର ପ୍ରଭାବ ଓଡ଼ିଶାରେ ଦିନକୁ ଦିନ ଅଧିକ ମାତ୍ରାରେ ଦେଖିବାକୁ ମିଳୁଛି। ପୂର୍ବାପେକ୍ଷା ରାଜ୍ୟ ବାୟୁମଣ୍ଡଳର ତାପମାତ୍ରା ଅଧିକ ରହୁଛି, ମୌସୁମୀ ବର୍ଷାରେ ଭୟଙ୍କର ଅନିୟମିତତା ଦେଖାଦେଇଛି, କମ ସମୟ ବ୍ୟବଧାନରେ ସାମୁଦ୍ରିକ ଝଡ଼ ଓଡ଼ିଶା ଉପକୂଳରେ ସଂଘଟିତ ହେଉଛି। ଏହା ବ୍ୟତୀତ ମରୁଡ଼ି, ବନ୍ୟା ସାଙ୍ଗକୁ ଏବେ ବଜ୍ରପାତ ସଂଖ୍ୟା ବଢ଼ିଯାଇଛି। ଗତ ୧୩୦ ବର୍ଷରେ ଓଡ଼ିଶାକୁ ବର୍ତ୍ତମାନ ସୁଦ୍ଧା ୯୬ଟି ବାତ୍ୟା ମାଡ଼ ହୋଇଛି। ଏଥିରୁ ୨୭ଟି ବାତ୍ୟା ବାଲେଶ୍ୱର ଜିଲ୍ଲାର ଉପକୂଳରେ ଲ୍ୟାଣ୍ଡଫଲ କରିଛି ବୋଲି ଏକ ତଥ୍ୟରୁ ଜଣାଯାଇଛି। ତାପମାତ୍ରା ବୃଦ୍ଧି ଏହାର ଏକ ପ୍ରମୁଖ କାରଣ। ଓଡ଼ିଶାରେ ଦିନ, ରାତି ଏବଂ ଗ୍ରୀଷ୍ମ, ଶୀତ, ବର୍ଷା ଦିନଗୁଡ଼ିକରେ ହାରାହାରି ତାପମାତ୍ରା ପୂର୍ବାପେକ୍ଷା ଅଧିକ ରହୁଛି। ତାପମାତ୍ରା ଅଧିକ ରହିବା ଦ୍ୱାରା ବାଷ୍ପୀକରଣ ପ୍ରକ୍ରିୟାରେ ବାୟୁମଣ୍ଡଳରେ ଆର୍ଦ୍ରତା ଏବଂ ବାଦଲରେ ଜଳଧାରଣ କ୍ଷମତା ବଢ଼ିଯାଉଛି। ଫଳରେ ସମୁଦ୍ରରେ ତାପମାତ୍ରା ବଢ଼ିବା ପରେ ଯେଉଁ ବାତ୍ୟା ସୃଷ୍ଟି ହେଉଛି ତାହାର ପ୍ରଭାବରେ କମ ସମୟ ମଧ୍ୟରେ ଅଧିକ ବର୍ଷା ହେଉଛି। ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ରାଜ୍ୟ ହୋଇଥିବାରୁ ଏଠାରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ପ୍ରଥମତଃ ବ୍ଲକସ୍ତରରେ ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକର ମ୍ୟାପିଂ କରାଯାଇ ପାରିଲେ ତାହାର ଭୟାବହତାକୁ ଦୃଷ୍ଟିରେ ରଖି ପ୍ରତିକାରାତ୍ମକ ପଦକ୍ଷେପ ନିଆଯାଇପାରିବ। ବର୍ଷା, ବାତ୍ୟା, ମରୁଡ଼ି ଏବଂ ବନ୍ୟା ସଂପର୍କରେ ଅଧିକ ଜାଣିବାକୁ ହେଲେ ପ୍ରଥମେ ଆମ ସରକାରଙ୍କୁ ବାଦଲ ବା କ୍ଲାଉଡ ଉପରେ ଗବେଷଣା କରିବାକୁ ହେବ। ବାଦଲରେ ଜଳୀୟ ବାଷ୍ପର ମାତ୍ରା, ପବନର ବେଗ, ବଜ୍ରପାତ ହେବାର ଆଶଙ୍କା ଆଦିର ଅନୁଧ୍ୟାନ ଠିକ୍ ଭାବେ କରାଯାଇ ପାରିଲେ ଓଡ଼ିଶାରେ ପାଣିପାଗ ଜନିତ ବିପର୍ଯ୍ୟୟକୁ ଅନେକ ମାତ୍ରାରେ ରୋକାଯାଇ ପାରନ୍ତା। ବିପର୍ଯ୍ୟୟର ମାତ୍ରାକୁ ସର୍ବନିମ୍ନ କରିବା ପାଇଁ ହେଲେ ବ୍ଲକ ଏବଂ ପଞ୍ଚାୟତ ସ୍ତରରେ ମଲ୍ଟିଲେଭେଲ ହାଜାର୍ଡ଼ ମ୍ୟାପିଂ ଏବଂ ବିପର୍ଯ୍ୟୟ ସହନଶୀଳ ଭିତ୍ତିଭୂମି ସ୍ଥାପନ କରିବାର ତୁରନ୍ତ ଆବଶ୍ୟକତା ରହିଛି। ଏହାହେଲେ ବିଶ୍ୱରେ ହେଉଥିବା ପାଣିପାଗ ପ୍ରଭାବ ଜନିତ ଏକାଧିକ ବିପର୍ଯ୍ୟୟ ପ୍ରଭାବରୁ ଓଡ଼ିଶାକୁ ଅନେକ ମାତ୍ରାରେ ସୁରକ୍ଷିତ ରଖାଯାଇ ପାରିବ।

ସମ୍ପ୍ରତି ବିଶ୍ୱତାପନ ସମଗ୍ର ପୃଥିବୀ ପାଇଁ ଏକ ଭୟଙ୍କର ସଂକଟ ଭାବେ ଉଭା ହୋଇଛି। ମେରୁ ଅଞ୍ଚଳର ତାପମାତ୍ରା ବୃଦ୍ଧି ବିଶାଳ ବରଫ ଗଦାକୁ ତରଳାଇବା ଆରମ୍ଭ କଲାଣି। ଫଳରେ ଆଉ କିଛି ବର୍ଷ ପରେ ମହାସାଗର ସମୂହରେ ଜଳପତ୍ତନ ବୃଦ୍ଧି ପାଇବ ଓ ଭୂଭାଗର ବହୁ ଅଂଶ ଜଳାର୍ଣ୍ଣବ ହୋଇଯିବ। ଜଙ୍ଗଲ ନଷ୍ଟ ହେବା ଦ୍ୱାରା ବାୟୁମଣ୍ଡଳରେ ଥିବା ବିଭିନ୍ନ ଉପାଦାନ ମଧ୍ୟରେ ସନ୍ତୁଳନ ବିଗିଡ଼ି ଯାଇଛି। ଅମ୍ଳଜାନ ପରିମାଣ ହ୍ରାସ ପାଇ ଚାଲିଥିବା ବେଳେ ଅଙ୍ଗାରକାମ୍ଳ ଗ୍ୟାସ ଓ ତାର ଅନ୍ୟାନ୍ୟ ଯୌଗିକ ପରିମାଣ ବଢ଼ିବାରେ ଲାଗିଛି। ପୃଥିବୀ ପାଇଁ ଜଙ୍ଗଲ ନଷ୍ଟ ଯେତିକି କ୍ଷତିକାରକ, ମଣିଷ ବ୍ୟବହାର କରୁଥିବା ବିଭିନ୍ନ ଅତ୍ୟାଧୁନିକ ଯନ୍ତ୍ରପାତି ବି ସେତିକି ବିପଜ୍ଜନକ ହୋଇପଡ଼ିଛି। ଶିଳ୍ପାୟନ ସହ ଅଧିକରୁ ଅଧିକ ମଟର ଗାଡ଼ି ବ୍ୟବହାର, ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଓ ରେଫ୍ରିଜରେଟର ଆଦିର ବହୁଳ ବ୍ୟବହାର ବାୟୁମଣ୍ଡଳକୁ କ୍ଷତବିକ୍ଷତ କରିବାରେ ଲାଗିଛି। କଳ କାରଖାନା ଓ ଯାନବାହାନରୁ ନିର୍ଗତ ଅଙ୍ଗାରକାମ୍ଳ ଗ୍ୟାସ, କାର୍ବନ ମନୋକ୍ସାଇଡ଼, ନାଇଟ୍ରୋଜେନ ଯୌଗିକ ଗ୍ୟାସ ଓ ମିଥେନ ଭଳି ବିଷାକ୍ତ ଗ୍ୟାସ ବାୟୁମଣ୍ଡଳରେ ସବୁଜ ଘର ପ୍ରଭାବ ସୃଷ୍ଟି କରୁଛି। ରେଫ୍ରିଜରେଟର ଓ ଏସି ଭଳି ଯନ୍ତ୍ରପାତିର ବହୁଳ ବ୍ୟବହାର ବାୟୁମଣ୍ଡଳର ଓଜୋନ ଗ୍ୟାସ ସ୍ତରକୁ କ୍ଷତି ପହଞ୍ଚାଇଛି। ଯେତେ ଚେଷ୍ଟା କଲେ ବି ପ୍ରାକୃତିକ ଜଙ୍ଗଲ ସୃଷ୍ଟି କରାଯାଇ ପାରିବ ନାହିଁ। ଯେତେ ବନୀକରଣ କଲେ ବି ପୁରୁଣା ଜଙ୍ଗଲ ଫେରି ପାଇବା ସମ୍ଭବ ନୁହେଁ। କିନ୍ତୁ ଯେଉଁ ପ୍ରାକୃତିକ ପରିବେଶ ଏବେ ବି ବଞ୍ଚି ରହିଛି, ତାକୁ ସଂରକ୍ଷଣ କରିବାକୁ ହେବ। ଏବେ ନୂତନ ଜ୍ଞାନକୌଶଳ ଜରିଆରେ ବିକଶିତ ଦେଶମାନେ ଗଛକୁ ନକାଟି ସ୍ଥାନାନ୍ତର କରିପାରୁଛନ୍ତି। ଏହି କୌଶଳର ବ୍ୟବହାର ସର୍ବତ୍ର କରାଯିବା ଜରୁରୀ। ଫଳରେ ଶହ ଶହ ବର୍ଷର ଗଛ ବଞ୍ଚି ରହନ୍ତା। ସେହିପରି ଶବ ସଂସ୍କାର ବେଳେ ଅଧିକ ମାତ୍ରାରେ ବୈଦ୍ୟୁତିକ ଚୁଲାର ବ୍ୟବହାର କରାଯିବା ଉଚିତ। ପ୍ରତ୍ୟେକ ବର୍ଷ ଯେତେ ସଂଖ୍ୟାରେ ଚାରାରୋପଣ ହେଉଛି ଯଦି, ବଞ୍ଚିବାର ହାରରେ ୨୫ ଶତାଂଶ ସଫଳତା ମିଳନ୍ତା, ତେବେ ଦେଶ ସବୁଜିମାରେ ପରିପୂର୍ଣ୍ଣ ହୋଇସାରନ୍ତାଣି। ଅପରପକ୍ଷେ ବିପର୍ଯ୍ୟୟର ତୀବ୍ରତା ହ୍ରାସ ନିମନ୍ତେ ଉପକୂଳରେ ଅଧିକ ହେନ୍ତାଳବଣର ସୃଷ୍ଟି କରାଯିବାର ଆବଶ୍ୟକତା ଅଛି।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',*
*୪ଜି ପ୍ରତାପ ଆପାର୍ଟମେଣ୍ଟ, ୭*
*ଏକ୍ସଟେନସନ ରୋଡ଼, ପୁରୁଣା*
*ସୋନାରୀ, ଜାମସେଦପୁର*
*ଦୂରଭାଷ : ୭୪୮୮୯୯୮୫୩୨*

*ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ଼ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।*



**ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର**



ଭାଗ-୩୫

# ବେଳ ଭଲ ନାହିଁ

ତେଣୁ କଥାର ମୋଡ଼ ସେପଟକୁ ବୁଲାଇ ଆଣି ପଚାରିଲି - ଗୋଟେ କଥା ତମକୁ ପଚାରିବି, ସତ କହିବ ?

କ'ଣ ପଚାରିବୁ-ପଚାର।

ହଉ, ତମେ ତମ କାନ୍ଧରୁ ଜୁଆଳିଟା ତଳେ ରଖି ଆସ ପିଣ୍ଡା ଉପରେ ବସ।

କ'ଣ ଏତେ ଲମ୍ୱା ପ୍ରଶ୍ନ ଯେ ଠିଆ ଠିଆ ଶୁଣି ଉତ୍ତର ଦେଇ ହେବନି ?

ନା- ପ୍ରଶ୍ନଟି ଲମ୍ୱା ନୁହଁ, ପ୍ରଶ୍ନ ଓ ଉତ୍ତର ଉଭୟ ଗୋପନୀୟ।

କ'ଣ ତମ ସରକାରୀ ଫାଇଲ୍ ପରି ?

ତମେ ରଖିଲ ଜୁଆଳି।

ସେ ଜୁଆଳି ରଖିସାରି ପିଣ୍ଡାରେ ବସିବା ପରେ ସୁଦର୍ଶନ ବାବୁ ତାକୁ କହିଲେ- ଏବେ ଏବେ ମାଧବୋଉ ଆସିଥିଲା।

ମାଧବୋଉ କ'ଣ ଏହା ଭିତରେ ପ୍ରଧାନମନ୍ତ୍ରୀ ହୋଇଗଲା କି, ସେ ଆସିଥିଲା ବୋଲି ତୁ ଏତେ ଗୁରୁତ୍ୱ ଦେଉଛୁ ?

ତମର ସେ ପିଲାବେଳର କଥା ଆଜିଯାଏ ଯାଇନି ଦେଖୁଛି।

ହଉ କହ କହ, କ'ଣ କହିବୁ ?

ସେ କ'ଣ ଆଜି ଗୋଟେ ନିଶାପ ଡାକୁଛି।

ନିଶାପ ! କ'ଣ ପାଇଁ ?

ତା' ଭାଇ ଘରେ କ'ଣ ଗୋଟିଏ ଅନ୍ୟାଚାର ଚାଲିଛି ସେଥିପାଇଁ।

ମହିଆ ଘରେ ତ - ସେଠି ରାଣ୍ଡ ତାମସା ଚାଲିଛି ଦିନ ରାତି, ତାକୁ ଏତେ ବୁଲେଇ ବଙ୍କେଇ ଅନ୍ୟାଚାର ଚାଲିଛି ବୋଲି କ'ଣ କହୁଛୁ ?

କ'ଣ ସତ ଏକଥା ?

ସତ ନୁହେଁ କ'ଣ ମିଛ, ହେଲେ କିଏ ତା'ର କ'ଣ କରି ପକାଇବ ? ଆଉ ସେ ଆଗ ଜମାନା ଅଛି ଯେ ତାକୁ ନିଆଁ ପାଣି ଅଟକ କରିବ।

ତ'ହେଲେ ?

ଏଇଟା କ'ଣ ଆଜିକା କଥା, କାହିଁ କେତେ କାଳରୁ, ସେ ବେଧିର ଘଇତା ବଞ୍ଚିଥିବା ବେଳରୁ। ତା' ଘଇତା ତା ସବୁ ଜାଣିଶୁଣି ଡରରେ ଆଖି ବୁଜି ଦେଉଥିଲା, ଆଉ ଏଇ ସାହିଭାଇର ଲୋକ ଡେଇଁଲେ ତା'ର କ'ଣ କରି ପକାଇବେ ? ଏଥିପାଇଁ କ'ଣ ଆଗରୁ ନିଶାପ ହୋଇନି କି, ଆଜି ସେ ନୂଆ କରି ନିଶାପ ଡାକିବ।

ଆଗରୁ ତା'ହେଲେ ଏ ବିଷୟରେ ନିଶାପ ହୋଇଛି ?

ହେଇଛି କ'ଣ, ସେ ମାଇକିଣାଟା ପରା ସବୁ ଭଦ୍ରଲୋକଙ୍କ ଆଗରେ ମୁହାଁ ମୁହିଁ ଜବାବ ଦେଇ କହିଲା-ମୋ ଘରେ ମୁଁ ଯାହା କଲି ଅନ୍ୟମାନଙ୍କର କାହିଁକି ଢ଼ୋ ହୋଇ ଯାଉଛି। ଯଦି ଏକଥା କାହାକୁ ସୁନ୍ଦର ଲାଗୁନି, ସେ ମୋ ଘର ଆଡେ ଚାହୁଁଛି କାହିଁକି ? ମୁଁ ଯାହା କରୁଛି ମୋ ଘରେ କରୁଛି, ମୁଁ କାହା ଓଳି ତଳେ ଘର କରିନାହିଁ ଯେ ମୋର ଘରେ ମୁଁ କ'ଣ କରିବି ସେଥିପାଇଁ ଅନ୍ୟର ଅନୁମତି ନେବି।

ତା'ହେଲେ କଥା ଏତେ ବାଟ ଯାଏଁ ଯାଇଛି ?

ଗଲା ଯେ, ତା'ର କ'ଣ ହୋଇଗଲା ? ଯେଉଁ ମାଧିଆକୁ ସେ ମାଧିଆ ହେଲା ନା, ସେ ମାଇକିଣାଟାର କ'ଣ ଏତେ ସାହସ ହୋଇଥାଆନ୍ତା, ସେ ନାରଣ ତା ଘରଟାକୁ କେବଳ ବେଶ୍ୟାଳୟ କରିନି ମଦ ଭାଟି ବି କରି ଦେଇଛି, ସବୁ ମଦୁଆଙ୍କ ଆଡ୍‌ଡା ସେଠି। ସେଠି କଥା କହିଲେ କାହାର ମାନ ମହତ ରହିବ। ତେଣୁ ସମସ୍ତେ ଆଖି ବୁଜି ଦେଇଛନ୍ତି ତା'ର ବଳ ବୟସ ଖସିବା ଯାଏ। ଆଉ ଏ ମାଧବୋଉ ଯେତେ ହାଉଳି ଖାଇଲେ କିସ ହେବ ?

ତା'ହେଲେ ତମେ କହୁଛ ସେ ନିଶାପକୁ ନଯିବାଟା ଠିକ୍ ହେବ ?

ଆରେ ମୁଁ ନିଶାପକୁ ନ ଯିବା କଥା କେତେବେଳେ କହିଲି ? ନିଶାପ କ'ଣ ହେବ ଯେ ତୁ ଯିବୁ ?

ମାନେ !

ଇଏ ଯାହାକୁ ଯାହାକୁ ଡାକିଥିବ, କେହି ଯିବେନି, ମଦରେ ଚୁର ହୋଇ ବସିଥିବେ ନାରଣ ପାର୍ଟି ଲୋକ ସେଠି। କିଏ କାହିଁକି ସେଠି କଥା କହି ନିଜ ସମ୍ମାନକୁ ତଳେ ପକାଇବ। ଖାଲି ସମ୍ମାନ ତଳେ ପଡୁଥିଲେ ଚଳନ୍ତା, କିଏ ଜାଣେ କେତେ ବେଳେ ଛୁରା ଓ ଭୁଜାଲି ନଚାଲିବ ବୋଲି।

ସୁଦର୍ଶନ ବାବୁ ନୀରବ ରହିବା ଦେଖି ଅନ୍ତା କହିଲେ, ତୁ ଏବେ ଯେଉଁ ଗାଆଁକୁ ଦେଖୁଛୁ ଏଇଟା ଆମ ପିଲାବେଳର ଗାଆଁ ନୁହଁରେ। ଗାଆଁରେ କ୍ରମଶଃ ପରିବର୍ତ୍ତନର ସାମିଲ ହୋଇ ଆମେ ଏସବୁ କଥାରେ ଆଦି ହୋଇଯାଉଛୁ। ତୁ ନୂଆ ନୂଆ ଗାଆଁରେ ରହୁଛୁ ସେହି ପିଲାବେଳର ମାନସିକତାକୁ ନେଇ। ତେଣୁ ତୋତେ ଟିକେ ଅଡୁଆ ଅଡୁଆ ଲାଗୁଥିବ। ହଉ ତୁ ବସ, ମୁଁ ଯାଏଁ, ସଞ୍ଜ ହେଲାଣି ସେପଟେ ଗୋରୁଗୁଡା ଗୁହାଳେ ପଶିନଥିବେ।

(କ୍ରମଶଃ)






# ଅକବିତା

## ସ୍ମୃତି ରଞ୍ଜନ ତ୍ରିପାଠୀ

ଫର୍ଦ୍ଦ ଫର୍ଦ୍ଦ ଚିରି ସାରିଲା ପରେ
କୋଉଠି ରହିଗଲା ଅଭିନ୍ନ ଅକ୍ଷରଟିଏ
ଧୂସର ମଲାଟ ତଳେ।
ନିରୁଦ୍ଦିଷ୍ଟ ସମୟକୁ
ଆଡେଇଦେଲା ଭାଗ୍ୟ, ବିଶ୍ୱାସ
ସେ ସବୁ ଏବେ ମସିଆ
ମୁଣ୍ଡ ଟେକିଛନ୍ତି କବାଡିଆର ନିକିତିରେ
କେହି ତ ଜଣେ ଅଠାକାଠିରେ ଲଖେଇ ରଖିଛି
ଆମ ନୂଆ ପୁରୁଣା ଚିତ୍ରଖାତାର ପୃଷ୍ଠାଙ୍କୁ।
ଆଉ ସେ ସାୟାହ୍ନ ରୁଚିପୂର୍ଣ୍ଣ ହେଉନି
ନିଦ ବାହାନାରେ ଢୁଳେଇ ପଡିଛି ଦାଗ
ଅଙ୍କାବଙ୍କା ଗାର ସବୁ ନଈ ପରି ଦିଶୁଛି
ଗୋଟାଏ ପୋଛା ହୋଇନଥିବା କଳାପଟାରେ,
ସବୁ ଥାଇ ବି ଅଚିହ୍ନା
ଖାଲି ତୋ ମୋ ନାଁ ସେଠି ନାହିଁ
ବାକି ମତେ ମେରୁ କରି ଲଟେଇଥିବା
ଚାରିକଡର ପୃଥିବୀରେ
ଶୂନ୍ୟତା ସେମିତି ଅଙ୍କାହେଇଛି।
କବାଟ ସେପଟେ ଟଙ୍ଗା ରେଖାଚିତ୍ର
ଚିରା ପୁରୁଣା ଅଳବୁନ୍ଦିଆ ସ୍ମୃତି ଖିଅ
ଆଉ ଆଗ ଭଳି
ପୋଷା ଶୁଆ ହେଉ ନାହାନ୍ତିରେ
ଥରେ ପଞ୍ଜୁରୀର ମୁକୁଳା ବାଟ ଦେଖିଦେଲା ପରେ
କଳାପଟାର କଣରେ କଣରେ।।
ଆ ! ଟିକେ ନଖରେ ଖେଳେଇ ଦେବା
ଖଡିରେ ଟାଣିଥିବା ଆମ ସ୍ୱପ୍ନଭଙ୍ଗା ରାତିସବୁ
ସେ ନିଛାଟିଆ ଅଭାବୀ ପାହୁଣ୍ଡକୁ।



ଦେଖିବୁ,
ପୁଣି କଡେଇବ ସକାଳ
ଯୋଉଠି ପକ୍ଷୀଙ୍କୁ ଉଡାଇଦିଆଯାଏ ନିତି
ଛାଡି ଛାଡି ଆସୁଥିବା ଲାଲ ସୂର୍ଯ୍ୟାସ୍ତ ପାଖରେ
ଓଳିପାଣି ତଳେ ପାପୁଲିର ଉଛୁଳା ମାପୁ ମାପୁ
ସମୟ ଛିଟିକା ମାରି ବୁହାଇ ଦେଉଥିବ
ତୋ ହସର ଭଉଁରୀ ଆଡକୁ,
ଆହୁରି ଗାଢ଼ ଆହୁରି ଗଭୀର ହେଉଥିବ
ଠୁକୁ ଠୁକୁ ଚାଲୁଥିବା ଚପଳ ଡଙ୍ଗାର ସ୍ରୋତ
ମୁଁ ଆଙ୍ଗୁଳି ଧରି କଢ଼େଇ ନେଉଥିବି
ଆଉ ଗୋଟେ ପୃଥିବୀ ଆଡକୁ।। ଆଃ।
ନେଇଯା !
ମୋ ଭାଗର ବନ୍ଦୀ କଟକଣା
ରଙ୍ଗେଇଦେ ଏବେ ତୋ ଡେଣା ଆଉ ଠିକଣା
ଉଡାଣ ଦେ ତୋ' ଅମୃତ ସୋପାନକୁ
ମୁଁ ତ ଅନୁଭବୀ !
ମାଟିରେ ସଜା ମୋ ନରମ କାନ୍ଥ
ନିତି ରାସ ହୁଏ ଯୋଉଠି ବୁଭୁକ୍ଷୁ ଅନ୍ଧାର
ଠିକ ତା' ପଛପାଖ ଆଲୁଅରେ
ସାଇତି ରହିଥିବେ ବାତ୍ସଲ୍ୟର ଥାକ ସମୂହ
ପୂର୍ବ ଭଳି,
ମୁଁ ତିଆରୁଥିବି ଆଲୁଅର ରାସ୍ତା
ଆମ ସ୍ୱପ୍ନର ଦୀର୍ଘ କଳାପଟାରେ।
ଏବେ ଯୋଡିଦେ ପରିଣୀତାର ସ୍ୱାକ୍ଷର
ଅଧା ଛାଡି ଯାଇଥିବା ହସ୍ତାକ୍ଷରରେ
କେହି ଆଉ ଚିରି ପାରିବେନି
ତୋ ମୋ ଠିକଣାର ବନ୍ଦ କବ୍‌ଜା
ଆମେ ଆଙ୍କିଥିବା ଚିତ୍ରଖାତାରେ
କ୍ରମଶଃ ଛାଇ ହେଉଥିବା ଆୟୁଷର ଫିକା କାଗଜରେ।

*ଜଟଣୀ, ଖୋର୍ଦ୍ଧା*
*ଦୂରଭାଷ : ୯୪୩୮୩୧୫୩୮୧*

# ଭଗ୍ନସ୍ତୂପ

## ସୁଶ୍ରୀ ସଙ୍ଗୀତା ସେଠୀ





ସିମି ମୋ ଘଣ୍ଟା କାହିଁ। କଣ ଯେ , କୋଉଠି ସବୁ ରଖିଦେଉଛ ମୁଁ ଖୋଜି ଖୋଜି ପାଉନି। ସେପଟେ ରୋଷେଇ ଘରୁ ସିମି 'ତୁମକୁ କିଛି ମିଳିବନି , ସେଇଠି ରଖାଯାଇଥିବ ତଥାପି ଦେଖାଯିବନି ତମକୁ। ସବୁଦିନ ର ନାଟକ ତୁମର । ମୁଁ ଦେଇପାରିବିନି ନିଜେ ଖୋଜିକି ନିଅ। ଆଜି ତ ବିଲକୁଲ୍ ବି ନୁହେଁ। ମୁଁ ରୋଷେଇ କରିବି ନା ତୁମ ଟିଫିନ୍ ପ୍ୟାକ୍ କରିବି ନା ତମ କଥା ବୁଝିବି। ନିଜ କଥା ନିଜେ ବୁଝ ଏଥର। ମୁଁ କରିପାରିବିନି ଏତେ କାମ।' ଏତିକି ଶୁଣି ପ୍ରତ୍ୟୁଷ ବାବୁ ଚୁପ୍ ହେଇ ଖୋଜିବାକୁ ଲାଗିଲେ। ସେ ବି ନିଜକୁ ନିଜେ ଗାଳି କରୁଥାନ୍ତି ଏତେ ନିର୍ଭର ହୋଇଯାଇଛନ୍ତି ସେ ସିମି ଙ୍କ ଉପରେ ଯେ କୌଣସି କାମ ତାଙ୍କ ଦ୍ୱାରା ହେଉନି। ସାମାନ୍ୟ ଘଣ୍ଟା ଟେ ପାଉନାହାନ୍ତି ପୁଣି ନିଜ ରୁମ୍ ରେ। କିନ୍ତୁ ଗାଳି ଶୁଣିବା ପରେ ଆଉ ଡାକୁ ନଥାନ୍ତି। ଏପଟେ ସିମି ଙ୍କୁ ବି ଜଣା ସେ ନଯିବା ଯାଏଁ ତାଙ୍କୁ ମିଳିବନି। କଣ କରିବେ ! ପ୍ରତିଦିନ ଏଇ ଏକା ଘଟଣା। ରାଗ ତମ ତମ ହେଇ ଆସିଲେ । ପ୍ରତ୍ୟୁଷ ବାବୁଙ୍କ ହାତ ଟାଣି ଟାଣି ନେଇ ଥାକ କୁ ହାତ ଠାରି କହିଲେ ଏଇଟା କଣ ? ତମେ କଣ ସତରେ ପାଉନ ସବୁଦିନ ଏଇ ପାଲା। ନା ଜାଣିଶୁଣି ମତେ ହଇରାଣ କରୁଛ। ମତେ କିନ୍ତୁ ବିରକ୍ତ ଲାଗିଲାଣି ପ୍ରତିଦିନ ଏ ନାଟକ ଦେଖି ଦେଖି ତମର। ଆଉ ଏତିକି କହୁ କହୁ ପ୍ରତ୍ୟୁଷ ବାବୁ ଲୁହ ଛଳଛଳ ଆଖିରେ କୁଣ୍ଢେଇ ପକାନ୍ତି ସିମିଙ୍କୁ । କୁହନ୍ତି ତୁମ ବିନା ମୋର କଣ ହେବ ସିମି ? ଆଉ ସିମିଙ୍କ ରାଗ ପାଣି ଫୋଟକା ଭଳି ମିଳେଇ ଯାଏ। ସାଙ୍ଗେ ସାଙ୍ଗେ ତାଙ୍କ ଆଖିରେ ବି ଲୁହ ଭରିଆସେ। ଆଉ ଦୁହେଁ ସେଇ ବ୍ୟସ୍ତତା ର ମୁହୂର୍ତ୍ତରେ ମଧ୍ୟ ସମୟ କାଢି ନିଅନ୍ତି କିଞ୍ଚିତ ସମୟ ନିଜକୁ ପ୍ରେମରେ ହଜେଇ ଦେବାପାଇଁ। ତାପରେ ପୁଣି ମନେ ପଡେ ଟିଫିନ୍ ପ୍ୟାକ କରିବାର ଅଛି। ତରତର ହେଇ ପ୍ରେମର ଦୁନିଆରୁ ବିଦାୟ ନେଇ କୁହନ୍ତି ହଉ ସେତିକି ଥାଉ। ଜଲଦି ବାହାର ସମୟ ନାହିଁ ଆଉ ପ୍ରେମ କରିବାକୁ। ପ୍ରତ୍ୟୁଷ ଙ୍କ ମୁହଁରେ ସେ ମୁହୂର୍ତ୍ତ କୁ ଛାଡ଼ିବାର ଅନିଚ୍ଛା ଆହୁରି ସ୍ମିତ ହସ ଭରି ଦେଉଥାଏ ସିମି ଙ୍କ ମୁହଁ ରେ । ଆଉ ସେ ଖସି ଆସନ୍ତି ପ୍ରତ୍ୟୁଷ ଙ୍କ ଠୁ। ପ୍ରତ୍ୟୁଷ ଙ୍କ ହାତରେ ଟିଫିନ୍ ବକ୍ସ୍ ଧରେଇ ଦିଅନ୍ତି । ଆଉ ସେ ବି ଅଫିସ୍ ଚାଲି ଯାନ୍ତି। କିନ୍ତୁ ଅଫିସ୍ ଯିବା ପୂର୍ବର ସେ ୨ ମିନିଟ୍ ର ପ୍ରେମର ମୁହୂର୍ତ୍ତ ପୁରା ଦିନ ଟା କୁ ସିମି ଙ୍କ ତାଜା କରିଦିଏ। ସବୁ କଷ୍ଟ ଭୁଲିଯାନ୍ତି। ସେଇ କଥା ମନେ ପକେଇ ସ୍ମିତ ହସ ଓଠେ ଖେଳାଇ କେତେବେଳେ ଯେ ସବୁ କାମ ସାରି ଦିଅନ୍ତି ନିଜେ ବି ଜାଣି ପାରନ୍ତିନି।

ସିମି ଏବଂ ପ୍ରତ୍ୟୁଷ ଙ୍କ ବାହାଘରକୁ ୨ ବର୍ଷ ପୁରିଥାଏ। ଝିଅ ଟିଏ ତାଙ୍କ କୋଳରେ ଜନ୍ମ ନିଏ। ପ୍ରତ୍ୟୁଷ ଆଉ ସିମିଙ୍କ ଖୁସି କହିଲେ ନସରେ। ସିମି ଗର୍ଭବତୀ ଥିବା ସମୟରେ ପ୍ରତ୍ୟୁଷ କଣ ସିମିଙ୍କ କମ୍ ଯତ୍ନ ନେଇଛନ୍ତି। ରାଣୀ ଭଳି ସାଇତିଛନ୍ତି। ରୋଷେଇଆ ର ବ୍ୟବସ୍ଥା କରିଛନ୍ତି କାଳେ କିଛି କଷ୍ଟ ପଡ଼ିବ ବୋଲି ସିମି ଙ୍କୁ। ଯେତେ କାମ ରେ ଥିଲେ ମଧ୍ୟ ଅଫିସ୍ ରେ ଦିନରେ ୩-୪ ଥର ଫୋନ୍ କରିବାକୁ ଜମା ଭୁଲନ୍ତିନି। ପ୍ରତ୍ୟୁଷ ଙ୍କ ଯତ୍ନ ଆଉ ପ୍ରେମରେ ସିମି ଅଭିଭୂତ ହେଇଯାଆନ୍ତି ଆଉ କୁହନ୍ତି ତୁମ ଭଳି ସ୍ୱାମୀ ସବୁ ଝିଅ ପାଇବାକୁ ଚାହିଁବ। ମତେ ଯଦି ହିମାଳୟରେ ବି ତପସ୍ୟା କରିବାକୁ ପଡେ ତମକୁ ପାଇବାକୁ ସବୁ ଜନ୍ମରେ ମୁଁ କରିବି। ପ୍ରତ୍ୟୁଷ ସିମି ମଥାରେ ଗେଲ କରିଦିଅନ୍ତି ଏବଂ କୋଳେଇ ନିଅନ୍ତି। ନିଜ ହାତରେ ଖୁଆଇ ଦିଅନ୍ତି। ଏମିତି ବହୁତ୍ ଭଲରେ ସମୟ ବିତିଯାଏ। ଝିଅ ଜନ୍ମ ହୁଏ। ତାକୁ ବଡ଼ କରିବାରେ ଦୁହେଁ ଲାଗିଯାନ୍ତି। ପାଠପଢ଼ା ସରେ ଝିଅ ର ଏବଂ ଯଥା ସମୟରେ ବିବାହ ମଧ୍ୟ ସରିଯାଏ। ବୃଦ୍ଧ ଦମ୍ପତି ନିଜେ ନିଜର ସାଥୀ ହେଇ ବେଶ୍ ଖୁସିରେ ଜୀବନ ଅତିବାହିତ କରୁଥାଆନ୍ତି। ପ୍ରତ୍ୟୁଷ ଙ୍କ କୋଳରେ ମୁଣ୍ଡ ରଖି ବାର୍ଦ୍ଧକ୍ୟ ର ସବୁ ଥକା ମେଣ୍ଟାଉ ଥାନ୍ତି ସିମି। ପ୍ରେମ ତାଙ୍କ ବାର୍ଦ୍ଧକ୍ୟ କୁ ତାଜା କରିଦେଇଥାଏ। ତାର କିଛି ବର୍ଷ ପରେ ହଠାତ୍ ସିମି ଙ୍କ ଛାତି ଯନ୍ତ୍ରଣା ହେଲା ଆଉ ସେଦିନ ସବୁ ଖୁସି ଲିଭିଯାଇଥିଲା ପ୍ରତ୍ୟୁଷ ଙ୍କ ର। ସତେ ଯେପରି ପୃଥିବୀ ନିସ୍ୱ ହେଇଗଲା ସେଦିନ ତାଙ୍କ ପାଇଁ। ସବୁଦିନ ପାଇଁ ଏକା କରି ଛାଡି ଯାଇଥିଲେ ତାଙ୍କୁ ସିମି। ସିମି ଙ୍କ ଫୋଟୋ ପାଖରେ ଛିଡ଼ା ହେଇ ସେଇ ସବୁ ଅତୀତର ପ୍ରେମ ଭରା ସ୍ମୃତି , ପ୍ରତ୍ୟୁଷ ଦୁଃଖରେ ଥିବା ବେଳେ ସିମି ଙ୍କ ବାହୁ ବନ୍ଧନରେ ବାନ୍ଧି ହେଇ ଛୋଟ ପିଲାଙ୍କ ଭଳି କାନ୍ଦିବା , ତାଙ୍କ ସ୍ନେହ ଭରା ଗେଲ ଯାହା ଜୀବନର ସବୁ କଷ୍ଟ ଭୁଲାଇ ଦେଉଥିଲା ଏଂ ଜୀବନ ତାଙ୍କ ସ୍ୱର୍ଗ ହେଇଯାଇଥିଲା ସିମି ଙ୍କୁ ନିଜ ସ୍ତ୍ରୀ ରୂପେ ପାଇ ,ଏଇ ସବୁ ରେ ବୁଡି ଯାଇଥାନ୍ତି ସେ । ସତେ ଯେପରି ଜୀବନର ସୁଖ ଶିଳା ଏବଂ କାରୁକାର୍ଯ୍ୟରେ ତିଆରି ହେଇଥିବା ସ୍ତମ୍ଭ ଟି ନିଜ ପ୍ରେମ ରୂପକ କଳସ ନିଜ ଶିର ରୁ ବିଚ୍ଛିନ୍ନ ହେଇ ସାଜିଛି ଭଗ୍ନ ସ୍ତୁପ ଏବଂ ନିଜ ପ୍ରାଣ ପ୍ରିୟା ସହ ସ୍ୱର୍ଗରେ ଭେଟିବାକୁ ଲୁହଭିଜା ନୟନରେ ଅପେକ୍ଷାରେ ରତ।


*ଗ୍ରାମ- ବିଲିପଡ଼ା, ପୋଷ୍ଟ- ଭୋଟକା , ଜିଲ୍ଲା - ଯାଜପୁର, ପିନ୍- ୭୫୫୦୦୯*

# ମୋ ବାଲି ଘର...

## ବିନ୍ଦୁ ନିବେଦିତା




ପ୍ରଚ୍ଛଦେ ଭାବାବେଶେ ଅଧିରା ଉର୍ମୀ...
ଅନିଶ୍ଚିତ ଜୀବନର ରହସ୍ୟରେ
ଉଦବେଳିତ ଅଶାନ୍ତ ସାଗର।।
କେତେ ବର୍ଷ ଏମିତି ଆସେଯାଏ
ସମୟ ସୁଅରେ;
ନିଶବ୍ଦେ ଆୟୁଷ ବଢ଼େ ଅଣଲେଉଟା
ପଦ ଚିହ୍ନ ଛାଡି ଆଗକୁ ଆଗକୁ
ପଛେ ରହିଯାଏ ବିଦଗ୍ଧ ହୃଦୟେ
ଯେତେ ଭାବାନ୍ତର।।
ହେଲେ ଆଜିର ଖୁସିରେ
ଖୁବ ଆହ୍ଲାଦିତ "ମୁଁ";
କିଏ ସେ ଦେଖୁଛି;



ଘୋର ଅନିଶ୍ଚିତତାରେ
ଭରା କାଲିର ସକାଳ।।
ଏବେ ବି ସାଇତି ରଖିଛି
ସ୍ମୃତିର ବେଳାବୁକେ ଅସରନ୍ତି
ଇଚ୍ଛାର ଶାମୁକା ମୋତି;
ତା'ସହ ସଜାଡି ରଖିଛି
ଅସୁମାରି ସ୍ୱପ୍ନରେ ଗଢ଼ା
ଛୋଟ ମୋର ଗୋଟେ
ବାଲିର ଘର...।।

*ଭୁବନେଶ୍ୱର*

# ପିଲାଙ୍କ ତୁଳିଆ






**ପ୍ରତ୍ୟାଶା ରଥ**
ଷ୍ଟାଣ୍ଡାର୍ଡ - ୭
ବି.ଡି. ମେମୋରିଆଲ ସ୍କୁଲ
କୋଲକାତା

# କବିତାର କଥା

(ଭାଗ-୩୬)



**ଉମାକାନ୍ତ ରାଉତ**



# ଅସଲ କାବ୍ୟନାୟକ

ପୂର୍ବରୁ କୁହାସରିଛି ଯେ ସାହିତ୍ୟର ଗତିଧାରା ସହ ସଂଯୋଗ ରକ୍ଷା କରି ଓଡ଼ିଆ କାବ୍ୟ ସାହିତ୍ୟରେ ବୈପ୍ଳବିକ ପରିବର୍ତ୍ତନର ଏକ ଧାରା ନିର୍ମାଣ କରିଥିଲେ ମଶାଣିର ଫୁଲ ଓ ମାଟିର ତାଜ୍ ର କବି ସଚ୍ଚି ରାଉତରାୟ । ସୁତରାଂ ସେ ଓଡିଆ ସାହିତ୍ୟର ଅଗ୍ରଗଣ୍ୟ , ଅନନ୍ୟ ଓ ଅସାଧାରଣ କାବ୍ୟସାଧକ ।ତାଙ୍କର ବୈପ୍ଳବିକ କାବ୍ୟ "ବାଜିରାଉତ" କେବଳ ଓଡିଆ ସାହିତ୍ୟ ନୁହେଁ , ସମଗ୍ର ଭାରତୀୟ ସାହିତ୍ୟରେ ମାଟି , ମାଆ ଓ ମଣିଷ ପାଇଁ ଏକ ବୈପ୍ଳବିକ ଅନୁପ୍ରେରଣା ଓ ଜାଗରଣ ସୃଷ୍ଟି କରିଥିଲା ।ଶ୍ରୀମତୀ ସରୋଜିନୀ ନାଇଡୁଙ୍କ ସାନଭାଇ କବି ହରୀନ୍ଦ୍ର ନାଥ ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା THE BOATMAN BOY AND OTHER POEMS ନାମରେ ଏହାର ସଫଳ ଅନୁବାଦ ଓଡିଶା ମାଟିର ସାଧାରଣ ଓ ନିରୀହ ଜନତାର ଅସାଧାରଣ ବୀରତ୍ୱ ,ଅକଳନୀୟ ଗାରିମା ଓ ଅଲଂଘ୍ୟ ପରାକ୍ରମର କଥାକୁ ବହୁବିଦିତ କରିପାରିଥିଲା । ପୁଣି ଏହା ଆତ୍ମପ୍ରଚାର ଓ ପ୍ରଦର୍ଶନବିମୁଖ ଓଡିଆମାନଙ୍କର ପରାକ୍ରମ ଓ ଜନଜାଗରଣର ଗାଥାକୁ ସାରା ବିଶ୍ୱକୁ ଜଣାଇ ପାରିଥିଲା।

ତାଙ୍କର କାବ୍ୟନାୟକ କୌଣସି ସମ୍ରାଟ, ରାଜାଧିରାଜ, ସେନାନାୟକ କିମ୍ବା ନେତା କି ମନ୍ତ୍ରୀ ନଥିଲେ। ସମଗ୍ର କାବ୍ୟର ପ୍ରଧାନ ଉପଜୀବ୍ୟ ଥିଲା ମାତ୍ର ୧୨ ବର୍ଷର ଜଣେ ବାଳକ, ଯାହାକୁ ଗଭୀର ଭାବେ ଆଚ୍ଛନ୍ନ କରିଥିଲା ମାଟିର ପ୍ରେମ , ମାଆର ଡାକ। କବି କବିତାର ପଂକ୍ତିରେ ଗରୀୟାନ୍ ଢଙ୍ଗରେ ତୋଳିଲେ .....

"ଏତିକି ସେ ଅମାନିଆଁ ପିଲା
ଫଉଜର ଗୁଳି, ଗୁଳା, ରଜା, ଝଡ଼ କିଛି ନ ମାନିଲା।
ଧୂଳି ଖେଳ ଛାଡ଼ି
ଗୁଳି ଆଗେ ଜୀବନକୁ ହସି ହସି ଦେଲା ସିନା ବାଢ଼ି।"

ମେଘ ବର୍ଷା ମେଦୁରିତ ଜୋର୍ ଜୋର୍ ଘଡ଼ଘଡ଼ି ମାରୁଥିବା କଳା ମିଚିମିଚି ଅନ୍ଧାର ରାତିରେ ହାଲିଆ ହୋଇ ଶୋଇ ପଡ଼ିଥିବା ସେଇ ଅବୋଧ ବାଳକଟି ପଳ ପଳ ହିଂସ୍ର ଚାହାଣୀ ଓ ଜଙ୍ଗଲୀ ହସର ପ୍ରତିକ୍ରିୟାରେ ମାଟିମାଆ ପାଇଁ ନିଦ ମଳମଳ ଆଖିରେ ଜବାବ୍ ଦେଇଥିଲା - ପ୍ରଜାମଣ୍ଡଳର ହୁକୁମ୍ ନାହିଁ।।

ନୃଶଂସଙ୍କ ସଙ୍ଗୀନ୍ ମାଡ଼ ଓ ତୁହାକୁ ତୁହା ଗୁଳି ଚୋଟରେ ସେଇ ମାଟି ଉପରେ ତା'ର ରକ୍ତ ଜୁଡୁବୁଡୁ ଶରୀର ଟଳିପଡିଲା ସିନା, ମାଟି ଚୁମୁଥିବା ତା'ର ପବିତ୍ର ଶୋଣିତର ପୃଷ୍ଠଭୂମିରେ ନିର୍ମିତ ହୋଇଗଲା ମାଟି ଉପରେ ମାଟି ପାଇଁ କବିତାର ଏକ ରାଜପଥ - ବାଜିରାଉତ ।

"ଝଡ଼ ଠାରୁ ସେଯେ ବଡ଼ ; ମେଘଠାରୁ ଆହୁରି ସେ କଳା
ସାନ ଦେହେ ଖେଳେ ତାର,ଜୀବନର ଅଲିଭା ଚପଳା !

ସୁତରାଂ , କବିତାର ଏକ ରାଜପଥ ତିଆରି କରିପାରିଥିବା ସେଇ ଅବୋଧ ବାଳକର କାବ୍ୟିକ ଗାଥା ସମ୍ପର୍କରେ ଯଦି ସାମର୍ଥ୍ୟାନୁଯାୟୀ ଆଲୋକପାତ କରା ନଯାଏ ତେବେ କବିତାର କଥା କହିବା ଏକ ମୂଲ୍ୟହୀନ ସଂଳାପ ପରି ମନେ ହୋଇପାରେ ।କେବଳ କଳାକାର , ଶିଳ୍ପୀ, ସ୍ରଷ୍ଟା , ସାହିତ୍ୟକାର କି କବି ନୁହେଁ ' ପ୍ରତ୍ୟେକ ଓଡିଆ ଏହାକୁ ଆନ୍ତରିକଭାବେ ଜାଣିବା ଦରକାର । ଓଡ଼ିଶାର ମାଟି , ଓଡ଼ିଆ ରକ୍ତ , ପରାକ୍ରମ ଓ ଅସ୍ମିତାକୁ ଯଦି କବିତାରେ କବିଟିଏ ଉତ୍ପ୍ରେରିତ କରି ନପାରିଲା, ତେବେ ତାର ସମଗ୍ର କାବ୍ୟିକ ସାଧନା ଏକ ଧୂଆଁବାଣ ଓ ବୃଥା ବାହାସ୍ଫୋଟ ବୋଲି ମୋର ମତ ।

କହିବା ବାହୁଲ୍ୟ ଯେ ଏହି ଧାରାବାହିକର ପ୍ରାରମ୍ଭରେ କୁହାଯାଇଛି ଯେ ଦିନଥିଲା ସାମନ୍ତବାଦୀ ଆଟୋପ, ସମ୍ରାଟ , ସାମ୍ରାଜ୍ଞୀ , ନଅର , ଉଆସ , ଅମଲାତାନ୍ତ୍ରିକ ଚାଟୁକାରିତା ଭିତରେ ସାଧାରଣ ଜନତା ( କମନ୍ ମେନ୍), ମୂଲିଆର ଆଖି,ବିସ୍ଥାପିତର କଷଣ,ଦାଦନର ବେଦନା ଆଦି ଚିପି ହୋଇ ନିଶ୍ଚିହ୍ନ ହୋଇଯାଉଥିଲା। ପୁଣି କରୀନ୍ଦ୍ର ପଲଙ୍କର ରାଜା, ରାଜକୁମାର ଓ ରାଜଜେମାଙ୍କ କବଳରୁ ମୁକୁଳି ଆସି କବିତା ସାଧାରଣ ମଣିଷକୁ ପ୍ରୋଟାଗୋନିଷ୍ଟ ଭାବେ ପ୍ରତିଷ୍ଠିତ କରି ସାମାଜିକ ଜାଗରଣ ସୃଷ୍ଟିର ଯଥାର୍ଥ ପ୍ରୟାସ କରିବାକୁ ଲାଗିଲା। ସମ୍ରାଟ, ରାଜକୁମାର କି ରାଜକୁମାରୀ ନୁହେଁ, ରାଜରାସ୍ତାରେ ଠିଆହୋଇଥିବା ସାଧାରଣ ମଣିଷକୁ କବି ଠିଆ କରାଇଲା କାବ୍ୟନାୟକଭାବେ।

"ବାଜିରାଉତ" କାବ୍ୟକୁ ଏକ ବତୀଘର ହିସାବରେ ବିବେଚନା କରାଯାଇପାରେ। ଏହାର ଯଶସ୍ୱୀ ସ୍ରଷ୍ଟା ମାଟିର କବି ସଚ୍ଚି ରାଉତରାୟଙ୍କୁ ଯେତେ କୃତଜ୍ଞତା ଜଣାଇଲେ ବି କମ୍ ମନେହୁଏ।

ସୁତରାଂ, ପରବର୍ତ୍ତୀ କେଇଟି ଭାଗରେ "ବାଜିରାଉତ"ର ମାର୍ମିକ ସ୍ପର୍ଶ ଅନୁଭବପୂର୍ବକ କବିପ୍ରାଣର ସଂବେଦନାକୁ ତିଳେ ତିଳେ ଅନୁରଣିତ କରିବା ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ହେବ।

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*



# ଅସୁରକ୍ଷିତ ଅବସ୍ଥାରେ ତହସିଲ ଓ ଉପନିବନ୍ଧକ କାର୍ଯ୍ୟାଳୟ



**ଜଗତ୍‌ସିଂହପୁର :** ଜିଲ୍ଲାର ୮ଗୋଟି ତହସିଲ କାର୍ଯ୍ୟାଳୟ ମଧ୍ୟରୁ ରଘୁନାଥପୁର ତହସିଲ କାର୍ଯ୍ୟାଳଟି ଅତ୍ୟନ୍ତ ଶୋଚନୀୟ ଅବସ୍ଥା ଦେଇ ଗତି କରୁଛି । ଫନି ବାତ୍ୟା ସମୟରେ ତହସିଲ ଚତୁଃପାର୍ଶ୍ୱରେ ଥିବା ପ୍ରାଚୀରଟି ଭାଙ୍ଗି ପଡିଯାଇଥିଲେ ବି ତା'ର ଏପର୍ଯ୍ୟନ୍ତ ମରାମତି ହୋଇପାରିଲା ନାହିଁ । ସେହିପରି ଏହି ତହସିଲ ପ୍ରାଚୀର ପାଖକୁ ସୁଧାଭୂମି ଗ୍ରାମର ଲୋକମାନଙ୍କର ଶବଦାହ ଗୃହ ଦୁଇଟି ଥିବାରୁ ଶବଦାହ ସମୟରେ ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ରହିବା ସମ୍ଭବପର ହେଉନାହିଁ । ସେହିପରି ଏହି ଶବଦାହ ଗୃହ ନିକଟରେ ଅଗ୍ନିଶମ ବିଭାଗ ଓ କୃଷିଅଧିକାରୀଙ୍କ କାର୍ଯ୍ୟାଳୟ ଥିବାରୁ ସରକାରୀ କର୍ମଚାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରଘୁନାଥପୁର ଅଞ୍ଚଳରେ ଥିବା ଉପନିବନ୍ଧକ କାର୍ଯ୍ୟାଳୟରେ ଆଜକୁ ତିନିବର୍ଷ ହେଲା ଉପନିବନ୍ଧକ ନିଯୁକ୍ତି ନଦେଇଥିବାରୁ ତହସିଲଦାର ମିସ୍ ରୂପାଲିକା ଦାସ ଏ କାର୍ଯ୍ୟ ଦାୟିତ୍ୱରେ ଅଛନ୍ତି । ସେହିପରି ଏକବର୍ଷ ହେଲା ତହସିଲ କାର୍ଯ୍ୟାଳୟରେ ଜଣେ ଅତିରିକ୍ତ ତହସିଲଦାରଙ୍କୁ ନିଯୁକ୍ତି ଦିଆଯାଇନାହିଁ । ବର୍ତ୍ତମାନ ରାଜ୍ୟରେ କୋଭିଡ୍ କଟକଣାର ଦ୍ୱିତୀୟ ଲହର ଚାଲୁଥିବା ବେଳେ ଜଣେ ତହସିଲଦାର ତିନିଗୋଟି ଦାୟିତ୍ୱ ବହନ କରି ସମ୍ଭାଳିବା ଜଣଙ୍କ ପାଇଁ ଅସମ୍ଭବ ହୋଇପଡିଲାଣି । ଜମିବାଡି କ୍ରୟ ବିକ୍ରୟ କରିବାରେ ଉକ୍ତ କାର୍ଯ୍ୟାଳୟରେ ଅସମ୍ଭବ ଭିଡ ଦେଖିବାକୁ ମିଳୁଥିବା ବେଳେ ଉପନିବନ୍ଧକ ନଥିବାରୁ ଜନସାଧାରଣଙ୍କୁ ନାକେଦମ ହେଉଥିବାର ଦେଖିବାକୁ ମିଳୁଛି । ରଘୁନାଥପୁର ତହସିଲ କାର୍ଯ୍ୟାଳୟରେ ଜଣେ ମାତ୍ର ଚତୁର୍ଥ ଶ୍ରେଣୀ କର୍ମଚାରୀ ଥିବାରୁ ରାତ୍ର ଜଗୁଆଳି ଭାବେ ତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଉଛି । ଏହି ତହସିଲରେ କିରାଣି ଅଭାବରୁ ବହୁ ସରକାରୀ କାର୍ଯ୍ୟଗୁଡିକ ବି ପଡିରହୁଛି । ଫଳରେ ଜାତିଗତ ପ୍ରମାଣପତ୍ର, ବାସସ୍ଥାନ ଓ ଆୟପ୍ରମାଣପତ୍ର ଇତ୍ୟାଦି ପାଇବା ନିମନ୍ତେ ବିଳମ୍ବ ହେଉଛି । ସରକାର କୋଟି କୋଟି ଟଙ୍କାର ରାଜସ୍ୱ ଏଠାରୁ ଆଦାୟ କରୁଥିବା ବେଳେ ତହସିଲ ଉପରେ ନଜର ନଦେବା ଘଟଣାକୁ ନେଇ ଲୋକମାନଙ୍କ ଭିତରେ ଅସନ୍ତୋଷ ସୃଷ୍ଟି ହେଲାଣି । ଏହି ତହସିଲର ଚତୁଃପାର୍ଶ୍ୱ ମରାମତି କାର୍ଯ୍ୟ କରାଯାଉ, ଏଠାରେ ଥିବା ଶବଦାହ ଗୃହକୁ ସ୍ଥାନନ୍ତରିତ କରାଯାଉ । ଜଣେ ଅତିରିକ୍ତ ତହସିଲଦାର ଓ ଉପନିବନ୍ଧକ ନିଯୁକ୍ତି ନିମନ୍ତେ ବହୁଥର ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଜଣାଯାଉଥିଲେ ମଧ୍ୟ ସମାଧାନ ନହେଉଥିବାକୁ ନେଇ ଏ ଅଞ୍ଚଳର ବୁଦ୍ଧିଜୀବୀମାନେ ଦୁଃଖ ପ୍ରକାଶ କରିବା ସହିତ ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ସେମାନଙ୍କ ଦାବି ଗୁଡିକ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦେବାକୁ ସ୍ଥାନୀୟ ଅଞ୍ଚଳର ମନ୍ମଥ କୁମାର ଜେନା, ରତିରଞ୍ଜନ ସେନାପତି, ଜ୍ଞାନରଞ୍ଜନ ପଟ୍ଟନାୟକ, ବିଷ୍ଣୁଚରଣ ସେଠୀ, ଦିବାକର ଖଟୁଆ, ପ୍ରଭାସ ପଣ୍ଡା, ଶରତ ଚନ୍ଦ୍ର ବାରିକ, ଫକିର ସ୍ୱାଇଁ, ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ରଶ୍ମିରଞ୍ଜନ ସ୍ୱାଇଁ, ସୁରେଶ ପଟ୍ଟନାୟକ ଓ ନିବାସ ଚନ୍ଦ୍ର ଲେଙ୍କା ପ୍ରମୁଖ ଦାବି ଜଣାଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଉ ଜଣେ ...

ଶ୍ରୀଦାସ ଭିନ୍ନକ୍ଷମ ହୋଇଯିବାରୁ ଏବଂ ତା'ର ପରିବାର ଆର୍ଥିକ ଦୁରବସ୍ଥାକୁ ଚିନ୍ତା କରି ଇଚ୍ଛାମୃତ୍ୟୁ କରିବେ ବୋଲି ସୋସିଆଲ୍ ମିଡିଆରେ ଜଣାଇଥିଲା । ଏସବୁ ପରେ ମଧ୍ୟ ତାହା କଥା ପ୍ରତି କର୍ଣ୍ଣପାତ ନକରିବାରୁ ସେ ବାଧ୍ୟ ହୋଇ ବିଧାନସଭା ସମ୍ମୁଖରେ ଆତ୍ମହୁତି ଦେବା ପାଇଁ ଯାଇଥିଲା । ସେ ବିଧାନସଭା ସମ୍ମୁଖକୁ ଯିବା ପୂର୍ବରୁ ନିଜର ହାତ କାଟିବା ସହିତ ବିଷ ପିଇଦେଇଥିଲା ବୋଲି ପୋଲିସ୍ ସୂତ୍ରରୁ ଜଣାଯାଇଛି । ପୋଲିସ୍ ତାକୁ ଉଦ୍ଧାର କରି କଟକ ବଡ଼ଡାକ୍ତରଖାନାକୁ ପଠାଇ ଦେଇଥିଲେ । ହେଲେ ରାତ୍ରକାଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଦୁର୍ଘଟଣା ହେଉ ବା ଚିକିତ୍ସା ଅବସ୍ଥାରେ ଡାକ୍ତରଖାନାରେ ମୃତ୍ୟୁବରଣ କଲେ ଶବ ବ୍ୟବଚ୍ଛେଦ ରାତ୍ର କାଳରେ କରାନଯିବାର ସରକାରୀ ନିୟମ ରହିଛି । ହେଲେ ସ୍ୱାସ୍ଥ୍ୟ ବିଭାଗର ନିୟମକୁ ଫୁ କରି ଜିଲ୍ଲା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ବଳରେ ଜଣେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବବ୍ୟବଚ୍ଛେଦ କରିଦେବା ଘଟଣା ସଧାରଣରେ ସନ୍ଦେହ ପ୍ରକାଶ ପାଉଛି । ରାତ୍ର କାଳରେ ମୃତ୍ୟୁ ବରଣ କରିଥିବାରୁ ମୃତ ଦେହକୁ ଡାକ୍ତରଖାନାର ଶବବ୍ୟବଚ୍ଛେଦ ଗୃହରେ ରଖାଯାଇଥାନ୍ତା ଓ ପରିବାର ଲୋକଙ୍କୁ ଶବବ୍ୟବଚ୍ଛେଦ କରାଯାଇ ହସ୍ତାନ୍ତର କରାଯାଇଥାଆନ୍ତା । ଶ୍ରୀ ଦାସଙ୍କ ଶବକୁ ନିଜ ଗାଁ ଶ୍ମଶାନ ଘାଟକୁ ନପଠାଇ ପୁରୀ ସ୍ୱର୍ଗଦ୍ୱାରରେ ସତ୍କାର କରିବା ଘଟଣା ସରକାରଙ୍କୁ ଆହୁରି ଅଡୁଆରେ ପକାଇଛି । ଶାସକ ଦଳର ଏପରି ଘଟଣାକୁ ନେଇ ଉଭୟ କଂଗ୍ରେସ୍ ଓ ବିଜେପି ପକ୍ଷରୁ ବିଧାନ ସଭାରେ ବି ଏ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି ରଖିଥିଲେ । ସ୍ୱର୍ଗତ ଦୃଷ୍ମନ୍ତ ଦାସଙ୍କ ଶବବ୍ୟବଚ୍ଛେଦ ରାତ୍ରିରେ ହେବା ଓ ପୁରୀ ସ୍ୱର୍ଗଦ୍ୱାରରେ ସତ୍କାର କରିବା ଘଟଣା ଉପରେ କେଉଁମାନଙ୍କର ହାତ ରହିଛି ବା ନିର୍ଦ୍ଦେଶ ମୁତାବକ ଏପରି ଜଘନ୍ୟ କାଣ୍ଡ କରାଯାଇଛି ତାହାର ଉଚ୍ଚ ସ୍ତରୀୟ ତଦନ୍ତ କରିବାକୁ ବୃଦ୍ଧିଜୀବୀମାନଙ୍କ ପକ୍ଷରୁ ଦାବି ହେଉଛି । କଟକ ବଡ଼ଡାକ୍ତରଖାନା ଉପରେ ସରକାର ଅଧିକ ଗୁରୁତ୍ୱ ଦେଇ ଏହାର ଉନ୍ନତିକରଣ କରୁଥିବା ବେଳେ ଦାନମାଝି ପରି ଦୁଷ୍ମନ୍ତ ଦାସ ବି ଏକ ପେଡି ଖୋଲି ଦେଇ ଗଲା । ଦିନକୁ ଦିନ କଟକ ଏସ୍.ସି.ବି. ହସପିଟାଲ୍‌ର ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହେଉଥିବା ବେଳେ ବହୁ ଦାନମାଝି ଓ ଦୃଷ୍ମନ୍ତ ଦାସଙ୍କ ଭଳି ପରିସ୍ଥିତି ସୃଷ୍ଟି ହେବ ।

### ବଢ଼ିବନି ...

ଆଗକୁ ତୃତୀୟ ଲହର ଆସିବାର ସମ୍ଭାବନା ଅଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପାର୍ବଣ ଗାଇଡଲାଇନ ଜାରି କରିଥିଲେ । ମୂର୍ତ୍ତି ଉଚ୍ଚତା, ସାଜସଜା ନେଇ ସରକାରଙ୍କ ତରଫରୁ କଟକଣା ଜାରି କରାଯାଇଥିଲା । ତେଣୁ ଅଗଷ୍ଟ ୯ ତାରିଖରେ ରାଜ୍ୟ ସରକାର ଯେଉଁ ଗାଇଡଲାଇନ ଜାରି କରିଥିଲେ, ତାହା ବଳବତ୍ତର ରହିବ । ଆମେ ଏବେ ଅତି କଠିନ ସମୟ ଦେଇ ଗତି କରୁଛେ । ତେଣୁ ଏଭଳି କଠିନ ସମୟରେ ଧୈର୍ଯ୍ୟ ଦେଖାଇବା ନିହାତି ଜରୁରୀ । ପୂଜା କମିଟିର ଆବେଗକୁ ଆମେ ହୃଦୟଙ୍ଗମ କରିଥିଲୁ । ଯାହା ପରେ ସରକାର ନିଷ୍ପତ୍ତି ନେଲେ ଯେ ଏ ବର୍ଷ ମଧ୍ୟ ନିରାଡମ୍ବର ଭାବେ ପୂଜା ପାଳନ କରାଯିବ ବୋଲି ଏସଆରସି କହିଛନ୍ତି । ସେହିପରି ଆସନ୍ତାକାଲି ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅଛି । ଏଥିପାଇଁ ସମସ୍ତଙ୍କୁ କୋଭିଡ୍ ଗାଇଡଲାଇନ ମାନି ନୂଆଁଖାଇ ପାଳନ କରିବାକୁ ଅପିଲ୍ କରିଛନ୍ତି ଏସଆରସି । ନୂଆଁଖାଇରେ ମନ୍ଦିର ପରିସର ଭିତରେ ଭିଡ଼ ନକରିବାକୁ ଏସଆରସି ଆହ୍ୱାନ ଦେଇଛନ୍ତି । ଏହାସହ ନିଜ ପରିବାର, ଗାଁ, ଜିଲ୍ଲା ଓ ରାଜ୍ୟକୁ ସୁରକ୍ଷିତ ରଖିବା ପାଇଁ ମଧ୍ୟ କୁହାଯାଇଛି । ଏସଆରସି କହିଛନ୍ତି, କରୋନାର ଦ୍ୱିତୀୟ ଲହରି ଏପର୍ଯ୍ୟନ୍ତ ଶେଷ ହୋଇନି । ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ପୁଣି କରୋନାର ପ୍ରଭାବ ବଢ଼ିଛି । କେରଳରେ ଏବେ ଦୈନିକ ସଂକ୍ରମଣ ୩୦ହଜାରରୁ ଉପରେ ରହୁଛି । ସେଠାରେ ଓନାମ ପର୍ବର ପରବର୍ତ୍ତୀ ସମୟରେ ପୁଣି ସଂକ୍ରମଣ ବଢ଼ିଛି । ତେଣୁ ଓନାମ ଓ କୁମ୍ଭମେଳାରୁ ଆମକୁ ବହୁତ କିଛି ଶିଖିବାର ଅଛି । କୌଣସି ପାର୍ବଣ୍ୟରେ ଭିଡ଼ ହିଁ ସଂକ୍ରମଣର ମୁଖ୍ୟ କାରଣ ।

### ଶାସକ ଦଳର ...

ଅଚଳାବସ୍ଥା ସୃଷ୍ଟି କରିବାକୁ ପଛାଇ ନାହିଁ । ସେପଟ୍ମେର ୧ରୁ ଆରମ୍ଭ ହୋଇଥିବା ୮ଦିନିଆ ମୌସୁମୀ ଅଧିବେଶନରେ ମାତ୍ର ୩ଟି ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ସମ୍ଭବପର ହୋଇଥିବାବେଳେ ଅନ୍ୟ ପ୍ରାୟ ସମସ୍ତ କାର୍ଯ୍ୟ ଏକତରଫା ଭାବେ ଶାସକ ଦଳ କରାଇ ନେଇଛି । ଅଲମ୍ପିକ୍ସରେ ହକି ଟିମକୁ ମିଳିଥିବା ସଫଳତା ପାଇଁ ଗୃହରେ ସଂକଳ୍ପ ପ୍ରସ୍ତାବ ଓ ଓବିସି ଗଣନା ଓ ସଂରକ୍ଷଣ ସୀମାକୁ ବୃଦ୍ଧି ନିମନ୍ତେ ସଂକଳ୍ପ ପ୍ରସ୍ତାବ ଉପସ୍ଥାପିତ ହୋଇଥିଲା । ଗୁରୁତ୍ୱପୂର୍ଣ୍ଣ ପଂଚାୟତ ଓ ପୌର ନିର୍ବାଚନ ପାଇଁ ଆଇନରେ ସଂଶୋଧନ ଏବଂ ଅନ୍ୟ ୧୧ଟି ବିଲ୍ ଚଳିତ ଅଧିବେଶନରେ ପାରିତ ହୋଇଛି । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୌଣସି ଗୋଟିଏ ଦିନ ବି ଗୃହରେ ଅଧିବେଶନରେ ଉପସ୍ଥିତ ହୋଇନଥିଲେ । ଯଦିଓ ମୁଖ୍ୟମନ୍ତ୍ରୀ ଏହି ଅଧିବେଶନ କାଳରେ ଭୁବନେଶ୍ୱରରେ ସରକାରୀ ଉଦଘାଟନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ, କିନ୍ତୁ ବିଧାନସଭା କାର୍ଯ୍ୟକ୍ରମରେ ଭର୍ଚୁଆଲ ମୋଡରେ ଉପସ୍ଥିତ ରହୁଥିଲେ । ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲରୁ ଭର୍ଚୁଆଲ ମୋଡରେ ଗୃହ କାର୍ଯ୍ୟରେ ଯୋଗ ଦେଇଥିଲେ । ଚଳିତ ଅଧିବେଶନରେ ମୁଖ୍ୟତଃ ରାଜ୍ୟରେ ମରୁଡ଼ି ସ୍ଥିତି ଓ ଚାଷୀଙ୍କ ସମସ୍ୟା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ମାହାଙ୍ଗା ଡବଲ ମର୍ଡର ଘଟଣାରେ ମନ୍ତ୍ରୀଙ୍କ ସମ୍ପୃକ୍ତି, ପଶ୍ଚିମଓଡ଼ିଶା ବିକାଶ ପରିଷଦର ସ୍ଥାଣୁତା, ଷ୍ଟାଫ ସିଲେକ୍ସନ ଦୁର୍ନୀତି, ଖଣି ଦୁର୍ନୀତି ଭଳି ପ୍ରସଙ୍ଗ ଉଠିଥିଲେ ମଧ୍ୟ କେବଳ ମରୁଡ଼ି ପରିସ୍ଥିତି ଉପରେ ୨ଥର ଗୃହରେ ଆଲୋଚନା ହୋଇଥିବାବେଳେ ଆଇନଶୃଙ୍ଖଳା ପରିସ୍ଥିତି ପ୍ରସଙ୍ଗରେ ଗୋଟିଏଥର ଆଲୋଚନା ହୋଇପାରିଥିଲା । ଚଳିତ ଅଧିବେଶନରେ ମୋଟ ୭୧୮ଟି ତାରକା, ୧୨୬୭ଟି ଅଣତାରକା ପ୍ରଶ୍ନର ଲିଖିତ ଉତ୍ତର ବିଭିନ୍ନ ବିଭାଗର ମନ୍ତ୍ରୀମାନେ ଦେଇଥିଲେ ।

### ମୃତ୍ୟୁରୁ ...

ଟିକା ନେବା ଦରକାର ବୋଲି କେନ୍ଦ୍ର ସରକାରଙ୍କ କୋଭିଡ ଟାସ୍କ ଫୋର୍ସ ମୁଖ୍ୟ ଡା ଭିକେ ପଲ ଆଜି କହିଛନ୍ତି । ଆଜି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ଏବେ ସବୁ ରାଜ୍ୟ ସରକାରଙ୍କ ପାଖରେ ଆବଶ୍ୟକ ପରିମାଣର ଟିକା ରହିଛି । ଆମେ ଲୋକମାନଙ୍କୁ ଟିକା ନେବାକୁ ଅନୁରୋଧ କରୁଛୁ । ଲୋକମାନେ ଦୁଇଟି ଯାକ ଡୋଜ୍ ନେଲେ, କରୋନା ଜନିତ ମୃତ୍ୟୁରୁ ସୁରକ୍ଷା ପାଇପାରିବେ । ଟିକାର ଦୁଇଟି ଯାକ ଡୋଜ୍ ନେବା ପରେ ମଧ୍ୟ ସଂକ୍ରମିତ ହେବାର ଆଶଙ୍କା ରହିଛି । କିନ୍ତୁ ମୃତ୍ୟୁର ଆଶଙ୍କା ବହୁତ କମ । ସେହିପରି ହସ୍ପିଟାଲରେ ଭର୍ତ୍ତି ହେବାର ଆଶଙ୍କା ବି ବହୁତ କମ ରହିଛି ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି, "ଟିକାର ଦୁଇଟି ଯାକ ଡୋଜ୍ ନେଲା ପରେ ସଂପୂର୍ଣ୍ଣ ସୁରକ୍ଷା ମିଳୁଥିବା ଏକାଧିକ ଗବେଷଣାରୁ ଜଣାପଡ଼ିଛି । ୧୮ ବର୍ଷରୁ ଅଧିକ ବୟସ୍କ ମଧ୍ୟରୁ ୫୮%କୁ ଅତିକମରେ ଗୋଟିଏ ଡୋଜ୍ ଟିକା ଦିଆଯାଇଛି । ଏହା ୧୦୦% ହେବା ଦରକାର । କେହି ବି ଟିକାକରଣରୁ ବଞ୍ଚିତ ହେବା କଥା ନୁହେଁ । ପ୍ରାୟ ୭୨ କୋଟିର ଡୋଜ୍ ଦିଆଯାଇଛି । ଯେଉଁମାନେ ଟିକା ନେଇନାହାନ୍ତି, ସେମାନେ ହର୍ଡ ଇମ୍ୟୁନିଟି ପାଇଁ ଟିକାର ଡୋଜ୍ ନେବା ଦରକାର । କରୋନା ସମେତ ଏବେ ଏବେ ମଶା ଜନିତ ଜ୍ୱର ରୋଗ ମଧ୍ୟ ବଢୁଛି । ବିଶେଷ କରି ଡେଙ୍ଗୁ ରୋଗ ଜୀବନ ନେଇପାରେ । ଏହା ବିରୋଧରେ କୌଣସି ଟିକା ନାହିଁ । ତେଣୁ ଆମକୁ ସତର୍କ ରହିବାକୁ ପଡ଼ିବ । କରୋନା ଭଳି ଆମକୁ ଏହା ବିରୋଧରେ ମଧ୍ୟ ଲଢ଼େଇ କରିବାକୁ ହେବ ।" ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ କହିଛନ୍ତି, ଏବେ ଟିକାକରଣର ଗତି ବଢ଼ିବାରେ ଲାଗିଛି । ଦୈନିକ ଟିକାକରଣ ହାର ମେ' ମାସରେ ୨୦ ଲକ୍ଷ ଡୋଜ୍ ଥିବା ବେଳେ ସେପ୍ଟେମ୍ବର ବେଳକୁ ୭୮ ଲକ୍ଷ ଡୋଜ୍‌ରେ ପହଞ୍ଚିଛି । ଏହି ସଂଖ୍ୟା ଆଗକୁ ଆହୁରି ବଢ଼ିବ ବୋଲି ଆଶା କରାଯାଉଛି । ସେପଟ୍ମେର ମାସର ପ୍ରଥମ ୭ ଦିନରେ ଯେତିକି ଡୋଜ୍ ଟିକାକରଣ ହୋଇଛି, ସମାନ ପରିମାଣର ଟିକାକରଣ ପୂରା ମେ' ମାସରେ ହୋଇଥିଲା । ଗତ ୨୪ ଘଣ୍ଟା ମଧ୍ୟରେ ୮୬ ଲକ୍ଷ ଡୋଜ୍ ଟିକାକରଣ ହୋଇଛି । ପାର୍ବଣ ପୂର୍ବରୁ ଆମକୁ ଟିକାକରଣର ଗତି ବଢ଼ାଇବାକୁ ପଡ଼ିବ । ସଂକ୍ରମଣ ଆଶଙ୍କା ଥିବା ଲୋକଙ୍କ ଟିକାକରଣ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ କାମ କରିବେ । ଗତ ୨୪ ଘଣ୍ଟାରେ ଚିହ୍ନଟ ହୋଇଥିବା ୪୩,୨୬୩ ଜଣ ସଂକ୍ରମିତଙ୍କ ମଧ୍ୟରୁ ୩୨ ହଜାରରୁ ଅଧିକ କେରଳରୁ ରହିଛନ୍ତି ବୋଲି ସେ କହିଛନ୍ତି ।

### ଶିକ୍ଷକ ...

ଉଚ୍ଚଶିକ୍ଷାର ସ୍ଥିତିକୁ ନେଇ ଏହି ଅଡିଟ୍ ୨୦୧୯ ଅକ୍ଟୋବରୁ ୨୦୨୦ ଜାନୁୟାରୀ ମାସ ମଧ୍ୟରେ ହୋଇଥିଲା । ସିଏଜିଙ୍କ ଅଡିଟ୍ ରିପୋର୍ଟ ଅନୁସାରେ ରାଜ୍ୟରେ ପ୍ରଫେସନାଲ ଅଧ୍ୟାପକଙ୍କ ଅଭାବ, ଉତ୍କଳ ଓ ଉତ୍ତର ଓଡ଼ିଶା ଭଳି ବିଶ୍ୱବିଦ୍ୟାଳୟରେ ୩୮ ପ୍ରତିଶତ ପର୍ଯ୍ୟନ୍ତ ଅଧ୍ୟାପକ ପଦବୀ ଖାଲି, ମାତ୍ର ୮ଟି କଲେଜକୁ 'ଏ' ଗ୍ରେଡ୍ ନାକ୍ ମାନ୍ୟତା ମିଳିପାରିଥିବା ଦର୍ଶାଇଛନ୍ତି । ରାଜ୍ୟର ପ୍ରମୁଖ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପ୍ଲେସମେଣ୍ଟ ସେଲ୍, କ୍ୟାରିୟର କାଉନସେଲିଂ ସେଲ୍ , ଆଲୁମିନି ଆସୋସିଏସନ୍ ଓ ଚାକିରି ମେଳା କେବଳ ଧର୍ମକୁ ଆଖିଠାର ମାରିବା ଭଳି ହୋଇଥିବା ଜଣାପଡ଼ିଛି । ଉତ୍କଳ ବିଶ୍ୱବିଦ୍ୟାଳୟର ନିଜସ୍ୱ ଆଲୁମିନି ଆସୋସିଏସନ୍ ନଥିବାବେଳେ କେବଳ ରାଜଧାନୀ କଲେଜକୁ ଛାଡ଼ିଦେଲେ ଏହା ଅଧୀନସ୍ଥ କୌଣସି କଲେଜର ଆଲୁମିନି ଆସୋସିଏସନ୍ ମଧ୍ୟ ନାହିଁ । ସେହିପରି କ୍ୟାରିୟର କାଉନସେଲିଂ ସେଲ୍ ଖୋଲିନଥିଲା । ନିଯୁକ୍ତି ମେଳାରେ କେତେ ପିଲା କେଉଁ ବର୍ଷ ପଞ୍ଜିକୃତ ହୋଇଥିଲେ ତା'ର ହିସାବ ବି ବିଶ୍ୱବିଦ୍ୟାଳୟ ପାଖରେ ନାହିଁ । ପ୍ରଭାବଶାଳୀ ପାଠ୍ୟକ୍ରମର ପରିକଳ୍ପନା ଓ କାର୍ଯ୍ୟାନ୍ୱୟନ ଅଭାବରୁ ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ପିଲାମାନଙ୍କ ବିକାଶ ସଠିକ୍ ଢଙ୍ଗରେ ହୋଇପାରିନି । ସିଭିଲ୍ ସର୍ଭିସ ପରୀକ୍ଷାରେ ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କର ପ୍ରଦର୍ଶନରେ ଉନ୍ନତି ଆଣିବା ପାଇଁ ସେମାନଙ୍କୁ ତାମିଲ ଦେବା ନିମନ୍ତେ ରାଜ୍ୟ ସରକାର ୨୦୧୬ ନଭେମ୍ବରରେ ସ୍ୱତନ୍ତ୍ର ତାଲିମ କେନ୍ଦ୍ର ସ୍ଥାପନ କରିବାକୁ ନିଷ୍ପତ୍ତି ନେଥିଲେ । ଏଥିପାଇଁ ୨୦୧୭ ଓ ୨୦୧୮ମସିହାରେ ୧.୭୦କୋଟି ଟଙ୍କା ୭ଟି ବିଶ୍ୱବିଦ୍ୟାଳୟକୁ ଦେଇଛନ୍ତି । କିନ୍ତୁ ୟୁପିଏସସି ପରୀକ୍ଷାରେ କୌଣସି ଛାତ୍ରଛାତ୍ରୀ ସଫଳତା ହାସଲ ନକରିବାରୁ ରାଜ୍ୟ ସରକାର ୨୦୧୮-୧୯ରେ ଏହି ଯୋଜନାକୁ ବନ୍ଦ କରିଦେଇଥିଲେ । ବିନା ପ୍ରସ୍ତୁତିରେ ଏହି ଯୋଜନାଟି ଆରମ୍ଭ ହୋଇନଥିବାରୁ ଏହା ଲକ୍ଷ୍ୟହୀନ ଥିଲା ଓ ବିଶ୍ୱବିଦ୍ୟାଳୟଗୁଡ଼ିକର ଆନ୍ତରିକତା, ତଦାରଖ ଅଭାବରୁ ଏହି ଯୋଜନା ବନ୍ଦ ହୋଇଥିଲା । ସେହିପରି ରାଜ୍ୟର ୨୦ଟି ସ୍ୱୟଂଶାସିତ କଲେଜରୁ ୧୪ଟି କଲେଜ ନିଜର ସ୍ୱୟଂଶାସିତ ମାନ୍ୟତା ହରାଇଥିଲେ ଓ ସେଗୁଡ଼ିକର ନବୀକରଣ ମଧ୍ୟ ହୋଇନଥିଲା । ରାଜ୍ୟର ୬୦ ପ୍ରତିଶତରୁ ଅଧିକ ଅନୁସୂଚିତ ଜାତି ଓ ଜନଜାତି ଜନସଂଖ୍ୟା ବିଶିଷ୍ଟ ୬ଟି ଜିଲ୍ଲାର ୧୫ଟି ବ୍ଲକରେ କୌଣସି ଡିଗ୍ରୀ କଲେଜ ନାହିଁ । ରାଜ୍ୟରେ ୧୭.୧୩ % ଅନୁସୂଚିତ ଜାତି ଓ ୨୨.୮୫ ପ୍ରତିଶତ ଜନଜାତି ବର୍ଗର ଜନସଂଖ୍ୟା ଥିଲେ ମଧ୍ୟ କଲେଜଗୁଡ଼ିକରେ ଏହି ବର୍ଗର ପୁଅ-ଝିଅଙ୍କ ନାମଲେଖା ଅନୁପାତ ଜାତୀୟହାରଠୁ କମ୍ ରହିଛି । ୟୁଜିସି ଗାଇଡଲାଇନକୁ ଉଲ୍ଲଘଂନ କରି ବିଶ୍ୱବିଦ୍ୟାଳୟଗୁଡ଼ିକ ଏହାର ଅନୁବନ୍ଧିତ କଲେଜଗୁଡ଼ିକ ପାଇଁ ଦେୟ ପ୍ରଣାଳୀକୁ ଅନୁମୋଦନ କରିନଥିଲେ । ଯାହା ସମସ୍ତଙ୍କ ପାଇଁ ଉଚ୍ଚଶିକ୍ଷାର ସମାନ ସୁବିଧାକୁ ବାରଣ କରି ସରକାରୀ ଓ ବେସରକାରୀ କଲେଜର ଦେୟ ପ୍ରଣାଳୀରେ ବୃହତ୍ ପାର୍ଥକ୍ୟ ସୃଷ୍ଟି କରିଥିଲା । ସିଏଜି ତାଙ୍କ ରିପୋର୍ଟରେ ସୁପାରିସ୍ କରିଛନ୍ତି ଯେ, ଗ୍ରାମାଂଚା-ସହରାଂଚଳ ବିଭେଦ ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ଅସାମନତାକୁ ଦୂର କରିବା ପାଇଁ ଉଚ୍ଚଶିକ୍ଷା ଅନୁଷ୍ଠାନ ପ୍ରତିଷ୍ଠା ନିମନ୍ତେ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରିପାରିବେ । ରାଜ୍ୟ ସରକାର ଏକ ବିସ୍ତୃତ ମୂଲ୍ୟାଙ୍କନ ମଧ୍ୟ କରିପାରିବେ । ସେହିପରି ଯେଉଁ ଅଂଚଳଗୁଡ଼ିକ ସରକାରୀ କଲେଜରୁ ବଂଚିତ ଓ ବେସରକାରୀ କଲେଜ ଉପରେ ନିର୍ଭରଶୀଳ ସେଠାରେ ଉଚ୍ଚଶିକ୍ଷାକୁ ସୁଲଭ କରିବା ପାଇଁ ସରକାର ବେସରକାରୀ କଲେଜଗୁଡ଼ିକର ଦେୟପ୍ରଣାଳୀକୁ ନିୟନ୍ତ୍ରିତ କରିପାରିବେ । ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକୁ ଭିତ୍ତିଭୂମି ସୃଷ୍ଟି ପାଇଁ ପ୍ରଦାନ କରାଯାଉଥିବା ପାଣ୍ଠିକୁ କେବଳ ସେହି ଉଦ୍ଦେଶ୍ୟରେ ଓ ଅଗ୍ରାଧିକାର ଭିତ୍ତିରେ ବିନିଯୋଗ କରିବା ଉଚିତ୍ ବୋଲି ସିଏଜି କହିଛନ୍ତି ।

### ଭୁଶୁଡ଼ି ପଡ଼ିବ ...

ବହୁବର୍ଷ ପଛକୁ ଚାଲିଯିବ । ଅର୍ଥନୀତିକୁ ସଜାଡ଼ିବା ପାଇଁ ?ଆଉ କିଛି ସମୟ ଲାଗିବ । ଏଥିପାଇଁ ତାଲିବାନଙ୍କୁ ସୁଯୋଗ ଦିଆଯିବା ଆବଶ୍ୟକ ବୋଲି ୧୫ ସଦସ୍ୟ ବିଶିଷ୍ଟ ଜାତିସଂଘ ସୁରକ୍ଷା ପରିଷଦରେ ଲିୟନ୍ସ କହିଛନ୍ତି । ତାଙ୍କ ମତରେ ଆଫଗାନିସ୍ତାନକୁ ବଡ଼ ମାତ୍ରାର ମାନବିକ ସହାୟତା ଯୋଗାଇ ଦିଆଯିବା ଉଚିତ । ଯଥାଶୀଘ୍ର ଆଫଗାନିସ୍ତାନକୁ ଅର୍ଥ ପ୍ରବାହ ଆରମ୍ଭର ଆବଶ୍ୟକତା ରହିଛି । ଏହାହେଲେ ଆଫଗାନିସ୍ତାନର ଅର୍ଥନୀତି ଏବଂ ସାମାଜିକ ଶୃଙ୍ଖଳା ଭୁଶୁଡ଼ିବାରୁ ରକ୍ଷା ପାଇଯିବ । ତେବେ ପ୍ରଦାନ କରାଯାଉଥିବା ଅର୍ଥକୁ ତାଲିବାନ କର୍ତ୍ତୃପକ୍ଷ ଯେଭଳି ଅପବ୍ୟବହାର ନକରନ୍ତି ତାହା ଉପରେ କଡ଼ା ନଜର ରଖାଯିବାର ଆବଶ୍ୟକତା ରହିଛି । ଆମେରିକା ସମର୍ଥନରେ ଆଫଗାନିସ୍ତାନରେ ଚାଲିଥିବା ସରକାର ଭୁଶୁଡ଼ି ପଡ଼ିବା ଫଳରେ ଆଫଗାନିସ୍ତାନ କେନ୍ଦ୍ରୀୟ ବ୍ୟାଙ୍କର ୯ ବିଲିଅନ ଡଲାର ରାଶିକୁ ଅଚଳ କରି ଦିଆଯାଇଛି । ଏଥିରୁ ଅଧିକାଂଶ ରାଶି ଆମେରିକା ନିକଟରେ ରହିଛି । ବିଦେଶରୁ ଅର୍ଥ ସଂଗ୍ରହ ନେଇ ରହିଥିବା କଟକଣାକୁ ମଧ୍ୟ କୋହଳ କରାଯିବ ନାହିଁ ବୋଲି ଆମେରିକାର ଟ୍ରେଜେରି ବିଭାଗ କହିଛି । ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିରୁ ଆଫଗାନିସ୍ତାନ ଗତମାସ ୨୩ ତାରିଖରେ ପ୍ରାୟ ୪୫୦ ନିୟୁତ ଡଲାର ପାଇବାର ଥିଲା । କିନ୍ତୁ ସରକାର ଗଠନରେ କେ ?ଣସି ସ୍ୱଷ୍ଟତା ନମିଳିବା ଫଳରେ ଆଇଏମଏଫ ସେହି ଟଙ୍କା ପ୍ରଦାନକୁ ଅଟକାଇ ଦେଇଥିଲା ।

# ଡକ୍ଟର ସଦାଶିବ ତ୍ରିପାଠୀଙ୍କ ଶ୍ରାଦ୍ଧ ଦିବସ ପାଳିତ




**ନବରଙ୍ଗପୁର :** ନବରଙ୍ଗପୁର ମାଟିର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ସଦାଶିବ ତ୍ରିପାଠୀ ଙ୍କ ଶ୍ରାଦ୍ଧ ଦିବସ ଆଜି ପାଳନ କରାଯାଇଅଛି । ଜିଲ୍ଲାପ୍ରଶାସନ, ପୌରପାଳିକା ନବରଙ୍ଗପୁର ଆନୁକୁଲ୍ୟରେ ସଦାଶିବ ତ୍ରିପାଠୀ ପାର୍କ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ର ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଡକ୍ଟର ଅଜିତ କୁମାର ମିଶ୍ର ଯୋଗଦେଇ ସଦାଶିବ ତ୍ରିପାଠୀ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭାସ୍କର ର ଇ ତ, ଉପଜିଲ୍ଲାପାଳ ଶ୍ରୀ ଅକ୍ଷୟ ସୁନିଲ ଅଗ୍ରୱାଲ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ହଳଧର ନିଆଲ, ଶ୍ରୀ କେଦାରନାଥ ତ୍ରିପାଠୀ ଯୋଗଦେଇ ଡକ୍ଟର ସଦାଶିବ ତ୍ରିପାଠୀ ଙ୍କ ପ୍ରତିମୂର୍ତ୍ତି ରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏଥିରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ବିଭାଗୀୟ ଅଧିକାରୀ, କର୍ମଚାରୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ମହାମାରୀ କୋରୋନା କଟକଣା ଯୋଗୁଁ ସୀମିତ ପଦାଧିକାରୀ, ବ୍ୟକ୍ତି ବିଶେଷଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର




**ନବରଙ୍ଗପୁର :** ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଦ୍ୱାରା ଗତ ୯ ତାରିଖ ଦିନ ଅନଲାଇନ ମାଧ୍ୟମରେ ମାନବ ଚାଲାଣ ଉପରେ ଅନଲାଇନ ମାଧ୍ୟମରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲ୍ଲା ଜଜ ଶ୍ରୀଯୁକ୍ତ ଅଶୋକ କୁମାର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଅନ୍ନପୂର୍ଣ୍ଣା ନାୟକ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ରେ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ରାଜଶ୍ରୀ ଅରୟବାଲା ତ୍ରିପାଠୀ, ଜିଲ୍ଲା ଶ୍ରମ ଅଧିକାରୀ , ନବରଙ୍ଗପୁର ନରେନ୍ଦ୍ର ଗାଇପାୟ, ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ, ନବରଙ୍ଗପୁର ସୁରେଶ ପଟ୍ଟନାୟକ, ଆଇନଜୀବି, ପାରାଲିଗାଲ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରୀମତୀ ନାୟକ ମାନବ ଚାଲାଣ ର କାରଣ, ମାନବ ଚାଲାଣ କୁ କିପରି ରୋକାଯାଇ ପାରିବ ଓ ମାନବ ଚାଲାଣ ପାଇଁ ଥିବା ବିଭିନ୍ନ ପ୍ରଣିତ ଆଇନ ବିଷୟରେ ଆଲୋକପାତ କରିଥିଲେ । ଜିଲ୍ଲା ଶ୍ରମ ଅଧିକାରୀ, ନବରଙ୍ଗପୁର ନରେନ୍ଦ୍ର ଗାଇପାୟ ଶ୍ରମିକମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ଓ ଶିଶୁମାନଙ୍କୁ କିପରି ଚାଲାଣରୁ ରକ୍ଷା ପାଇବେ ସେ ବିଷୟରେ ଆଲୋଚନା କରିଥିଲେ । ପରିଶେଷରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଦ୍ୱାରା ପରିଚାଳନା କରାଯାଇଥିଲା ।


# ରବୀନ୍ଦ୍ର ଓ ରଞ୍ଜିତା ପାଇଲେ ବସନ୍ତ କୁମାର ବିଶ୍ୱାଳ ପୁରସ୍କାର -୨୦୨୧



**ଭୁବନେଶ୍ୱର :** ଭୁବନେଶ୍ୱରସ୍ଥ ଓଡିଶା ରାଜ୍ୟ ଭାରତ ସ୍କାଉଟ୍ ଓ ଗାଇଡ୍‌ର ପୂର୍ବତନ ସଭାପତି ୪ ବସନ୍ତ ବିଶ୍ୱାଳଙ୍କ ପୁଣ୍ୟତିଥୀ 'ବସନ୍ତ ଦିବସ' ପାଳନ ଅବସରରେ ରାଜ୍ୟ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ମୃତି ସଭାରେ ଭୁବନେଶ୍ୱର ସ୍କାଉଟ୍ ଜିଲ୍ଲା ତଥା ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ-୨( ସତ୍ୟଭାମାପୁର) ର ବରିଷ୍ଠ ସ୍କାଉଟ ମାଷ୍ଟର ରବୀନ୍ଦ୍ର କୁମାର ମହାରଣା ଏବଂ ଡି ଏ ଭି ( ଚନ୍ଦ୍ରଶେଖରପୁର ) ବରିଷ୍ଠ ଗାଇଡ୍ କ୍ୟାପଟେନ୍ ରଞ୍ଜିତା ମଞ୍ଜରୀ ରଥଙ୍କୁ 'ବସନ୍ତ କୁମାର ବିଶ୍ୱାଳ ପୁରସ୍କାର -୨୦୨୧' ରେ ପୁରସ୍କୃତ କରାଯାଇଥିଲା । ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି କାଳିପ୍ରସାଦ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ସ୍ମୃତି ସଭାରେ ଅନୁଷ୍ଠାନର ରାଜ୍ୟ ଉପସଭାପତି ତଥା ଭୁବନେଶ୍ୱର (ଉତ୍ତର) ର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର (ମଧ୍ୟ) ର ବିଧାୟକ ଅନନ୍ତ ନାରାୟଣ ଜେନା, ଅବସରପ୍ରାପ୍ତ ନ୍ୟାୟାଧିସ ମନୋରଞ୍ଜନ ମହାନ୍ତି, ରାଜ୍ୟ ସଂପାଦକ ଶରତ କୁମାର ପାଇକରାୟ, ରାଜ୍ୟ କୋଷାଧ୍ୟକ୍ଷ ଭବାନୀ ପ୍ରସାଦ ମିଶ୍ର ପ୍ରମୂଖ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ସ୍କାଉଟିଙ୍ଗ୍ ଓ ଗାଇଡିଙ୍ଗ୍ ରେ ବିଶେଷ କାର୍ଯଦକ୍ଷତା ପାଇଁ ରବୀନ୍ଦ୍ର କୁମାର ମହାରଣା ଓ ରଞ୍ଜିତା ମଞ୍ଜରୀ ରଥଙ୍କୁ ସ୍ମୃତିଫଳକ ସହ ପ୍ରମାଣ ପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ । ପ୍ରକାଶ ଥାଉକି ଶ୍ରୀ ମହାରଣା ୨୦୧୦ ମସିହାରୁ ସ୍କାଉଟ ସଂସ୍ଥା ସହ ଜଡିତ ରହି ନିଜ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀଙ୍କୁ ରାଜ୍ୟ ପୁରସ୍କାରପ୍ରାପ୍ତ ସ୍କାଉଟ୍ ଓ ଗାଇଡ୍ ଭାବେ ଉର୍ତ୍ତୀର୍ଣ୍ଣ କରାଇ ନିଜ ବିଦ୍ୟାଳୟ ,ରାଜ୍ୟ ତଥା ଭୁବନେଶ୍ୱର ସ୍କାଉଟ୍ ଜିଲ୍ଲା ପାଇଁ ଗୌରବ ଆଣିଦେଇଛନ୍ତି । ଏହି ଅବସରରେ ଶ୍ରୀ ମହାରଣା ନିଜ ବିଦ୍ୟାଳୟର ପରିଚାଳନା ପରିଷଦ , ଅଧ୍ୟକ୍ଷା ,ଉପାଧ୍ୟକ୍ଷ ଏବଂ ସମସ୍ତ ସ୍କାଉଟ୍ ଓ ଗାଇଡ୍ ମାନଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# 'ଛବିଘର'ରେ ଗୁରୁ ପୂଜନ ଏବଂ ଆଭାସି ଚିତ୍ରକଳା ପ୍ରଦର୍ଶନୀ



**ଭୁବନେଶ୍ୱର :** ପବିତ୍ର ଗୁରୁ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ 'ଛବିଘର' (ଶିଶୁ ଚିତ୍ରଶିଳ୍ପୀଙ୍କ ଅନୁଷ୍ଠାନ) ପକ୍ଷରୁ ଶିଶୁ ଚିତ୍ରଶିଳ୍ପୀ ମାନଙ୍କ ଦ୍ୱାରା ଗୁରୁ ପୂଜନ ଏବଂ ଗୁରୁ ଦିବସ ସମ୍ବନ୍ଧୀୟ ଚିତ୍ରକଳା ପ୍ରଦର୍ଶନୀ ଆଭାସି ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । 'ଛବିଘର'ର ପ୍ରତିଷ୍ଠାତା ଅର୍ନ୍ତଜାତୀୟ ଚିତ୍ରଶିଳ୍ପୀ ଅତସୀ ବସୁ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଗୁରୁମାଁ ସବିତାରାଣୀ ମିଶ୍ର, ଜିନ୍ଦଲ ସ୍କୁଲ (ଅନୁଗୁଳ)ର ପ୍ରାକ୍ତନ ଅଧକ୍ଷ ଛନ୍ଦାଚରଣ ଦାସ, ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ -୧(ଭୁବନେଶ୍ୱର)ର ଅଧକ୍ଷା ସନ୍ଧ୍ୟା ଜେନା, ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ -୨ (ସତ୍ୟଭାମାପୁର)ର ଅଧକ୍ଷା କ୍ଷଣିକା ଦାସ, କେନ୍ଦ୍ରୀୟ ବିଦ୍ୟାଳୟ -୨ (ଭୁବନେଶ୍ୱର) ର ଅଧକ୍ଷ ଡଃ ଅଞ୍ଜନ କୁମାର ଖଟୁଆ ପ୍ରମୁଖ ବ୍ୟକ୍ତି ବିଶେଷ ଯୋଗଦାନ କରି ଶିଶୁ ଚିତ୍ରଶିଳ୍ପୀ ମାନଙ୍କୁ ଆର୍ଶୀବଚନୀ ପ୍ରଦାନ କରିଥିଲେ । ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ (ଭୁବନେଶ୍ୱର) କଳାଶିକ୍ଷକ ଜଗନ୍ନାଥ ଦାସ, ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ-୨ (ସତ୍ୟଭାମାପୁର)ର କଳାଶିକ୍ଷକ ରବୀନ୍ଦ୍ର କୁମାର ମହାରଣା, ଜିନ୍ଦଲ ସ୍କୁଲ ର କଳାଶିକ୍ଷକ କ୍ଷେତ୍ରବାସି ମହନ୍ତ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ -୨(ଭୁବନେଶ୍ୱର)ର କଳାଶିକ୍ଷକ ଏ. କେ. ଜେନା ମହୋଦୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଜାତୀୟ ଆଭାସି ଚିତ୍ରକଳା ପ୍ରଦର୍ଶନୀ ରେ ନିର୍ବାଚିତ ଶିଶୁ ଚିତ୍ରଶିଳ୍ପୀଙ୍କ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା । ଅଦିତି ଜେନାଙ୍କ ଉପସ୍ଥାପନା ରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ତରୁଣ ଯାଦୁକର ସାରାଂଶ ଦାସଙ୍କ ଯାଦୁବିଦ୍ୟା ରେ ଛାତ୍ରଛାତ୍ରୀ ବିମୋହିତ ହୋଇଥିଲେ । ଉକ୍ତ ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ବହୁ ଶିଶୁ ଚିତ୍ରଶିଳ୍ପୀ, ଶିକ୍ଷକଶିକ୍ଷୟିତ୍ରୀ ତଥା ଅଭିଭାବକମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଓ ସୁବର୍ଣ୍ଣପୁର



ସିତାଂଶୁ ଶେଖର ମିଶ୍ର

ପଶ୍ଚିମଓଡିଶାର ଗଣପର୍ବ ନୂଆଁଖାଇ ପ୍ରତ୍ୟେକ ବର୍ଷ ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥିରେ ପାଳନ କରାଯାଇଥାଏ। ଏହି ପର୍ବ ପାଳନ ସକାଶେ ଗାଁରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସାତ ଆଠ ଦିନ ଆଗରୁ ଗହ ଗହ ମହ ମହ ହୋଇ ଉଠିଥାଏ। ରାଜ୍ୟ ତଥା ଦେଶ ବିଦେଶରେ ରହୁଥିବା ନିଜନିଜର ପରିବାର ସଦସ୍ୟ ଘର ମୁହାଁ ହୋଇଥାନ୍ତି। ସେଥିପାଇଁ ଉକ୍ତଅଞ୍ଚଳକୁ



ଯାତାୟାତକରୁଥିବା ସଡ଼କପଥ ,ରେଳପଥ ଓ ଏମିତି କି ବିମାନପଥରଭିଡରୁ ଜଣାପଡେ।

ଏହି ପର୍ବ ହେଉଛି ଏକ କୃଷିଭିତ୍ତିକ ପର୍ବ। ପ୍ରାୟତଃ ପୂର୍ବରୁ ଚାଷକାର୍ଯ୍ୟ ଭାଦ୍ରବ ମାସ ଅମାବାସ୍ୟା ପର୍ଯ୍ୟନ୍ତ ସରି ଯାଉଥିଲା। ସେଥିପାଇଁ ଚାଷୀ ଖୁସିରେ ନିଜର ଉତ୍ପାଦନ ସାମଗ୍ରୀକୁ ପ୍ରଥମେ ନିଜନିଜର ଇଷ୍ଟଦେବା ଦେବୀଙ୍କୁ ଅର୍ପଣକରିବା ସକାଶେ ନିଜର ପରିବାର ସମାଜ ତଥା ଗ୍ରାମରେ ଏହି ପ୍ରଥା ଅବଲମ୍ବନ କରାଯାଇଥିବା ମନେ ହୁଏ।

ଏହି ନୂଆଁ ଖାଇ ପୂର୍ବରୁ ୯୦ଦଶକ ପର୍ଯ୍ୟନ୍ତ ମଧ୍ୟ ପଶ୍ଚିମାଞ୍ଚଳରେ ଭିନ୍ନ ଭିନ୍ନ ତିଥିରେ ନିଜର ଗ୍ରାମ ସହର ଦେବା ଦେବୀଙ୍କ ନାମରେ ଏକ ଶୁଭ ନିର୍ଘଣ୍ଟ ଅନୁଯାୟୀ ନୁଆଁ ଖାଇ ପାଳନ କରି ଆସୁଥିଲେ।

ଏହାକୁ ସମ୍ବଲପୁର ଅଞ୍ଚଳର କିଛି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସମଗ୍ର ପଶ୍ଚିମାଞ୍ଚଳରେ କିଭଳି ଭାବରେ ଗୋଟାଏ ଦିନରେ ଏହି ପର୍ବକୁ ପାଳନ କରାଯାଇପାରିବ ଉଦ୍ୟମ ଆରମ୍ଭ କରିଥିଲେ। ଏହାପରେ ତତ୍କାଳୀନ ବିଜୁ ପଟ୍ଟନାୟକଙ୍କ ସରକାରଙ୍କୁ ଏହି ବିଷୟରେ ଅବଗତ କରାଯାଇଥିଲା। ପଶ୍ଚିମାଞ୍ଚଳର ଏହି ଗଣ ପର୍ବକୁ ଛୁଟି ଦିବସ ଭାବରେ ସରକାରୀ ଭାବରେ ଘୋଷଣା ସକାଶେ। ଫଳ ସ୍ୱରୂପ ସେହି ଦିନ ଠାରୁ ଗୋଟାଏ ଦିନ ସ୍ଥିର କରାଯାଇଥିଲା। ଗଣେଶ ପୂଜା ର ପର ଦିନ ଅର୍ଥାତ ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥିକୁ। ତାପରେ ସରକାର ଉକ୍ତ ଦିନକୁ ସରକାରୀ ଛୁଟି କରିବାକୁ ପଶ୍ଚିମାଞ୍ଚଳର ପ୍ରସ୍ତାବ କୁ ଗ୍ରହଣ କରିଥିଲେ। ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ସମଗ୍ର ପଶ୍ଚିମାଞ୍ଚଳରେ ଗୋଟାଏ ଦିନରେ ନୂଆଁ ଖାଇ ପାଳନ କରାଯାଉଅଛି। ଆଜି ପର୍ଯ୍ୟନ୍ତ ଏହି ପର୍ବକୁ ଏହି ଅଞ୍ଚଳର ଜନସାଧାରଣ ବହୁତ ଉତ୍ସାହ ଉଦ୍ଦୀପନା ଓ ଉତ୍ସୁନାକୀର ସହ ପାଳନ କରୁଥିବା ଦେଖାଯାଇଥାଏ।

ଏହିପର୍ବ ଆଜି ଆଉ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ର ହୋଇ ରହିନାହିଁ।ଏହା ଆମ ଓଡ଼ିଆ ମାନଙ୍କର ର୍ପ୍ୱ ହୋଇ ସାରିଛି।ଏମିତିକି ଏହା ଆମ ରାଜ୍ୟ ଓଡ଼ିଶା ସମେତ ପ୍ରାୟତଃ ସାରା ଦେଶରେ ଏହି ର୍ପ୍ୱ କୁ ନେଇ ନୂଆଁଖାଇ ଭେଟ୍ ଭାଟ୍ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଉଥିବା ଜଣାପଡ଼େ। ବିଦେଶରେ ରହୁଥିବା ପଶ୍ଚିମାଞ୍ଚଳର ଭାଇ ଭଉଣୀଙ୍କ ଉଦ୍ୟମ କ୍ରମେ ସେଠାରେ ମଧ୍ୟ ଏହି ପର୍ବକୁ ପାଳନକରାଯାଉଥିବା ବିଗତବର୍ଷ ମାନଙ୍କରେ ଦେଖିବା ମିଳିଥିଲା।

***ଉକ୍ତ ଦିନର କାର୍ଯ୍ୟକ୍ରମ କେମିତି ଆରମ୍ଭ ହୋଇଥାଏ:*** ନୂଆଁ ଖାଇ ଦିନ ସକାଳୁ ସକାଳୁ ଗ୍ରାମଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ନିର୍ଦ୍ଧାରିତ ସମୟ ନିର୍ଘଣ୍ଟ ଅନୁସାରେ ଦେବା ଦେବୀଙ୍କ ପାଖରେ ନୂଆଁ ଅର୍ପଣ କରାଯାଇଥାଏ। ତାପରେ ସମସ୍ତେ ନିଜ ନିଜର ଘରେ ନୂଆଁ ଖିଆ ପର୍ବ ଆରମ୍ଭ କରିଥାନ୍ତି। ଏଥିପାଇଁ ଆବଶ୍ୟକ ହୋଇଥାଏ ପତ୍ର। ଏହିପର୍ବରେ ପତ୍ରର ଭୂମିକା ଗୁରୁତ୍ୱ ବହନ କରିଥାଏ। ଶାଳ ପତ୍ର ବା ସର୍ଗି ପତ୍ରଏବଂ କୁରେଇ ପତ୍ରକୁ ନେଇଖଲି ଦନା ତିଆରି ହୋଇଥାଏ। ପତ୍ରରେ ତିଆରି ଖଲିରେ ନୂଆଁକୁ ରଖି ନିଜ ନିଜର ଦେବା ଦେବୀଙ୍କ ପାଖରେ ଅର୍ପଣ କରାଯିବାର ବିଧି ରହିଛି। ଏହି ପର୍ବ ପ୍ରକୃତି ସହିତ ଅଙ୍ଗା ଅଙ୍ଗୀ ଭାବରେ ଜଡିତ ପ୍ରମାଣ କରିଥାଏ। ଏ ଅଞ୍ଚଳର ଲୋକମାନଙ୍କ ଜୀବନ ଧାରଣ ଓ ଦୈନନ୍ଦିନଜୀବନରେ ପ୍ରକୃତି





ରାଣୀରମୁଖ୍ୟ ଭୂମିକା ରହିଥିବା ଅନୁମେୟ ହୋଇଥାଏ।

ଆଜିର ଏହି ଚାକଚକ୍ୟଦୁନିଆରେ ମଧ୍ୟଏହି ମହତ୍ ପରମ୍ପରାକୁ ଏହି ଅଞ୍ଚଳର ଲୋକମାନେ ଭୁଲି ଯାଇନାହାନ୍ତି। ସମସ୍ତପରିବାରବର୍ଗ ଏହିଦିନ ଖଲି ଦନା ରେ ଘରେ ତିଆରି ହୋଇଥିବା ଭୂରି ଭୋଜନକୁ ଖାଇଥାନ୍ତି।

ପଶ୍ଚିମାଞ୍ଚଳର ଏହି ଗଣପର୍ବକୁ ସୁବର୍ଣ୍ଣପୁର ଜିଲ୍ଲାରେ ଟିକିଏ ନିଆରା ଢଙ୍ଗରେ ପାଳନ କରାଯାଇଥାଏ। ଏଥିପାଇଁ ଏହାକୁ ନେଇଏକ ନିଆରା ପରମ୍ପରା ରହିଅଛି। ଏହିଦିନ ମାଁ ସମଲେଶ୍ୱରୀ ମନ୍ଦିରରେ ସହରର ସମସ୍ତ ପୂଜକ ନିର୍ଦ୍ଧାରିତ ସମୟରେ ଠୁଳ ହୋଇଥାନ୍ତି। ଦ୍ୱିତୀୟ ବାରଣାସୀ ସୁବର୍ଣ୍ଣପୁର ସହରରେ ଥିବା ସମସ୍ତ ଦେବା ଦେବୀଙ୍କ ସକାଶେ ଏକ ସ୍ୱତନ୍ତ୍ର ନୂତନ ମାଟି ହାଣ୍ଡି ପ୍ରସ୍ତୁତ ହୋଇ ରହିଥାଏ। ଏହା ମଧ୍ୟରେ ଭର୍ତ୍ତି ହୋଇ ରହିଥାଏ ନୂତନ ସମସ୍ତ ପୂଜା ସାମଗ୍ରୀ। ଯଥା ନୂଆଁ ଧାନ ,ଚାଉଳ,ଚୂଡ଼ା ଖୁଆ ଓ ପୂଜା ସକାଶେ ଆବଶ୍ୟକ ପୂଜା ସାମଗ୍ରୀ। ତାପରେ ଏହାକୁ ସମସ୍ତ ପୂଜକ ନିଜ ନିଜର ଦେବା ଦେବୀଙ୍କ ସକାଶେ ଏକ ଏକ ହାଣ୍ଡି ଧରି ଏକ ବର୍ଣ୍ଣାଢୀୟ ଶୋଭା ଯାତ୍ରାରେ ଢୋଲ ନିଶାନ ସହ ଛତ୍ର ଧରି ସହର ପରିକ୍ରମା କରି ସୁରେଶ୍ୱରୀ ମନ୍ଦିରକୁ ଯାଇଥାନ୍ତି। ତାହାକୁ ପାହୁଡ଼ ଯାତ୍ରା କୁହାଯାଏ। ସାତଗୋଟି ତୋପ ଫୁଟାଯାଇ ସହର ବାସୀଙ୍କୁ ନୂଆଁ ଖାଇର ସମୟ ହୋଇଯାଇଥିବା ସୂଚନା ପ୍ରଦାନ କରାଯାଇଥାଏ। ଏହି ପ୍ରଥା ରାଜା ରାଜୁଡ଼ା ସମୟରୁ ଚାଲି ଆସିଥିବା ଜଣାଯାଏ।

ଘରର ମୁରବୀ ଯିଏକି ସବୁଠାରୁ ବୟୋଜ୍ୟେଷ୍ଠ ସେ ସମସ୍ତଙ୍କୁ ନୂଆଁ ପ୍ରଦାନ କରଥାନ୍ତି। ଏହାକୁ ନୂଆଁ ଚୂଡ଼ା ,ଧାନ ସହିତ ଖୁଆ କିମ୍ବା ପେଡ଼ା ଦେଇ ସମସ୍ତ ଜିନିଷକୁ ଭଲ ଭାବରେ ମିଶ୍ରଣ କରାଯାଇତିଆରି ହୋଇଥାଏ। ତାପରେ ଛୋଟରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଗୋଟାଏ ସ୍ଥାନରେ ବସିବାକୁ ହୋଇଥାଏ। ଘରର ମୁରବୀ ଏହାକୁ ବଡ଼ରୁ ସାନ କ୍ରମେ ସମସ୍ତଙ୍କୁ ପ୍ରଦାନ କରିଥାନ୍ତି। ଏହାପରେ ନିଜ ନିଜର ଇଷ୍ଟ ଦେବା ଦେବୀଙ୍କୁ ସୁମରଣା କରି ଏହାକୁ ଖୁଆ ହୋଇଥାଏ। ଏହା ହେଉଛି ନୂଆଁ ଖାଇର ସମସ୍ତଙ୍କ ଘରେ ପ୍ରଥମ ପର୍ବ। ଏହିଦିନ ସବୁ ଜିନିଷ ନୂଆଁ ହୋଇଥାଏ। ଏପରିକି ନିଜ ନିଜର ଘରର ଠାକୁର ମଧ୍ୟ ନୂତନ ବସ୍ତ୍ର ପରିଧାନ କରିଥାନ୍ତି। ଏହା ସହିତ ପରିବାର ସମସ୍ତ ସଦସ୍ୟବୃନ୍ଦ ନୂତନ ବସ୍ତ୍ର ପରିଧାନ କରିବାର ଦେଖାଯାଇଥାଏ। ଖାଇସାରିବା ପରେ ଘରେ ପ୍ରଥମେ ଠାକୁର ଦର୍ଶନ। ଏହାପରେ ପରସ୍ପର ମଧ୍ୟରେ ଭେଟାଭେଟି କାର୍ଯ୍ୟକମ। ବଡ଼ ମାନଙ୍କୁ ମୁଣ୍ଡିଆମାରି ଆଶୀର୍ବାଦଭିକ୍ଷା କରିବା। ତାପରେ ସାଇପଡ଼ିଶାଙ୍କୁ ଭେଟିବା। ଉକ୍ତ ଦିନ ଗାଁ ଗାଁରେ ବିଭିନ୍ନ ପାରମ୍ପରିକ ଖେଳକୁଦ ଦେଖିବାକୁ ମିଳିଥାଏ। ସବୁଠାରୁ ନଡ଼ିଆ ଫିଙ୍କା ବା ଫୋପାଡିବା ପ୍ରତିଯୋଗିତା ବେଶ ଆକର୍ଷଣୀୟ ରହିଥାଏ। ଏହି ପ୍ରତିଯୋଗିତା ଛୋଟ ଛୋଟ ପିଲା ମାନଙ୍କୁ ନେଇ ହୋଇଥାଏ। ଏହାକୁ ଯିଏ ବେସି ଦୂର ପର୍ଯ୍ୟନ୍ତ ଫୋପାଡ଼ି ପାରିବ ଓ ତାକୁ କତା ଥିବା ଅବସ୍ଥାରେ ଫଟାଇବାକୁ କୁହାଯାଇଥାଏ।ତାକୁ ଯିଏ ଏକା ଥରକେ ଫଟାଇବା ସହିତ ଦୂରକୁ ଫୋପାଡି ଥାଏ ତାକୁ ପୁରସ୍କୃତ କରାଯାଇଥାଏ। ଏହାକୁ ନେଇ ଉପସ୍ଥିତ ଥିବା ବୟୋଜ୍ୟେଷ୍ଠ ମାନେ ଇ ପୁତା ଗୁଟେ କିଛି କରବା ଆଉ ଗୁଟେ ବଡ଼ ଲୋକ ହେବା ବୋଲି ଟିପ୍ପଣୀ କରିବାର ଦେଖା ଯାଇଥାଏ।

ମନେହୁଏ,ଏହା ପ୍ରକୃତରେ ଭାଇଚାରାର ପର୍ବ। ପରିବାର, ସମାଜ ଗାଁ ସହର ତଥା ସାହି ପଡିଶାଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାରର୍ପ୍ୱ। ଏହା ହେଉଛି ସୃଷ୍ଟି କର୍ତ୍ତାଙ୍କୁ ଧନ୍ୟବାଦଦେବାର ପର୍ବ। ତାଙ୍କରି ଆଶିଷକୃପାରୁ ଶସ୍ୟଶାମଳା ଭର୍ତ୍ତି ହୋଉଅଛି।ଜନଜୀବନ ସୁନ୍ଦରଭାବରେ ଅତିବାହିତ ହେଉଅଛି। ଯୋଉମାନେ ପରମ୍ପରା ସଂସ୍କୃତିକୁ ଅବଲମ୍ବନ ପୂର୍ବକ ଜୀବନ ଯାପନ କରିଥାନ୍ତି ତାଙ୍କରି ଜୀବନ ଧନ୍ୟ ଓ ଏକ ପୂର୍ଣ୍ଣାଙ୍ଗ ଜୀବନ ରହିଥାଏ ବୋଲି ଆମର ଗୀତା ଓ ଭାଗବତରେ ଉଲ୍ଲେଖ ରହିଅଛି। ସୁତରାଂ ସେହି ପରମ୍ପରା ଓ ସଂସ୍କୃତି ର ଏକ ପର୍ବ ହେଉଛି ଆମର ଏହି ନୂଆଁ ଖାଇ ତିହାର। ସେଥିପାଇଁ ଗୀତା ଭାଗବତରେ ଅନ୍ନ ଓ ପରମ୍ପରାକୁ ନେଇ ଏକସୁନ୍ଦର ଶ୍ଳୋକ ରହିଅଛି:

"ଅନ୍ନାଦ୍ ଭବନ୍ତି ଭୂତାନିପର୍ଜନ୍ୟାଦନ୍ନସଂଭବଃ"
"ଯଜ୍ଞାଦ୍ ଭବତି ପର୍ଜନ୍ୟୋ ଯଜ୍ଞଃ କର୍ମ ସମୁଦ୍ଭବଃ"





***ସୋନପୁର***
***ଦୂରଭାଷ : ୮୧୪୪୮୭୦୭୨୯***

# କରଞ୍ଜିଆରେ ଶହ ଶହ ଉଠା ଦୋକାନୀ, ଭେଣ୍ଡିଂ ଜୋନ୍ ଶୂନ








**କରଞ୍ଜିଆ :** ମୟୂରଭଞ୍ଜ ଜିଲ୍ଲା କରଂଜିଆ ସହର ଏକ ପୁରାତନ ଓ ସସ୍କୃତିଭରା ସହର ଏହାର ମୁଖ୍ୟରାସ୍ତା ଗୋଲେଇଠାରୁ ସାହାରପଡା ଛକ ଓ ବ୍ଲକ୍ ଛକରୁ ମଙ୍ଗଳା ମନ୍ଦିର ଯାଏ ପରିବ୍ୟାପ୍ତ । ବ୍ଲକ ଛକ ଠାରୁ କଲେଜ ପର୍ଯ୍ୟନ୍ତ ଏବଂ ଏନ.ଏ.ସି ଛକ ଯାଏ କିଛି ଉଠା ଦୋକାନୀ ରାସ୍ତା କଡରେ ବସି ନିଜର ଜିବନ ଜିବିକା ନିର୍ବାହ କରି ପେଟ ପୋଷି ଆସୁଛନ୍ତି । ପ୍ରଥମେ ଏମାନଙ୍କ ସଂଖ୍ୟା ୩୦/୩୫ ଥିଲେ ହେଁ ଏବେ ଏହା ୨୦୦ ରୁ ଉର୍ଦ୍ଧ୍ୱରେ ପରିଣତ ହେଲାଣି । ମୁଖ୍ୟରାସ୍ତା କଡରୁ ଏମାନଙ୍କୁ ଉଠାଯାଇ ଭେଣ୍ଡିଂ ଜୋନରେ ଥଇଥାନ କରିବା ପାଇଁ ବାରମ୍ବାର ପ୍ରଶାସନ ଓ ସ୍ଥାନୀୟ ପୌରପରିଷଦ ପକ୍ଷରୁ ଡିଣ୍ଡିମ୍ ପିଟାଯାଇଛି । ଏପରିକି ୨୦୧୩ ପୌର ନିର୍ବାଚନରେ ବିଭିନ୍ନ ଦଳ ପକ୍ଷରୁ ସହରର ମୁଖ୍ୟ ସମସ୍ୟା ଉଠା ଦୋକାନୀ ମାନଙ୍କୁ ଭେଣ୍ଡିଂ ଜୋନ ମାଧ୍ୟମରେ ଥଇଥାନ କରିବାକୁ ବହୁ ପ୍ରତିଶ୍ରୁତି ଦିଆଯାଇଛି । ପରିଷଦର ୨୦୧୮ରେ କାର୍ଯ୍ୟକାଳ ସରିଯିବା ପରେ ପୌର ପ୍ରଶାସକ ଓ ଏନ.ଏ.ସି ର ଅଧିକାରୀଙ୍କ ରାତିଅଧିଆ ମିଳିତ ଉଦ୍ୟମରେ ପୌର କାର୍ଯ୍ୟାଳୟ ପାଖରେ ଥିବା ଶୂନ ପ୍ଲଟରେ ୩୬ଗୋଟି ଟିଣ କ୍ୟାବିନ ତିଆରି କରାଯାଇ ୨୦୧୯, ଜୁନ୍ ୨୨ ତାରିଖରେ କରଂଜିଆ ଉପଜିଲ୍ଲାପାଳ ଶରତ କୁମାର ପୁରୋହିତଙ୍କ ପୌରହିତ୍ୟରେ ମାନ୍ୟବର ବିଧାୟିକା ବାସନ୍ତି ହେମ୍ବ୍ରମ ଏହି ଭେଣ୍ଡିଂ ଜୋନକୁ ଉଦ୍‌ଘାଟନ କରିଥିଲେ। ଦୂରଦୃଷ୍ଟିବିହିନ ଭେଣ୍ଡିଂ ଜୋନ ପ୍ରସ୍ତୁତି ଏପରି ହୋଇଥିଲା ଯେ ତାହା କୌଣସି କାମରେ ଲାଗିଲା ନାହିଁ, ହେଲା ଏତିକି ଯେ ଖାଲିସ୍ଥାନଟିକୁ ମୁରୁମ ପକାଇ ପୋତି ଲକ୍ଷଲକ୍ଷ ଟଙ୍କା ବିଲ୍ ହେଲା ଓ କ୍ୟାବିନ ତିଆରିରେ ସରକାରି ତହବିଲ ଫାଙ୍କା ହେଲା, ଏବେ ସେଠାରେ ୧୨/୧୪ଟି କ୍ୟାବିନ ଆଉ ନାହିଁ । ଅବଶିଷ୍ଟ କ୍ୟାବିନ ଗୁଡିକ ମାଟି, ଗଛ ଉଡାଳରେ ରହି ଅକର୍ମଣ୍ୟ ହୋଇ ଆସିଲାଣି । ଉଦଘାଟନୀ ଫଳକ ଗଛଲତାରେ ଢାଙ୍କି ହୋଇଗଲାଣି । ସ୍ଥାନଟି ଏବେ ଆବର୍ଜନାପୂର୍ଣ୍ଣ ପୁତି ଗନ୍ଧମୟ ହୋଇଗଲାଣି, ଭଙ୍ଗା ଦଦରା ଓ ପୌରସଂସ୍କାର ଟ୍ରାକ୍ଟର, ପାଇଖାନା ସଫା ଟାଙ୍କି ଗାଡିର ପାର୍କିଂ ସ୍ଥାନ ଏହା ପାଲଟିଛି । ଏଠାରୁ ନୂଆବସଷ୍ଟାଣ୍ଡକୁ ଉଠାଇ ନେଇଥିବା ୧୨/୧୪ଟି କ୍ୟାବିନ ମଧ୍ୟ କାହାରିକୁ ଆବଣ୍ଟନ ନ ହୋଇ ସେହିପରି ପଡି ରହିଛି । ୫ ବର୍ଷ ନିର୍ବାଚିତ ପ୍ରତିନିଧି ପରିଷଦର ଦାୟିତ୍ୱରେ ରହିଲେ । ତାଙ୍କ ପରେ ୩ବର୍ଷ ହେଲାଣି ସରକାରୀ ଅଧିକାରୀମାନେ ଦାୟିତ୍ୱ ନେଲେ । ଆସିଲାଣି ପୁଣି ପୌରନିର୍ବାଚନ, ହେଲେ ରାସ୍ତା କଡରେ କୋଭିଡ୍ କାଳରେ ଦୁଖଃକଷ୍ଟରେ ଦିନକାଟି ନିଜର ପେଟପୋଷୁଥିବା ଏହି ଉଠା ଦୋକାନୀ ମାନଙ୍କ ଥଇଥାନ ବାବଦରେ କାହାରି ଚିନ୍ତା ବା ଉଦ୍ୟମ ନାହିଁ । ଜିବନଜିବିକା ସେମାନଙ୍କର ଦୁର୍ବିସହ ହୋଇ ପଡିଲାଣି ଓ ସହରର ବହୁ ଲୋକ କୋଭିଡ କାଳରେ ଅନ୍ୟପାୟ ନ ପାଇ ଠେଲାଗାଡି ବା କ୍ୟାବିନ କିମ୍ବା ରାସ୍ତା କଡରେ ପଲିଥିନ ଘୋଡାଇ ଛୋଟ ଛୋଟ ଅସ୍ଥାୟୀ ଦୋକାନ କରି ପେଟ ପାଳୁଛନ୍ତି । ରାଜ୍ୟ ସରକାର ପୌର ପରିଷଦକୁ ବିଭିନ୍ନ ଗରିବ କଲ୍ୟାଣ ଯୋଜନା ନାମରେ କୋଟିକୋଟି ଟଙ୍କା ଦେଉଥିବା ବେଳେ ଏମାନଙ୍କ ଥଇଥାନ ତୁରନ୍ତ କରା ନ ଗଲେ ଆଗାମୀ ଦିନରେ ଏହା ନିର୍ବାଚନରେ ଏକ ଏଜେଣ୍ଡା ଭାବେ ପ୍ରତିଫଳିତ ହେବା ସୁନିଶ୍ଚିତ । ଉପରୋକ୍ତ ସହର ମଧ୍ୟସ୍ଥଳୀର ଏହି ସରକାରୀ ସ୍ଥାନଟିକୁ ଉପଯୁକ୍ତ କାର୍ଯ୍ୟରେ ବିନିଯୋଗ କରିବା ପାଇଁ ସହରବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଛି । ବିଭାଗୀୟ କର୍ତ୍ତୃପକ୍ଷ ପୌରପରିଷଦ ନିର୍ବାଚନ ପୂର୍ବରୁ ଉଠାଦୋକାନୀ ମାନଙ୍କୁ ଗଣନା କରି ଥଇଥାନ କରିବାକୁ ଉଠାଦୋକାନୀଙ୍କ ସମେତ ପୌରପରିଷଦର ନାଗରିକମାନେ ଦାବି କରୁଛନ୍ତି।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ପ୍ରସଙ୍ଗ

ଭୁବନେଶ୍ୱର, ୧୩ - ୧୯ ସେପ୍ଟେମ୍ବର, ୨୦୨୧



# ଉପଭୋକ୍ତାଙ୍କୁ ଲୁଟୁଛି କି ଟାଟା ପାୱାର ?

## ଜନମତ


ସେସୁ ପରେ ବିଦ୍ୟୁତ୍ ବିତରଣ ଦାୟିତ୍ୱ ଟାଟା ପାୱାର କମ୍ପାନୀ ହାତରେ। ହେଲେ ଏହି କମ୍ପାନୀ ଆସିବା ପରେ ଉପଭୋକ୍ତାମାନେ ଶୋଷଣର ଶିକାର ହେଉଥିବା କଥା ବାରମ୍ବାର ସାମ୍ନାକୁ ଆସୁଛି। କେଉଁଠି ନିୟମିତ ବିଲ୍ ନ ମିଳିବା ଫଳରେ ବିଜୁଳି ବିଲ୍ ଅଧିକ ଆସୁଛି ତ ଆଉ କେଉଁଠି ମିଟର ଠିକ୍ ଥାଇ ଡିଜିଟାଲ ମିଟର ଲଗାଇବା ବାହାନାରେ କମ୍ପାନୀ ମନମୁଖୀ କାର୍ଯ୍ୟ କରୁଛି। ଶୋଷଣର ଶିକାର ହେଉଥିବା ଉପଭୋକ୍ତା କମ୍ପାନୀ କାର୍ଯ୍ୟାଳୟରେ ଅଭିଯୋଗ କରୁଥିଲେ ବି ଏହାର ସମାଧାନ ହୋଇପାରୁନାହିଁ। କୌଣସି ଉପଭୋକ୍ତାଙ୍କୁ ମିଟର ଟେଷ୍ଟିଂ ସାର୍ଟିଫିକେଟ୍ ନ ଦେଇ କମ୍ପାନୀ ଅଧିକାରୀମାନେ ଘଟଣାକୁ ଫାଙ୍କି ଚାଲୁଥିବା ମଧ୍ୟ ଅଭିଯୋଗ ହେଉଛି। ମାସିକ ବିଦ୍ୟୁତ୍ ବିଲ୍ ଠିକ୍ ସମୟରେ ନ ଆସି ୨-୩ ମାସ ବ୍ୟବଧାନରେ ଆସିବା ଫଳରେ ୟୁନିଟ୍ ଦର ବଢ଼ିଯାଉଛି। ଯେଉଁଥିପାଇଁ ଲୋକେ ଅଧିକ ବିଦ୍ୟୁତ୍ ବିଲ୍ ଦେବାକୁ ବାଧ୍ୟ ହେଉଛନ୍ତି। ଟାଟା ପାୱାର କମ୍ପାନୀ ବିରୋଧରେ ବିଭିନ୍ନ ଗଣମାଧ୍ୟମରେ ଖବର ମଧ୍ୟ ପ୍ରକାଶ ପାଇଛି। ତେବେ ଜଣେ ଉପଭୋକ୍ତା ଭାବରେ ଟାଟା କମ୍ପାନୀର କାର୍ଯ୍ୟକଳାପ ନେଇ ଆପଣମାନଙ୍କ ମତ ଲୋଡ଼ିଥିଲା 'ଏକମାତ୍ର'।

### ମାନସ ମହାପାତ୍ର
**ପୂର୍ବତନ ଚେୟାରମ୍ୟାନ୍, ଓଡ଼ିଶା ବାର କାଉନସିଲ**



ଘରୋଇ କମ୍ପାନୀ ହାତକୁ ବିଦ୍ୟୁତ୍ ବିତରଣ ଦାୟିତ୍ୱ ନ୍ୟସ୍ତ କରି ରାଜ୍ୟ ସରକାର ହାତ ଟେକି ବସିଛନ୍ତି। ଯାହାଫଳରେ ଓଡ଼ିଶା ଇଲେକ୍ଟ୍ରିସିଟ୍ ରେଗୁଲେଟରୀ କମିଶନ ମଧ୍ୟ ନିଜ ଦାୟିତ୍ୱ ତୁଲାଇବାରେ ବିଫଳ ହେବା ଫଳରେ ଘରୋଇ କମ୍ପାନୀ ମନମାନୀ କରିଚାଲିଛି। ମିଟର ଠିକ୍ ଥାଇ ସୁଦ୍ଧା ନୂଆ ମିଟର ବସାଇବାର କାରଣ କିଛି ବୁଝାପଡୁନି। ଯେତେବେଳେ ଘରେ ଥିବା ମିଟର ଖରାପ ହୁଏ ଉପଭୋକ୍ତାଙ୍କୁ ମିଟର ବଦଳାଇବାକୁ ପଡିଥାଏ। ହେଲେ ଡିଜିଟାଲ ମିଟର ନାଁରେ ଭଲ ମିଟରକୁ ଖରାପ କହି ଟାଟା ପାୱାର କମ୍ପାନୀ ପରିବର୍ତ୍ତନ କରିବା ପଛରେ ମନ୍ଦ ଉଦ୍ଦେଶ୍ୟ ରହିଛି। ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ମାସିକ ବିଦ୍ୟୁତ୍ ବିଲ୍‌ରେ ୩୪ଟଙ୍କା କେଉଁଥି ପାଇଁ ଯୋଡା ଯାଉଛି ତାହାର ନିର୍ଦ୍ଦିଷ୍ଟ କୌଣସି କାରଣ ନଥିଲେ ବି ଯେଉଁ ଉପଭୋକ୍ତମାନେ ଅଭିଯୋଗ କରୁଛନ୍ତି ସେମାନଙ୍କ ବିଲ୍‌ରେ ଏଭଳି ହେଉନାହିଁ। ଅଥଚ୍ ସମଗ୍ର ରାଜ୍ୟରେ ଏଭଳି ଘଟୁଥିଲେ ବି ଉପଭୋକ୍ତାମାନେ ସଚେତନ ନହେବାରୁ ଫାଇଦା ନେଉଛି ଘରୋଇ କମ୍ପାନୀ। ଘରୋଇ ସଂସ୍ଥା ହାତରେ ବିଦ୍ୟୁତ୍ ବିତରଣ ଦାୟିତ୍ୱ ଥିଲେ ବି ସରକାର ନିଜର ନିର୍ଦ୍ଦିଷ୍ଟ ପଲିସି ରଖିବା ଦରକାର। ଯାହାଫଳରେ ଉପଭୋକ୍ତମାନେ କ୍ଷତିରେ ପଡିବେନାହିଁ। ହେଲେ ଘରୋଇ କମ୍ପାନୀ ସହ ସରକାରଙ୍କର ଭିତିରି ସମ୍ପର୍କ ଥିବା ଫଳରେ ଉପଭୋକ୍ତା ଅସୁବିଧାର ସମ୍ମୁଖୀନ ହେଉଥିଲେ ବି କେହି ଏହା ଉପରେ ଗୁରୁତ୍ୱ ଦେଉନାହାନ୍ତି। ଓଇଆରସି କେବଳ ତାରିଫ୍ ତିଆରି କରିବା ପାଇଁ ଗଠନ ହୋଇନଥିଲା। ଏହି କମିଶନର ଅନେକ ଗୁରୁଦାୟିତ୍ୱ ଥିଲେ ବି ସରକାର ଏସବୁ ଦାୟିତ୍ୱ ତାଙ୍କୁ ଦେଇନଥିଲା ଭଳି ମନେ ହେଉଛି। ଗୋଟିଏ କମିଶନ ସବୁ ଦାୟିତ୍ୱ ବହନ କରିବା କଥା। ଯଥା- ବିତରଣ, ବିଲିଂ, ବିଦ୍ୟୁତ୍ ଫ୍ରିକ୍ୱେନ୍ସି ପର୍ଯ୍ୟନ୍ତ ସବୁଥିରେ ତଦାରଖ କରିବା କଥା। କେବଳ ତାରିଫ୍ ତିଆରି କରି ଓଇଆରସି ଚୁପ୍ ରହିବା ଅନ୍ୟତମ ସନ୍ଦେହର କାରଣ। ଖୁଣ୍ଟରେ ବିଦ୍ୟୁତ୍ ତାର ରହିବା ଫଳରେ ବିତରଣରେ କ୍ଷତି ହେଉଥିବା କୁହାଯାଉଥିଲା। ଯେଉଁଥିପାଇଁ ଏଲ୍ଏନ୍‌ଟି କମ୍ପାନୀ ଦ୍ୱାରା ରାଜଧାନୀରେ ଭୂତଳ ବିଦ୍ୟୁତ୍ ଯୋଜନା କରାଯାଇ କୋଟି କୋଟି ଟଙ୍କା ଖର୍ଚ୍ଚ କରାଗଲା। ହେଲେ ଏପର୍ଯ୍ୟନ୍ତ ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଆଗରୁ ୪୨% ଟ୍ରାନ୍ସମିଶନ କ୍ଷତି ଦର୍ଶା ଯାଉଥିଲା ବେଳେ ବର୍ତ୍ତମାନ ଏହା ୩୫%କୁ କମିଛି। ହେଲେ ଦେଶର ଅନ୍ୟ ମେଟ୍ରୋ ସିଟି ଭଳି ଏଠାରେ ବିଦ୍ୟୁତ୍ ବିତରଣ ହେଉନାହିଁ। ଦିଲ୍ଲୀ, ମୁମ୍ବାଇ ଭଳି ସହରରେ ମାତ୍ର ୧ ମିନିଟ୍ ପାଇଁ ବିଦ୍ୟୁତ୍ କଟିଯାଏ। ହେଲେ ଏଠାରେ ଦିନକୁ ୫ଥର ବିଦ୍ୟୁତ୍ କାଟ ଓ ଏହା ଅଧଘଣ୍ଟାଏରୁ ଉର୍ଦ୍ଧ୍ୱ ସମୟ ହୋଇଥାଏ। ଏହାର କାରଣ କ'ଣ? ଏମିତି ଦେଖିଲେ ପ୍ରତ୍ୟେକ ଦିନ ୩ ରୁ ୪ ଘଣ୍ଟା ବିଦ୍ୟୁତ୍ କାଟ ହେଉଛି। ଯାହାଫଳରେ ଘରୋଇ କମ୍ପାନୀ କିଣୁଥିବା ବିଦ୍ୟୁତ୍ ବ୍ୟବହାର କମ ହେଉଛି ଓ ଉପଭୋକ୍ତା କ୍ଷତିରେ ପଡୁଛନ୍ତି। ସ୍ମାର୍ଟସିଟି ଭୁବନେଶ୍ୱରରେ ବିଦ୍ୟୁତ୍ ଉପଭୋକ୍ତା କୌଣସି ଲାଭବାନ୍ ହୋଇପାରୁନାହାନ୍ତି। ଗ୍ରାହକ ଉପଯୁକ୍ତ ବିଦ୍ୟୁତ୍ ସେବା ନପାଇବା ପଛରେ ଅନ୍ୟଏକ କାରଣ ରହୁଛି ଆଉଟ୍‌ସୋର୍ସିଂ କର୍ମଚାରୀ ଓ ସରକାରୀ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରହୁନାହିଁ। ଏହି ପରିଚାଳନାଗତ ତ୍ରୁଟି ପାଇଁ ରାଜ୍ୟ ସରକାର ହିଁ ଦାୟୀ।

### ସୁରେଶ କୁମାର ରାଉତରାୟ, ବିଧାୟକ



ବର୍ଦ୍ଧିତ ବିଜୁଳି ବିଲ ଆଦାୟ ନାଁରେ ଟାଟା ପାୱାର ଗ୍ରାହକଙ୍କୁ ଲୁଟି ଚାଲିଛି। ବର୍ଦ୍ଧିତ ବିଜୁଳି ଦର ଏପ୍ରିଲ ୪ ତାରିଖରୁ ଲାଗୁ କରିବାକୁ ଓଇଆରସି ନିର୍ଦ୍ଦେଶ ଦେଇଥିବାବେଳେ ଟାଟା ପାୱାର କିନ୍ତୁ ପୁରା ମାସର ବିଲରେ ବର୍ଦ୍ଧିତ ଦର ଲଗାଇ ଗ୍ରାହକଙ୍କୁ ଚୂନା ଲଗାଇଚାଲିଛି। ବର୍ଦ୍ଧିତ ବିଜୁଳି ବିଲ ଆଦାୟ ନାଁରେ ଗ୍ରାହକଙ୍କୁ ଚୂନା। ତ୍ରୁଟି ପୂର୍ଣ୍ଣ ବିଲ ଦେଇ ଗ୍ରାହକଙ୍କଠୁ ଅର୍ଥ ଲୁଟି ଚାଲିଛି ବିଜୁଳି ବଣ୍ଟନ ଦାୟିତ୍ୱରେ ଥିବା ଟାଟା ପାୱାର। ଉଦାହରଣ ଯାହାର ଗତ ମାର୍ଚ୍ଚ ମାସରେ ବିଜୁଳି ବିଲ ଦିଆଯାଇଥିଲା ସେମାନଙ୍କୁ ପୁଣି ଏପ୍ରିଲ ୧୫ରେ ନୂଆ ବିଲ ମିଳିଛି। ନିୟମ ଅନୁସାରେ ମାର୍ଚ୍ଚ ୧୫ ରୁ ଏପ୍ରିଲ ୩ ତାରିଖ ଯାଏ ପୁରୁଣା ଦର ହିସାବରେ ବିଲ ହେବା କଥା। ଏବଂ ଏପ୍ରିଲ ୪ରୁ ଏପିରିଲ ୧୫ ଯାଏ ନୂଆ ଦରରେ ବିଲ ମିଳିବା କଥା। କିନ୍ତୁ ଟାଟା କମ୍ପାନୀ ତାହା ନକରି ପୁରା ମାସର ବିଲ ନୂଆ ଦରର କସି ନେଇଛି। ଏହା ଦ୍ୱାରା ରାଜ୍ୟ ଲକ୍ଷ ଲକ୍ଷ ଗ୍ରାହକଙ୍କ ଠୁ କୋଟି କୋଟି ଟଙ୍କା କମ୍ପାନୀ ଅଧିକ ବିଲ ଆଦାୟ କରିଛି। ରାଜ୍ୟରେ ବିଦ୍ୟୁତ ବିତରଣ ଦାୟିତ୍ୱ ଏବେ ଟାଟା ପାୱାର ନେଇଛି। ହେଲେ ଟାଟା ପାୱାର ଯେବେଠାରୁ ବିଦ୍ୟୁତ ବିତରଣ ଦାୟିତ୍ୱ ନେଇଛି, ସେବଠାରୁ ଉପଭୋକ୍ତାଙ୍କ ଅବସ୍ଥା ଶୋଚନୀୟ ହୋଇଗଲାଣି। ନିଜର ଫାଇଦା ପାଇଁ କମ୍ପାନି ଅଘୋଷିତ ବିଜୁଳି କାଟ ଓ ବିଲ୍ ବୃଦ୍ଧି କରି ନେଉଛି। ଏପରି ଅବସ୍ଥା ନସୁଧୁରିଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ ହେବ।

### ଭାଗବତ ପରିଡା, ସମାଜସେବୀ



ଓଡ଼ିଶା ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବାରେ ଅଗ୍ରଣୀ ରାଜ୍ୟ ଭାବେ ପରିଚିତ। ତାପଜ ବିଦ୍ୟୁତ୍ / ହାଇଡ୍ରୋ ବିଦ୍ୟୁତ୍ ଉତ୍ପାଦନ କରି ଅନ୍ୟ ରାଜ୍ୟ ମାନଙ୍କୁ ବିକ୍ରୟ ମଧ୍ୟ କରୁଛି। ଯେତେବେଳ ରାଜ୍ୟ ବିଦ୍ୟୁତ୍ ଶକ୍ତି ବିଭାଗ ରାଜ୍ୟ ସରକାରଙ୍କ ଅଧିନରେ ଥିଲା ସେତେବେଳେ ସଂସ୍ଥାର ନେତା, ମନ୍ତ୍ରୀ ଠାରୁ ଆରମ୍ଭ କରି କର୍ମଚାରୀମାନେ ବ୍ୟାପକ ଦୁର୍ନୀତି କରୁଥିଲେ। ଏସବୁକୁ ଦୃଷ୍ଟିରେ ରଖି ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ବିଦ୍ୟୁତ୍ ବିଭାଗକୁ ଘରୋଇକରଣ ପାଇଁ ପଥ ପ୍ରସ୍ତୁତ କରିଥିଲେ। ନେସ୍କୋ, ସେସ୍କୋ, ୱେସ୍କୋ, ସେସୁ ଇତ୍ୟାଦି କମ୍ପାନୀ ମାନଙ୍କ ହାତରେ ନ୍ୟସ୍ତ କରାଯାଇଥିଲା ରାଜ୍ୟର ବିଦ୍ୟୁତ୍ ବିତରଣ ବ୍ୟବସ୍ଥା। ଏସବୁ କମ୍ପାନୀ ମାନେ ଗ୍ରୀଡ୍‌କୋ ଠାରୁ ବିଦ୍ୟୁତ୍ କିଣିବେ, ବିତରଣ କରି ଗ୍ରୀଡ୍‌କୋକୁ ଅର୍ଥ ପଇଠ କରିବେ। ଲାଭାଂଶକୁ କମ୍ପାନୀମାନେ କର୍ମଚାରୀମାନଙ୍କ ଦରମା ତଥା ଅନ୍ୟାନ୍ୟ ରକ୍ଷଣାବେକ୍ଷଣ ଉପରେ ଖର୍ଚ୍ଚ କରିବେ। କିଛିବର୍ଷ ପରେ ରିଲାଏନ୍ସ କମ୍ପାନୀ ଓଡ଼ିଶାକୁ ଆସିଲା। ବିତରଣ ଦାୟିତ୍ୱ ଗ୍ରହଣ କଲା। ଗ୍ରାହକମାନଙ୍କ ଠାରୁ ମାସିକ ବିଜୁଳି ବିଲ ଆଦାୟ କରି ଚାଲିଲା। କିନ୍ତୁ ଗ୍ରୀଡ୍‌କୋକୁ ରିଲାଏନ୍ସ ଟଙ୍କା ପଇଠ କଲାନାହିଁ। କିନ୍ତୁ ରାଜ୍ୟ ସରକାରଙ୍କ ଚାପ ପରେ ବାକିରେ ବାକିରେ ଗ୍ରୀଡ୍‌କୋ ଦେଇ ଚାଲିଲା ବିଜୁଳି ଶକ୍ତି। କିନ୍ତୁ ବାକି ଟଙ୍କା ପାଞ୍ଚ ହଜାର କୋଟିରୁ ଅଧିକ ହେବାରୁ ଗ୍ରୀଡ୍‌କୋ ମନା କରିଦେଲା ବିଦ୍ୟୁତ୍ ଯୋଗାଇବା ପାଇଁ। ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରିବା ପାଇଁ ରିଲାଏନ୍ସ ମନ୍ୟସ୍ତ କଲା। ବିଦ୍ୟୁତ୍ ଦର ବୃଦ୍ଧିକୁ ନେଇ ବ୍ୟାପକ ଆନ୍ଦୋଳନ ହେଲା। ଇତିମଧ୍ୟରେ ରିଲାଏନ୍ସ ଓଡ଼ିଶା ଛାଡିବାକୁ ସଜବାଜ ହୋଇଗଲା। ଓଡ଼ିଶା ସରକାରଙ୍କ ଅଫିସର ମାନେ ଯାହା ଦୁର୍ନୀତି କରିବା କଥା କରିନେଲେ। ରାଜ୍ୟ ସରକାର କିଛିଦିନ ପାଇଁ ବିଜୁଳି ବିତରଣ ବ୍ୟବସ୍ଥାକୁ ନିଜ ଅଧିନରେ ରଖିଲେ। ତା'ପରେ ଟାଟା କମ୍ପାନୀକୁ ହସ୍ତାନ୍ତର କଲେ ରାଜ୍ୟର ବିଦ୍ୟୁତ୍ ବିତରଣ ବ୍ୟବସ୍ଥା। ଟାଟା କମ୍ପାନୀକୁ ଯେଉଁଭଳି ରାଜ୍ୟ ସରକାର ନିର୍ଦ୍ଦେଶ ଦେଲେ ତଦନୁଯାୟୀ ଟାଟା ବିଜୁଳି ୟୁନିଟ୍ ଦର ବୃଦ୍ଧି କଲା। ଟାଟା କମ୍ପାନୀ ଆଉ ରାଜ୍ୟ ସରକାରଙ୍କ ମଧ୍ୟରେ ଯାହା କିଛି ବୁଝାମଣା ହୋଇଛି ନିଶ୍ଚୟ ଭାବରେ ପିସି ସ୍ଥାନ ପାଇବ। ତେଣୁ କମ୍ପାନୀ ଗ୍ରାହକମାନଙ୍କ ଠାରୁ ଅଧିକ ଟଙ୍କା ଆଦାୟ କରିବ ଆଉ ରାଜ୍ୟ ସରକାରଙ୍କୁ ଅଣ ଲିଖିତ ଭାବେ ମୋଟା ଅଙ୍କର ପିସି ଦେବ। ସୁତରାଂ ରାଜ୍ୟ ସରକାର ନିଜର ସ୍ୱଷ୍ଟ ମତ ପ୍ରକାଶ କରନ୍ତୁ। ବିଜୁଳି ୟୁନିଟ୍ ଦର ପୂର୍ବାବସ୍ଥାକୁ ଫେରାଇ ଦିଅନ୍ତୁ। ପିସି ନ ମିଳୁ ପଛେ ସାଧାରଣ ଲୋକ ମାନଙ୍କ ପ୍ରତି ଧ୍ୟାନ ଦିଅନ୍ତୁ। ଅତି କମରେ ପ୍ରଥମ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ୨.୫୦ ଦର ନିର୍ଦ୍ଧାରଣ କରନ୍ତୁ।

### ଅଭୟ ଚରଣ ସିଂହ (ଅନୁ), ସମାଜସେବୀ



ଟାଟା ପାୱାର ଯେବେଠାରୁ ଆସିଲାଣି ସେବେଠାରୁ ବିଦ୍ୟୁତ୍ ବିଲ୍ ତିନିଗୁଣ ବଢ଼ିଛି। ବର୍ଦ୍ଧିତ ବିଦ୍ୟୁତ୍ ବିଲ୍ ସମ୍ପର୍କରେ ସରକାର କିମ୍ବା ଓଇଆରସି ଆଗୁଆ କୌଣସି ସୂଚନା ଦେଇନଥିଲା ବେଳେ ଏଭଳି ଅଘୋଷିତ ବର୍ଦ୍ଧିତ ବିଦ୍ୟୁତ୍ ବିଲ୍ ଆସିବା ପଛରେ ଘରୋଇ କମ୍ପାନୀ ଓ ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ରହିଛି। ବିନା କାରଣରେ ମିଟର ପରିବର୍ତ୍ତନ ଠାରୁ ଆରମ୍ଭ କରି ନିୟମିତ ବିଦ୍ୟୁତ୍ ବିଲ୍ ନଦେଇ ୨-୩ ମାସରେ ଥରେ ବିଲ୍ ଦେଇ ବିଦ୍ୟୁତ୍ ଗ୍ରାହକଙ୍କଠାରୁ ଲୁଟ୍ କରାଯାଉଛି। ବିଦ୍ୟୁତ୍ ସେବା ଭଲ ନଥିଲା ବେଳେ ଅଧିକ ବିଦ୍ୟୁତ୍ ବିଲ୍ ଦାବି କରିବା ପଛରେ ଘରୋଇ ବିଦ୍ୟୁତ୍ କମ୍ପାନୀର ଉଦ୍ଦେଶ୍ୟ କ'ଣ ବୁଝାପଡୁନାହିଁ। କିନ୍ତୁ ଜନସାଧାରଣ କ୍ଷତିରେ ପଡୁଛନ୍ତି। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ଦରକାର।

### ଶରତ କୁମାର ଭୂୟାଁ, ଆଇନଜୀବୀ



ଖଜୁରୀ ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ। ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଦୁହେଁ ମିଳିତ ଭାବେ ଖାଉଟି ବିରୋଧୀ ସରକାର। ବର୍ତ୍ତମାନ ସବୁ ସରକାରୀ ସଂସ୍ଥା ଘରୋଇ ହେବାକୁ ଯାଉଛି। ଜନତାଙ୍କୁ ଭୂଆଁ ବୁଲାଇ ଶାସନ କରୁଛନ୍ତି। ଏବେ ପୁଞ୍ଜିବାଦୀଙ୍କ ଶାସନ ଚାଲିଛି। ଭାରତ ବର୍ଷର ମଧ୍ୟବିତ ଲୋକ ୪୦% ହୋଇଥିଲା ବେଳେ ଗରିବଙ୍କୁ ମାଗଣା ଦେଇ ଭୋଟ ନେବା ଯୋଜନା ଚାଲିଛି। ମଧ୍ୟବିତ୍ ଓ ନିମ୍ନମଧ୍ୟବିତ୍ ଯେଉଁ ଟିକସ ଦେଉଛନ୍ତି ସେଥିରେ ସରକାର ଚାଲିଥିଲେ ବି ତାଙ୍କ ପାଇଁ କୌଣସି ଯୋଜନା ନାହିଁ। ଅଥଚ୍ ଧନୀ ଲୋକ ମାଲାମାଲ ହେଉଛନ୍ତି। ଯେପର୍ଯ୍ୟନ୍ତ ବୁଦ୍ଧିଜୀବୀମାନେ ଚିନ୍ତା କରିନାହାନ୍ତି ସେ ପର୍ଯ୍ୟନ୍ତ କେବଳ ଟାଟା କମ୍ପାନୀ ନୁହେଁ ଆଦାନୀ, ଅମ୍ବାନୀ ଭଳି କମ୍ପାନୀ ଆମକୁ ଲୁଟି ଚାଲିବେ ଓ ଶାସନ କରିବେ। ମୋର ନିବେଦନ ଏହା ବିରୁଦ୍ଧରେ ଜନଆନ୍ଦୋଳନ ହେବା ଦରକାର।

### ପ୍ରସନ୍ନ କୁମାର ନାୟକ
**ବରିଷ୍ଠ ସାମ୍ବାଦିକ**



ଟାଟା ପାୱାର ଗୋଟେ ପାୱାରଫୁଲ୍ ସଂସ୍ଥା। ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ଓଡ଼ିଶାରେ ଆଗରୁ ଯିଏ ରହିଥିଲେ ସିଏ ଗଲେ କୁଆଡେ ଓ କାହିଁକି ଗଲେ। ଓଏସ୍‌ଇବି ଠାରୁ ଆରମ୍ଭ କରି ସେସୁ ପର୍ଯ୍ୟନ୍ତ ଅନେକ କମ୍ପାନୀ ଆସିଲେ ଓ ଗଲେ। ଏହାର ରହସ୍ୟ ଏପର୍ଯ୍ୟନ୍ତ କିଛି ବୁଝା ପଡୁନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ବିଦ୍ୟୁତ୍ ବିତରଣ କମ୍ପାନୀର ନାମ ବଦଳିଛି, କାମ ସମାନ। ଏଭଳି ପରିବର୍ତ୍ତନ ପଛରେ ସରକାରଙ୍କର ନିଶ୍ଚୟ କିଛି ମନ୍ଦ ଉଦ୍ଦେଶ୍ୟ ରହିଛି। ନଚେତ୍ ଟାଟା ପାୱାର ହାତକୁ ବିଦ୍ୟୁତ୍ ବିତରଣ କ୍ଷମତା ଯାଇଥାନ୍ତା କିପରି। ପୋଖତ ବେପାରୀ ଓ ଲୋକପ୍ରିୟ ସରକାର ଦୁଇଟି କଥା ଯେତେବେଳେ ସରକାର ବେପାରୀ ହୁଅନ୍ତି ଜନସାଧାରଣ ଦୁର୍ଦ୍ଦଶା ଭୋଗିବା ସ୍ୱାଭାବିକ। ଯାହା ଆମ ରାଜ୍ୟରେ ଏବେ ଦେଖିବାକୁ ମିଳୁଛି। ସରକାରୀ-କମ୍ପାନୀ ଏକ ହେବା ଦ୍ୱାରା ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ବିଦ୍ୟୁତ୍ କ୍ଷେତ୍ରରେ ଏଭଳି ଅରାଜକତା ଲାଗି ରହିଲେ ଆଗାମୀ ଦିନରେ ଜନଆନ୍ଦୋଳନ ନିଶ୍ଚୟ ହେବ।

### Priya Ranjan Sahu, Sr. Journalist



The government had earlier given the distributation to Anil Ambani group. The group looted from people and the left. The government took it over, infused public money and then handed it to another private entity Tata. History will repeat itself soon. However it is a money making process for both the private companies as well as people in the government at the cost of common consumers.

### ଅକ୍ଷୟ ଦାସ
**ଆଇନଜୀବୀ**



ସରକାର ବହୁ ଉପାୟ ଚିନ୍ତା କରି ପୂର୍ବରୁ ବିଦ୍ୟୁତ୍ ବିଲ୍‌ରେ ଅତ୍ୟଧିକ ଶୋଷଣ କରିକି ଉପଭୋକ୍ତା ମାନଙ୍କୁ ଲୁଟ୍‌ପାତ କରି ଅଣନିଶ୍ୱାସୀ କରିପକାଇଲେ। ଏବେ ଟାଟା ପାୱାରକୁ ଏହି କାର୍ଯ୍ୟରେ ଲଗାଇ ଏକ ଗୁପ୍ତ ରାଜିନାମା ଉଭୟ ପକ୍ଷଙ୍କ ଭିତରେ ସ୍ୱାକ୍ଷର କରି ଉପଭୋକ୍ତାମାନଙ୍କୁ ବିଭିନ୍ନ କର୍ପୋରେଟ ଅନ୍ଦାଜରେ ଶୋଷଣ କରିକି ନିଜ ନିଜର ପାର୍ଷିକୁ ବୃଦ୍ଧି କରିବାରେ ଲାଗିପଡିଛନ୍ତି। ନିରୀହ ସାଧାରଣ ଜନତା ଅତିଷ୍ଠ ଏପରି ଅରାଜକତାରେ। ଏହି ନୀତି ବିପକ୍ଷରେ ବିରୋଧ, ଜନଆନ୍ଦୋଳନ, ପ୍ରତିକାର ନହେଲେ ବିରାଟ କ୍ଷତି, ଅସହାୟର ସମ୍ମୁଖୀନ ସୁନିଶ୍ଚିତ ଓ ଜନଅସନ୍ତୋଷର ପରିଣାମ ପ୍ରଶାସନ ବିପକ୍ଷରେ ସୂଚିତ କରିବ ପରବର୍ତ୍ତୀ ସମୟରେ।

### ରଶ୍ମୀ ମହାପାତ୍ର, କଂଗ୍ରେସ ନେତ୍ରୀ



ରାଜଧାନୀରେ ନା ବର୍ଷା ନା ପବନ, କଟି ଯାଉଛି ଲାଇନ୍। ଭୀଷଣ ଗୁଳୁଗୁଳିକୁ ମଶା ଉପଦ୍ରବ, ଅସ୍ତବ୍ୟସ୍ତ କରୁଛି। ହେଲ୍‌ପ ଲାଇନ ନମ୍ବର ୧୯୧୨କୁ ଫୋନ୍ କରିବାରୁ ଉତ୍ତର ମିଳୁଛି, ଆପଣଙ୍କ ଏରିଆ ଅଫିସକୁ ଜଣାଇ ଦେଉଛୁ। କିଛି ସମୟ ପରେ ବି ଲାଇନ୍ ଆସିଲାନି। ହେଲେ ଯା'ପରେ ଯେତେ ଥର ୧୯୧୨ ହେଲ୍‌ପ ଲାଇନ ନମ୍ବରକୁ ଫୋନ୍ କଲେ ବି କେହି ଉଠାଉ ନାହାନ୍ତି। ଏହା ଦିନକଥର କଥା ନୁହେଁ। କେବେ ସକାଳୁ ତ କେବେ ଅପରାହ୍ନରେ ପୁଣି କେବେ ରାତି ଅଧରେ... ବାରମ୍ବାର ଏମିତି ବିଜୁଳି କାଟ ହେଉଛି। ବୁଝାପଡୁନି- ଏଇଟା ସ୍ମାର୍ଟ ସିଟି ଭୁବନେଶ୍ୱର ନା କେଉଁ ଦୁର୍ଗମ ଅଞ୍ଚଳ। ଏଭଳି ବିଜୁଳି କାଟରେ କେବଳ ଭୁବନେଶ୍ୱର ନୁହେଁ, ରାଜ୍ୟର ପ୍ରାୟ ସବୁ ଅଞ୍ଚଳ ଛଟପଟ ହେଉଛି। ରାଜଧାନୀରୁ ଅନ୍ୟ ଅଞ୍ଚଳ କଥା ସହଜରେ ଅନୁମାନ କରାଯାଇପାରେ। ସାରା ଓଡ଼ିଶାରେ ବିଦ୍ୟୁତ୍ ବିତରଣ ଦାୟିତ୍ୱ ଏବେ ଟାଟା ପାୱାର ହାତରେ। ହେଲେ ଟାଟା ପାୱାର ଯେବେଠୁ ବିଦ୍ୟୁତ୍ ବାଦୟିତ୍ୱ ନେଲାଣି, ସେବେଠାରୁ ଉପଭୋକ୍ତଙ୍କ ଅବସ୍ଥା ଶୋଚନୀୟ ହେଲାଣି। ନିଜର ଫାଇଦା ପାଇଁ କମ୍ପାନୀ ଅଘୋଷିତ ବିଦ୍ୟୁତ୍ କାଟ କରୁଛି।

### Dillip Sethi

I am pay Rs. 1200 in 4 month , after 4-5month , I reduce my electric consumption, then I pay only 500-700 in every month , then they are coming for verification in every 2 month each. & Distrub our family women . & Also don't come collect the money in time , that amount will be charged interest in next month.

### Pinaki Keshari Behera

In 2 month they reach to the customer and then give him the bill . The rule is in every 1 month they must pay the bill to the customer . But what happened ? In this pandemic time the company looted us for 6 months or more .If any questions we will arise they just go the higher authority ?

### ବିଶ୍ୱମ୍ଭର ଦାଶ
**ଆଇନଜୀବୀ**



ଟାଟା ପାୱାର ପ୍ରକୃତରେ ଲୋକଙ୍କୁ ଭୂଆଁ ବୁଲାଇ ଲୁଟୁଛି। ଟାଟା ଓ ସରକାର ମିଶିକି ଲୋକଙ୍କୁ ଲୁଟୁଛନ୍ତି। ଘୋର ଅନ୍ୟାୟ। ତୁରନ୍ତ ଟାଟା ପାୱାରକୁ ହଟାଯାଉ।

### Pradosh Dash

Yes the Company has failed to provide Customer satisfaction, I have also received mor than ten year bill at a time.. also registered the complaint on its official website failed to get a positive reply and finally I paid the amount bcz I don't want to involve it which will cost my valuable time in future..

### Pravat Dash

Covid 19 snatched away good financial condition of the lower middle class and poor people who maintain there livelihood from daily wages.Price hike in all materials such as hike in vegetable ,grocery,doctor consultation fees and many more aspects put the poor in tense.issuance of electric bill for 2-3months at a time adds financial stringency to the poor and all the category of people as well.So electric dept.may please be asked to solve this problem of the poor soon.

### Mithun Pradhan

No available Miter box in office.now a day no current supply in my home.we are face many problems. companys workers no panchual.

### Sanjay Bharati

Cesu was better. Everyone knows that Tata company is looting odisha.why there is an unnecessary powercut.when we will complain regarding the powercut they will told u that some construction work is going on,kindly wait. In this way they are fooling the public.

### ପ୍ରତାପ ଦାସ
**ଆଇନଜୀବୀ**



ଏବେ ଗାଁ କଣ ସହର କ'ଣ ସବୁଠି ସମସ୍ତଙ୍କର ଗୋଟେ ଚିନ୍ତା। ଟାଟା ପାୱାର ଇଲେକ୍ଟ୍ରି ବିଲ୍ ବହୁତ ବଢ଼ାଇ ଦେଇଛି। ତୁରନ୍ତ ସରକାର ଟାଟା ପାୱାରକୁ ହଟାନ୍ତୁ।

### Sandeep Samal

Really a bad experience with TPCODL.Everything seems drama... Very poor service. frequent power cut without prior intimation, poor voltage... Nothing happens even after complaining.Even though Odisha is self sufficient in thermal power, still we are unfortunate to have higher electricity charges than New Delhi, Chhatisgarh, Tamilnadu.

### ଶିବାଶିଷ ମହାପାତ୍ର, ଆଇନଜୀବୀ



ଆମ ରାଜ୍ୟ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବାରେ ଦେଶରେ ଏକ ଅଗ୍ରଣୀ ରାଜ୍ୟ। ଆମେ ଅନ୍ୟକୁ ବିଦ୍ୟୁତ୍ ଶକ୍ତି ବିକୁଛୁ। ଅତୀତରେ ବିଭିନ୍ନ ଯୋଜନା କରି ସରକାର ତାଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଲେନି। ପରେ ରିଲାଏନ୍ସ କମ୍ପାନୀକୁ ଡାକିଆଣିଲେ। ସେ କମ୍ପାନୀ ପରୁ ପର୍ଯ୍ୟନ୍ତ ଆମକୁ ଲୁଟିଲା। ଏବେ ଟାଟା କମ୍ପାନୀକୁ ଆଣିଛନ୍ତି। ରିଲାଏନ୍ସ ହଉ କି ଟାଟା ସବୁ କମ୍ପାନୀର ମୁଳ ଲକ୍ଷ୍ୟ ମୁନାଫା କମେଇବା। ସମାଜସେବା କରିବା ସେମାନଙ୍କର ଲକ୍ଷ୍ୟ କେବେ ନୁହେଁ। ଯେଉଁଠି ସରକାର ନୀରବଦ୍ରଷ୍ଟା ସେଠି କମ୍ପାନୀ ଗୁଡାକ ଉପଭୋକ୍ତାଙ୍କ କଷ୍ଟ କାହିଁକି ବା ବୁଝିବେ। ତେଣୁ କୌଣସି କମ୍ପାନୀକୁ ଭୁଲ୍ ଦବା ଆଗରୁ ଆମେ ଆମ ସରକାରଙ୍କ ଆଭିମୁଖ୍ୟ ବିଷୟରେ ଚିନ୍ତା କରିବାର ଅଛି। ସାଧାରଣତଃ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ତଥା ଲୋକମାନଙ୍କୁ ଅନ୍ୟାନ୍ୟ ସମସ୍ତେ ମୌଳିକ ସୁବିଧା ଯୋଗାଇଦେବା ସରକାରଙ୍କ ମୁଖ୍ୟ କାମ। ସରକାର ସେସବୁ ଦାୟିତ୍ୱ କମ୍ପାନୀକୁ ଟେକିଦେବା ଜନହିତରେ କେବେ ନୁହେଁ। ଜନମଠୁ ତ ନୁହେଁ ଜନମ ଆଗରୁ ମମତା ଯୋଜନାରୁ ଆରମ୍ଭ ହୋଇ ମଲା ପରେ ମଶାଣୀ ଖର୍ଚ୍ଚ ପାଇଁ ହରିଶ୍ଚନ୍ଦ୍ର ଯୋଜନା ଲୋକଙ୍କୁ ଦେଇ ସରକାର ଅଯଥାରେ ଋଣ ଭାର ବଢ଼େଇ ଚାଲିଛନ୍ତି। ରାଜ୍ୟର ନବେ ଭାଗ ଲୋକେ ମାଗଣା ଯୋଜନା ପାଇଁ ବେଶ ଆରାମରେ ଅଛନ୍ତି ବୋଲି ଭାବୁଛନ୍ତି। ଏକ ନିର୍ଦ୍ଦିଷ୍ଟ ଦଳକୁ ବାରମ୍ବାର ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ଜିତାଉଛନ୍ତି। ସେ ଦଳ ନିରଙ୍କୁଶ କ୍ଷମତା ପାଇଲା ପରେ ମନ ଇଚ୍ଛା କାମ କରୁଛି। ଦୀର୍ଘଦିନ କ୍ଷମତାରେ ରହିବା ପରେ ସ୍ୱେଚ୍ଛାଚାରୀ ହେଇଯିବାଟା ବି ସ୍ୱାଭାବିକ। ନିଜ ଢ଼ୋଲ ନିଜେ ବଜେଇ ଯେତେ ଡିଣ୍ଡିମ ପିଟିଲେ ବି ସରକାର ବଦଳିବା ନିହାତି ଦରକାର। ଦିନେ ଇଷ୍ଟ ଇଣ୍ଡିଆ କମ୍ପାନୀ ଆମକୁ ଲୁଟୁଥିଲେ ଆଜି ଏମାନେ। ବାକି ରହିଲା ୟୁନିଟ୍ ପିଛା ଚଢ଼ା ଦର ଆଦାୟ କରିବା ସାଙ୍ଗକୁ ମାସିକ ବିଲ୍ ଠିକଣା ସମୟରେ ନ ଦେଇ ଆମକୁ ଲୁଟିବା ଘରୋଇକରଣର ମୂଳ ମନ୍ତ୍ର। ଆମର ଦୁର୍ଭାଗ୍ୟ ରାଜ୍ୟରେ କୌଣସି ବିରୋଧୀ ଦଳ ଥିଲା ଭଳି ଲାଗୁନାହିଁ। ଗତ ସପ୍ତାହରେ ବିଦ୍ୟୁତ୍ ଶୁଳ୍କ ଲୁଟ୍ ବିରୁଦ୍ଧରେ ବିଜେପିର ବିକ୍ଷୋଭ ଗୋଟେ ଶୁଭ ସୂଚନା ଦେଉଥିଲା। ହେଲେ ସେହି ଦିନ ଜଣେ ବିଧାୟକଙ୍କୁ ଦଳରୁ ନିଲମ୍ବନ କରି ସମସ୍ତଙ୍କ ଦୃଷ୍ଟି ହଟେଇଦେଲେ। ଚତୁରେ ଚତୁରେ ମିଡିଆ ମ୍ୟାନେଜମେଣ୍ଟ ବି ବଢ଼ିଆ ବାଗରେ କରିଦେଲେ। ସରକାରଙ୍କର ଯେ ମନୋମୁଖୀ କାର୍ଯ୍ୟକଳାପ ବିରୁଦ୍ଧରେ ଏକ ଜନ ଆନ୍ଦୋଳନ ହେବା ଅପରିହାର୍ଯ୍ୟ। ଏପରି ଏକ ସ୍ପର୍ଶକାତର ପ୍ରସଙ୍ଗକୁ ନେଇ ଜନମତ ଲୋଡିଥିବାରୁ ଆମ ସବୁର ପ୍ରିୟ 'ଏକମାତ୍ର'ର ସମ୍ପାଦକ ମହାଶୟଙ୍କୁ ହୃଦୟରୁ ଅଶେଷ ଧନ୍ୟବାଦ।

### ଗୌତମ ନାୟକ

ଗ୍ରାହକ ପ୍ରତି ୧ କିଲୋୱାଟରେ ୧୪୪ ୟୁନିଟ୍ ଜାଳିବା କଥା। ସେଥିପାଇଁ ଗ୍ରାହକ ସିକ୍ୟୁରିଟି ଦେଇଥାଏ। ସେହି ଅନୁସାରେ ଗ୍ରାହକ ନିଜ ବିଲ୍‌ର ପୁରା ପଇସା ପ୍ରତିମାସରେ ପୈଠ କଲେ ମଧ୍ୟ ପ୍ରତି କିଲୋୱାଟ୍ ଅନୁସାରେ ଅଧିକ ଜାଳିବା ଦେଖାଇ କେବଳ ସିକ୍ୟୁରିଟି ପାଇଁ ୨୪ ଗୁଣା ପର୍ଯ୍ୟନ୍ତ ଫାଇନ୍ କାଟି ଘରେ ପୋଲିସ ପୁରାଇ ଏକ ଭଦ୍ର ସମାଜରେ କମ୍ପାନୀ ଅଭଦ୍ର ବ୍ୟବହାର କରୁଅଛି। ଗ୍ରାହକ ଅସନ୍ତୋଷ ଚୁକ୍ତି ଅନୁସାରେ କମ୍ପାନୀ ମଧ୍ୟ ଗ୍ରାହକଙ୍କୁ ସବୁବେଳେ ୨୩୦ ଭୋଲ୍‌ଟର ବିଜୁଳି ଦେବା କଥା ଯାହାକି କମ୍ପାନୀ କେବେବି ଦେଉନାହିଁ ଏବଂ ବାରମ୍ବାର ଲାଇନ୍ କଟାଯାଇଛି। ଏଥିପାଇଁ ଗ୍ରାହକ କେଉଁ ପୋଲିସକୁ ନେଇ କମ୍ପାନୀ ଘରେ ପସିବ ସରକାର ତାହା ମଧ୍ୟ ସ୍ଥିର କରିବା କଥା, କାରଣ କମ୍ପାନୀକୁ ପୋଲିସ ସରକାର ଯୋଗାଇଛନ୍ତି। କମ୍ପାନୀର ଯଦି ଅଧିକ ଶୁଳ୍କ ଗ୍ରାହକଙ୍କ ଠାରୁ ହେଉଅଛି ତେବେ ଗ୍ରାହକଙ୍କୁ ପୂର୍ବରୁ ଜଣାନ୍ତୁ, କାରଣ ଏକ ସଭ୍ୟ ସାମାଜିକ ବ୍ୟବସ୍ଥାରେ ଗୁଣ୍ଡାମାନଙ୍କ ପରି ପୋଲିସ ଧରି କାହା ଘରେ ପଶିବା ଆଦୌ ଉଚିତ ନୁହେଁ। ଦିଲ୍ଲୀରେ ପ୍ରତି ଗ୍ରାହକ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ପାଉଥିବା ବେଳେ ଓଡ଼ିଶାରେ ଏକ କମ୍ପାନୀକୁ ଗୁଣ୍ଡାପରି ଘରେ ପଶିବାର ଅନୁମତି ଦେଲେ ସରକାର ଯେ, ଆଗାମୀ ଦିନରେ ତାହାର ପରିଣତି ଭୋଗିବେ, ସେଥିରେ କୌଣସି ସନ୍ଦେହ ନାହିଁ।

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି